Split by PDF Splitter



କହିଥିବାରୁ ବଙ୍ଗାଳମାନେ ମିଥ୍ୟାବାଦୀ ବୋଲି ତାହାଙ୍କର ବିଶ୍ୱାସ ହୋଇଅଛି । କଲିକତା-ପ୍ରେସିଡେନ୍ସି କଲେଜର ଟନି ସାହେବଙ୍କ ନାମର ଆଦ୍ୟଅକ୍ଷର ଟି ଅଥବା ଇଂରାଜୀ ଟି ହୋଇଅଛି । ତାନ୍ତ୍ରର ସାହେବ ତାହାଙ୍କୁ ଲକ୍ଷ କରି ଅଛନ୍ତି ବୋଲି କେହି୨ ଅନୁମାନ କରନ୍ତି । ଏପରି ଅନୁମାନର କିଛି ମୂଳ ଅଛି କି ନାହିଁ ତାହା ଜାଣିବା କାରଣ ସ୍ୱର୍ଗୀ ପ୍ୟାରୀମୋହନ ମୁଖୋପାଧ୍ୟାୟ ଟନି ସାହେବଙ୍କ ନିକଟକୁ ପତ୍ର ଲେଖିବାରୁ ସେ ତହିଁର ଉତ୍ତରରେ ଲେଖିଲେ କି ଏ ପ୍ରଶ୍ନର ଉତ୍ତର ଦେବେ ନାହିଁ । ଉତ୍ତର ନ ଦେବାର କାରଣ ଆମ୍ଭେମାନେ ବୁଝିପାରିଲୁଁ ନାହିଁ । ଇଂରାଜୀ ଶିଷ୍ଟାଚାରଘଟିତ କିଛି କଥା ଥିବ । ମାତ୍ର ଉତ୍ତର ନ ଦେବାରୁ ଅନୁମାନଟା ଠିକ ବୋଲି ଅନେକ ଲୋକ ଭାବି ପାରନ୍ତି । ସଞ୍ଜୀବନୀ ଲେଖିଅଛନ୍ତି କି ଟନି ସାହେବ ଇଂରାଜ ହୋଇ ସ୍ପଷ୍ଟ ଭାଗରେ ସାହସ ଦେଖାଇ ପାରି ନାହାନ୍ତି ।

---

## ଉତ୍କଳବନ୍ଧୁ ରେଭେନସା ସାହେବ ।

ଯେ ବ୍ୟକ୍ତି ସୁଖ ଓ ଦୁଃଖ ଉଭୟ ଅବସ୍ଥାର ସଙ୍ଗୀ ଓ ସୁଖବର୍ଦ୍ଧନ ଓ ଦୁଃଖନିବାରଣ ନିମନ୍ତେ ଯତ୍ନ କରେ ସେ ଯଥାର୍ଥବନ୍ଧୁ । ପୁଣି ଦୀର୍ଘକାଳ ଅଦର୍ଶନ ଘଟିଲେ ଯାହାଙ୍କ ସ୍ନେହ ଓ ସହାନୁଭୂତି ଶିଥିଳ ନ ହୋଇ ସମାନଭାବରେ ରହି ଆସେ ଓ ପୁନର୍ବାର ସଙ୍ଗ ଲଭିବାର କାମନା ନ ଥାଏ ସେ ଯେ ଅତିଶ୍ରେଷ୍ଠ ବନ୍ଧୁ ଏଥିରେ ସନ୍ଦେହ ନାହିଁ । ଏପରି ବନ୍ଧୁ ଅତିଦୁର୍ଲଭ ଓ ଅମୂଲ୍ୟ । ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ରେଭେନସା ସାହେବ ଉତ୍କଳର ଏହିପ୍ରକାର ବନ୍ଧୁ । ଅଦ୍ୟ ପାଠକବର୍ଗଙ୍କ ସହିତ ତାହାଙ୍କ ଚର୍ଚ୍ଚା କରିବାକୁ ଅବକାଶ ପାଇବାରୁ ଆମ୍ଭେମାନେ ଆପଣାକୁ ଧନ୍ୟ୨ ମନେ କରୁ ଅଛୁଁ ଏବଂ ଭରସା କରୁଁ ସମସ୍ତଙ୍କ ମନରେ ଏହିଭାବ ଉଦୟ ହେବ ।

ଶ୍ରୀଯୁକ୍ତ ରେଭେନସା ସାହେବ ଓଡ଼ିଶାର ବୈଷୟିକ ଏବଂ ମାନସିକ ଉନ୍ନତି ଉଦ୍ଦେଶରେ ଯେ ସମସ୍ତ ଶୁଭ ଅନୁଷ୍ଠାନମାନ କରି ଯାଇଅଛନ୍ତି ଏବଂ ସ୍ଥାନୀୟ ସରକାରୀ ଉଚ୍ଚପଦମାନ ବାହାର-ଲୋକଙ୍କୁ ନ ଦେଇ ଓଡ଼ିଆମାନଙ୍କୁ ଦେବା-ପାଇଁ ଯେପରି ଯତ୍ନ ଓ ଚେଷ୍ଟା କରି ଅଛନ୍ତି ତାହା କାହାରିକି କହି ଦେବାର ପ୍ରୟୋଜନ ନାହିଁ । ତାହାଙ୍କର କୀର୍ତ୍ତିମାନ ଅଦ୍ୟାପି ଜାଜ୍ୱଲ୍ୟ-ମାନ ରହି ତାହାଙ୍କ ଅକୃତ୍ରିମ ସ୍ନେହ ଓ ବନ୍ଧୁ-ତାର ସାକ୍ଷ୍ୟ ଦେଉଅଛି ! କେହି କହି ପାରନ୍ତି ଯେ ନ୍ୟାୟ୍ୟ ଓ ଦୟାବାନ୍ ବ୍ରିଟିସ ଗବର୍ଣ୍ଣମେଣ୍ଟ ପ୍ରଜା-ମାନଙ୍କ ଧନ ପ୍ରାଣ ରକ୍ଷା ଓ ଉନ୍ନତି ନିମନ୍ତେ ଏତେ ଲାଳାୟିତ ଯେ କୌଣସି ସଦାଶୟ ଉଚ୍ଚ-କର୍ମଚାରୀ ଯେ-ସ୍ଥାନର ଭାରପ୍ରାପ୍ତ ହୋଇ ଥାଏ ସେ-ସ୍ଥାନର ସୁଶାସନ ଓ ଉନ୍ନତି ସକାଶେ ଯେତେ ଯତ୍ନବାନ୍ ହେଉନ୍ତୁ ପଛକେ ସେ କେବଳ ଆପଣା କର୍ତ୍ତବ୍ୟ କାର୍ଯ୍ୟ ନିର୍ବାହ କଲେ ବୋଲି ବୋଲାଯିବ ତହିଁରୁ ଅଧିକ ହୋଇ ପାରିବ ନାହିଁ । ଅର୍ଥାତ ନ କଲେ ତ୍ରୁଟି ବୋଲା ଯାଇ ପାରେ କଲେ ବିଶେଷ ପ୍ରଶଂସାର କଥା ନୁହଇ । ମାତ୍ର ସ୍ମରଣ ରଖିବାର ଉଚିତ ଯେ ପ୍ରଶଂସାକି ଅପ୍ରଶଂସା ସମ୍ବନ୍ଧ ଘଟିତ କଥା ଅଟଇ । ମନୁଷ୍ୟ ମଧ୍ୟରେ କେହି ଏପରି ନାହିଁ ଯେ କି ଆପଣା ଦାୟିତ୍ୱ ଓ କର୍ତ୍ତବ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ସୁନିପୁଣ ସହିତ ରକ୍ଷା କରିବାକୁ ସକ୍ଷମ ହେବ ମନୁଷ୍ୟ ଅପୂର୍ଣ୍ଣ । ସୁତରାଂ ଯେ ବ୍ୟକ୍ତି ସାଧାରଣ ଅପେକ୍ଷା ଆପଣା ଦାୟିତ୍ୱ ଓ କର୍ତ୍ତବ୍ୟ ଅଧିକ ପରିମାଣରେ ନିର୍ବାହ କରିବାକୁ ସକ୍ଷମ ହେବ ସେ ପ୍ରଶଂସାର ଯୋଗ୍ୟ । ଏହାହିଁ ରେଭେନସା ସାହେ-ବଙ୍କ ପ୍ରଶଂସା ଓ ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଆପଣାର ପରମବନ୍ଧୁ ଓ ହିତୈଷୀ ବୋଲି ମାନ୍ୟ କରୁ ଅଛୁଁ । ଯେତେବେଳେ ସବୁ କମିଶନରମାନେ ଏହାଙ୍କ ପରି ଆପଣା୨ ଏଲାକାର ପ୍ରଜାଙ୍କ ସୁସ୍ବଚ୍ଛନ୍ଦତା ଓ ସୁରକ୍ଷା ଉଦ୍ଦେଶରେ ଯତ୍ନ ଓ ପରି-ଶ୍ରମ କରିବେ ତେବେ ଆଉ ଭାବନାର କଥା ନ ଥିବ । ବର୍ତ୍ତମାନ ରେଭେନସା ସାହେବ ବିଲା-ତରେ ବସି ଅଛନ୍ତି । ପ୍ରାୟ ଏକଯୁଗ ହେବ ଓଡ଼ିଶା ଛାଡ଼ି ଗଲେଣି କିନ୍ତୁ ଏତେବେଳେ ଓଡ଼ିଶା ପ୍ରତି ତାହାଙ୍କର କେମନ୍ତ ମାୟାମମତା ଅଛି ତହିଁର କିଞ୍ଚିତ ପରିଚୟ ଦେବା କାରଣ ଏପ୍ରସଙ୍ଗର ଅବତାରଣା ଅମ୍ଭେମାନେ କଲୁଁ । ସେ ନିକଟରେ ଆପଣାର ଜଣେ ବନ୍ଧୁ ନିକ-ଟକୁ ଏକପତ୍ର ଲେଖି ତହିଁରେ ଏଠାର କଲେଜ ବାଳିକା ବିଦ୍ୟାଳୟ ଇତ୍ୟାଦି ବିଦ୍ୟାଳୟ ନାଳ ବନର ଗତକାଳପ୍ରଭୃତିର କୁଶଳବାର୍ତ୍ତା ପଚାରି ଅଛନ୍ତି ଏବଂ ତାହାଙ୍କର ଯେ ସମସ୍ତ ବନ୍ଧୁ ତାହାଙ୍କୁ ମନେ ରଖି ଅଛନ୍ତି ସେମାନଙ୍କୁ ତାହାଙ୍କର ସ୍ନେହ-ବାର୍ତ୍ତା ଜଣାଇବା କାରଣ ଅନୁରୋଧ କରି ଅଛନ୍ତି । ସେ ଲେଖି ଅଛନ୍ତି କି ସେ ଓଡ଼ିଶା-ପାଇ ଝୁରୁ ଅଛନ୍ତି ଓ କେବେ ଏଠାକୁ ଆସି ଆପଣା ଓଡ଼ିଆ ବନ୍ଧୁବର୍ଗ ଓ ପିଲାମାନଙ୍କୁ ଦେଖି ଯିବାକୁ ମନେ କରନ୍ତି କିନ୍ତୁ ତାହାଙ୍କର ବୃଦ୍ଧାବସ୍ଥାର ଦୁର୍ବଳତା ତହିଁର ପ୍ରତିବନ୍ଧକ ହୋଇଅଛି । ଓଡ଼ିଶା ତ୍ୟାଗ କରିବା ଭ୍ରମ ବୋଲି ସେ କେତେ ଥର ମନେ କରି ଯେମନ୍ତ ସେଠାକୁ ଫେରି ଯିବାକୁ ବାଧ୍ୟ କରି ଥିଲେ ମାତ୍ର ଆଉ ତାହା ଭାବିବା ବୃଥା ଜାଣି କରି ମନରେ ଓଡ଼ି-ଶାକୁ ସ୍ମରଣ କରି ରଖି ସାନ୍ତ୍ୱନା ପାଉ ଅଛନ୍ତି । କଟକ ପ୍ରିଣ୍ଟିଂ କମ୍ପାନୀରେ ସେ ଏକଶତ ଟଙ୍କାର ଅଂଶ କ୍ରୟ କରି ଥିଲେ ତହିଁର ଲାଭ ପ୍ରାୟ ଟ ୩୦୦୧ଙ୍କା ଜମା ହୋଇଅଛି ତାହା ନେଇ ନାହାନ୍ତି । ସେ ସମ୍ବନ୍ଧରେ ସେ ଲେଖି ଅଛନ୍ତି କି ଲାଭ ନେବା ଅଶାରେ ସେ ଅଂଶ କ୍ରୟ କରି ନ ଥିଲେ । ଛାପାଖାନା ଦ୍ୱାରା ଓଡ଼ିଶାର ଗୋଟିଏ ମଙ୍ଗଳ ହେବ ଏହି ଆଶାରେ ସେ ତାହା କରି ଥିଲେ । କମ୍ପାନୀର ଅବସ୍ଥା ଏପ୍ରକାର ସନ୍ତୋଷ-ଜନକ ହେବାର ଶୁଣି ସେ ବଡ଼ ଆନନ୍ଦିତ ହେଲେ । ତାହାଙ୍କ ଅଂଶର ଲାଭ ଟଙ୍କା ଓଡ଼ିଶାର କୌଣସି ହିତକାର୍ଯ୍ୟରେ ଲାଗିବାର ଉପାୟ ହେଲେ ସେ ବଡ଼ ଆନନ୍ଦିତ ହୋଇ ଉକ୍ତ ଟଙ୍କା ଦାନ କରିବେ । ଯାହାଙ୍କର ହୃଦୟ ଓଡ଼ିଶା ପ୍ରତି ବର୍ତ୍ତମାନ ସୁଦ୍ଧା ଏପରି ସେ ଅମ୍ଭ-ମାନଙ୍କର କେମନ୍ତ ଶ୍ରେଷ୍ଠ ବନ୍ଧୁ ତାହା ବର୍ଣ୍ଣନା କରିବାକୁ ବାହୁଲ୍ୟର ଅଭାବ । ଚିରକାଳ ଏପରି ବନ୍ଧୁର ଗୁଣ ଗାଇଲେ ସରିବ ନାହିଁ ।

---

## ଅଦୃଷ୍ଟର-ଫଳ ।

ଗତ ମାର୍ଚ୍ଚମାସରେ ଡେପୁଟୀ ଓ ସବ୍‌ଡେପୁଟୀ କଲେକ୍ଟରୀ ପଦପ୍ରାର୍ଥୀମାନଙ୍କର ଯେଉଁ ପରୀକ୍ଷା ହୋଇଥିଲା ତହିଁର ଫଳ ଗତ କଲିକତା-ଗେଜେଟରେ ପ୍ରକାଶିତ ହୋଇଅଛି ଓ ଅନେକ ଗୁଡ଼ିଏ ଦେଶୀୟଲୋକଙ୍କର କପାଳ ଫିଟିଥିବାରୁ ତାହା ବଡ଼ ପ୍ରୀତିକର ହୋଇଅଛି । ପରୀକ୍ଷା-ପୂର୍ବେ ଗତ ସେପ୍ଟେମ୍ବର ମାସରେ ବିଜ୍ଞାପନ ଦିଆଯାଇଥିଲା କି କେବଳ ୮ ଜଣ ଡେପୁଟୀ-କଲେକ୍ଟର ନିଯୁକ୍ତ ହେବେ । ଅର୍ଥାତ୍ ୪ ଜଣ ପ୍ରତିଯୋଗିତାଦ୍ୱାରା ୨ ଜଣ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କମଧ୍ୟରୁ ଓ ୨ ଜଣ ବିଶେଷ ଡେପୁଟୀ ଏବଂ ସବ୍‌ଡେପୁଟୀଙ୍କମଧ୍ୟରୁ । ତଦନୁସାରେ ଗତ ମାର୍ଚ୍ଚମାସ ପରୀକ୍ଷାରେ ୬୨ ଜଣ ଉପସ୍ଥିତ ହେଲେ ତହିଁମଧ୍ୟରୁ ପରୀକ୍ଷାର ଫଳ ବାହାରି-ବାମାତ୍ରେକେ ୨ ଜଣ ଗତ ମଇମାସରେ ଶିକ୍ଷାନବିସସ୍ୱରୂପ ନିଯୁକ୍ତ ହେଲେ । ପଛକୁ ଜଣାଗଲା ଯେ ସେପ୍ଟେମ୍ବରମାସର ଅନୁମାନ

Digitized by srujanika@gmail.com

ନଥାନ୍ତି ଉଚ୍ଚା ଥିଲା । ଏବଂ ଏପରି ଉଚ୍ଚତମ ଅର୍ଥାତ୍ ଚରିତ କର୍ମଶୂନ୍ୟ ଶ୍ରେଣୀର ଅନେକ ଲୋକ ବରମା ଓ ଆସାମପ୍ରଦେଶମାନଙ୍କୁ ପ୍ରେରିତ ହେବାରୁ ସେମାନେ ସବ୍‌ଡିବିଜନଭାର ଇତ୍ୟାଦି ଯେସବୁ କାର୍ଯ୍ୟ କରୁଥିଲେ ସେହିସବୁ କାର୍ଯ୍ୟ କରିବା ନିମନ୍ତେ ଆବଶ୍ୟକୀୟ ସଂଖ୍ୟକ ଡେପୁଟୀ-କଲେକ୍ଟର ନିଯୁକ୍ତ କରିବାକାରଣ ଇଣ୍ଡିଆଗଭ-ର୍ଣ୍ଣମେଣ୍ଟ ବଙ୍ଗୀୟ ଗଭର୍ଣ୍ଣମେଣ୍ଟଙ୍କୁ ଅନୁମତି ଦେଇ ଅଛନ୍ତି । ବଙ୍ଗଳାର ଯେସବୁସ୍ଥାନରେ ବନ୍ଦୋ-ବସ୍ତ କାର୍ଯ୍ୟ ହେଉଅଛି ତହିଁରେ କେତେ ଜଣ ଉଚିତ କର୍ମଶୂନ୍ୟ ନିଯୁକ୍ତ ହେବାରୁ ତାହାଙ୍କ ସ୍ଥାନ ପୂର୍ଣ୍ଣ କରିବା କାରଣ ଡେପୁଟୀର ପ୍ରୟୋ-ଜନ ହୋଇଅଛି ଏବଂ ମୃତ୍ୟୁ ମଧ୍ୟ ଅନୁମାନର ଅତିରିକ୍ତ ହୋଇଅଛି । ଏହିସବୁ କାରଣରୁ ୬୮ ଣ ସ୍ଥାନରେ ନ ୨୭ ଣ ଡେପୁଟୀ ପ୍ରୟୋଜନ । ଏଥିପାଇଁ ଗତବର୍ଷ ଆରମ୍ଭରେ ମାନ୍ୟବର ଲେପ୍ଟେନାଣ୍ଟ ଗଭର୍ଣ୍ଣରେ ପରୀକ୍ଷା ଦେ-ଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ନ ୮ ଣ ଏବଂ ବିଶେଷ ଡେପୁଟୀ ଓ ସବ୍‌ଡେପୁଟୀ ଶ୍ରେଣୀର ନ ୯ ଣ ଏପରି ନ ୧୭ ଣ ନିଯୁକ୍ତ କରିଥିଲେ । ଗତବର୍ଷ ଅର୍ଥାତ୍ ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଦୁଇଜଣ ସାହେବ ସାନ୍ୟାଲପର-ଗନାର ଦୁଇଜଣ ସାହେବ ଡେପୁଟୀ ପେନସନ ନେବାରୁ ତାହାଙ୍କର ପଦରେ ନିଯୁକ୍ତ ହେଲେ । ତଥାପି ଅନେକ ଗୁଡିଏ ଡେପୁଟୀ ନିଯୁକ୍ତ କରିବାର ଆବଶ୍ୟକ ହେବାରୁ ଗତ ମଇ ମାସରେ ଯେଉଁ ନ ୬ ଣ ଶିକ୍ଷାନବିସସ୍ୱରୂପ ମନୋନୀତ ହୋଇଥିଲେ ସେମାନଙ୍କୁ ଦୁଇଶତଟଙ୍କା ବେତନର ଡେପୁଟୀକଲେକ୍ଟରରେ ନିଯୁକ୍ତ କଲେ । ଏବର୍ଷ ଯେତେ ହୋଇପାରିଲା ନକ-ଷତ୍ରୁ ତହିଁର ଅଧିକ ହେବା ଲେପ୍ଟେନାଣ୍ଟ ବିବେଚନା କରନ୍ତି ଏବଂ ଆସନ୍ତାବର୍ଷ ସଙ୍କାଶେ ଏହିସମୟରୁ ଲୋକ ନିଯୁକ୍ତ କରିବା ଉଚିତ । ଏଥିପାଇଁ ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କମଧ୍ୟରୁ ଏଥିପୂର୍ବେ ନିଯୁକ୍ତ ହୋଇଥିବା ପ୍ରଥମ ଦୁଇଜଣ ଉପରୁ ନ ୫ ମ୍ବର ୦ ରୁ ନ ୧୬ ମ୍ବର ପର୍ଯ୍ୟନ୍ତ ନ ୧୨ ଣ ଏବଂ ଏକ-ଚତୁର୍ଥାଂଶରୁ ଅଧିକ ଅଙ୍କ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ନ ୪ ଣ ଏପରି ନ ୧୬ ଣଙ୍କୁ ମାସିକ ଟ ୫୦୧ ଙ୍କା ଲେଖାଏଁ ବେତନରେ ଡେପୁଟୀ-କଲେକ୍ଟରର ଶିକ୍ଷାନବିସସ୍ୱରୂପ ନିଯୁକ୍ତ କରି ଅଛନ୍ତି । ଶେଷ ଦୁଇଜଣଙ୍କ ମଧ୍ୟରେ ନ ୩ ଣ ମୁସଲମାନ ଆଉ ଜଣେ ବଙ୍ଗାଳୀ ଅଟନ୍ତି ।

ପ୍ରଥମ ନ ୧୨ ଣଙ୍କ ମଧ୍ୟରେ ଏଠା ରେଭେନ୍ସା କଲେଜର ଛାତ୍ର ବାବୁ ଶ୍ରୀ ଗୋପାଳ ଭଟ୍ଟାଚାର୍ଯ୍ୟ ଯେ ବି, ଏଲ, ପାଶ କରି ଏଠାରେ ଗତତ ବର୍ଷ ଆରମ୍ଭରୁ ଓକାଲତି କରୁଅଛନ୍ତି ତାହାଙ୍କ ନାମ ଦେଖି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ ଏବଂ ତହିଁ ସଙ୍ଗେ ସଙ୍ଗେ ଏଠାରୁ ଆଉ କେହି ପରୀକ୍ଷା ଦେବାକୁ ଏବର୍ଷ ଯାଇ ନ ଥିବାରୁ ଦୁଃଖିତ ହେଲୁଁ । ଏପରି ସୁଯୋଗ ସର୍ବଦା ଘଟଇ ନାହିଁ । ଓଡ଼ିଶାବାସିଙ୍କର ଏ ପରୀକ୍ଷା ଦେବାପ୍ରତି ଚେଷ୍ଟା ଥିଲେ ଅବଶ୍ୟ ଏଥର ଦୁଇ ତିନିଜଣ ଫଳଲାଭ କରିଥାନ୍ତେ । ଆମ୍ଭେମାନେ ଆଶା କରୁଁ ଏହି ଫଳ ଦେଖି ଓଡ଼ିଆମାନେ ଉତ୍ସାହିତ ହୋଇ ଆଗାମି ପରୀ-କ୍ଷାରେ ଉପସ୍ଥିତ ହେବାକୁ ଯତ୍ନ କରିବେ ।

ସବ୍‌ଡେପୁଟୀ ପରୀକ୍ଷାରେ ଉପସ୍ଥିତ ହେବା ବିଷୟରେ ଭାରି କଟକଣା ହୋଇଥିବା ପ୍ରତ୍ୟକ୍ଷେ ନ ୩୪ ଣ ଉପସ୍ଥିତ ହେବାକୁ ଅନୁମତି ପାଇ ଥିଲେ । ମାତ୍ର ଏପରୀକ୍ଷାର ଫଳ ସନ୍ତୋଷଜନକ ହେଲା ନାହିଁ । ପ୍ରାୟ ସମସ୍ତେ ଅଳ୍ପଅଙ୍କ ପାଇଲେ ଏବଂ କୌଣସି ଏକବିଷୟରେ କାହାର ବିଶେଷ ଯୋଗ୍ୟତା ଦେଖାଗଲା ନାହିଁ । ଅନେକ ବାଛି ମାନ୍ୟବର ଲେପ୍ଟେନାଣ୍ଟ କେବଳ ଏକଜଣ ଅର୍ଥାତ୍ ବାବୁ କୁଞ୍ଜଲାଲ ଗୋସ୍ୱାମିଙ୍କୁ ଗତ ଜୁଲ-ମାସରେ ସବ୍‌ଡେପୁଟୀପଦରେ ନିଯୁକ୍ତ କଲେ । ଡେପୁଟୀ କଲେକ୍ଟରୀ ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇ ମଧ୍ୟ ସେ କାର୍ଯ୍ୟ ପାଇ ପାରି ନାହାନ୍ତି ସେମାନଙ୍କ ମଧ୍ୟରୁ ନ ୩ ଣ ବର୍ତ୍ତମାନ ସବ୍‌ଡେପୁଟୀ ପଦରେ ନିଯୁକ୍ତ ହେଲେ ଏବଂ ଆଉ ନ ୮ ଣ ମାସିକ ଟ ୩୦୧ ଙ୍କା ଲେଖାଏଁ ବେତନରେ ସବ୍‌ଡେପୁଟୀ ଶିକ୍ଷାନବିସସ୍ୱରୂପ ନିଯୁକ୍ତ ହେଲେ । ଏପରି କାନୁନଗୋଙ୍କମଧ୍ୟରୁ ନ ୨ ଣ ସବ୍‌ଡେପୁଟୀ ପଦୋନ୍ନତି ପାଇଲେ ।

ସଂକ୍ଷେପରେ ଯେଉଁ ନ ୫୬ ଣ ଡେପୁଟୀ-କଲେକ୍ଟରୀ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ନ ୨୪ ଣ ଡେପୁଟୀ ବା ତହିଁର ଶିକ୍ଷା-ନବିସ ଓ ନ ୧୧ ଣ ସବ୍‌ଡେପୁଟୀ ବା ତହିଁର ଶିକ୍ଷାନବିସ ଗାଏ ନ ୩୫ ଣ କାର୍ଯ୍ୟ ପାଇଲେ ଅଥଚ କେବଳ ନ ୬ ଣଙ୍କର କାର୍ଯ୍ୟ ପାଇବାର ଆଶା ଥିଲା ଏହା ସାମାନ୍ୟ ଅଦୃଷ୍ଟର ଫଳ ନୁହଇ ।

## ସାପ୍ତାହିକ ସମ୍ବାଦ ।

କଟକ ତାଂ ୧୯ ଶେ ରାତ୍ର ୯ ଘ ସମୟରେ କାଠଯୋଡ଼ି ଠାରେ ସାମାନ୍ୟ ପ୍ରକାର ଭୂମିକମ୍ପ ହୋଇଯାଇଅଛି ।

ପାଟନାର ନାବାଳଗ ମହାରାଜାଙ୍କୁ ଜବଲପୁରଠାରେ ଓଡ଼ିଆ ଓ ଇଂରାଜୀ ପଢ଼ାଇବା କାରଣ ମାସିକ ଟ ୩୦୧ ଙ୍କା ବେତନରେ ଜଣେ ଶିକ୍ଷକ ପ୍ରୟୋଜନ ବୋଲି ଓଡ଼ିଶା ସ୍କୁଲ ଇନସ୍ପେକ୍ଟର ଏକ ବିଜ୍ଞାପନ ପ୍ରକାଶ କରିଅଛନ୍ତି ।

ଯେଉଁସବୁ ରାସ୍ତା ଉପରେ ଅନେକ ଲୋକଙ୍କର ଘର, ସେଥିମଧ୍ୟରେ ଥିବା ନେଟିବମାନଙ୍କର ଘର ଉଠାଇଦେବା ବିଷୟରେ ପଞ୍ଜାବ ମିଉନିସିପାଲଟୀ ପ୍ରସ୍ତାବ କରିବାରୁ ଉକ୍ତ ପ୍ରଦେଶର ମାନ୍ୟବର ଲେପ୍ଟେନାଣ୍ଟ ମିଉନିସିପାଲଟୀ ଅତିକ ଅଯୋଗ୍ୟ ସମୟରେ ଏପରି ଗୋଟିଏ କଥା କହିବାକାରଣ ପ୍ରଶଂସିତ ହୋଇଅଛନ୍ତି । ଅତଃପରେ ସେମାନଙ୍କ ଦରବ ସନ୍ତୋଷ ହୋଇପାରିବ କି ?

ଦକ୍ଷିଣଆଫ୍ରିକାରୁ ଜଣେ ଫକୀର ଆସିଅଛି, ତାହାଙ୍କରେ ଦେଖାଇଲେ କାଇଦ ବାଦ୍ଶାମାନେ ପରିହାର ମାବାପ, ଏମାନ ଛାଡ଼ିଦେଇ ଏହି ଫକୀରଙ୍କରେ ରୁଜୁ ଯାଇଅଛନ୍ତି । ଫକୀର କହୁ ନବ ଜାଣେ ପଢ଼ ।

ବଲୀର ପାଦରୀମାନେ ଗୋଟିଏ ପିଲାକୁ ଖ୍ରୀଷ୍ଟିୟାନ କରି-ବାର ଯୋଗାଡ଼ କରୁଥିବା ସମୟରେ ପିଲାର ବାପ ଖବର ପାଇ, ସେଠା ମାଜିଷ୍ଟ୍ରେଟଙ୍କର ଅନୁମତି ନେବାରୁ ପିଲାଟି ଖ୍ରୀଷ୍ଟିୟାନ ହୋଇପାରିଲା ନାହିଁ । ପିଲାକୁ ବାପକୁ ଦେବା ଭଲ ନୁହଇ ।

ମନ୍ଦ୍ରାଜ ନଗରଠାରେ କହୁଛନ୍ତି ଟିକାଯୋଗ ହୋଇଥିବାର ପ୍ରକାଶପାଏ ।

ଉତ୍ତରପଶ୍ଚିମାଞ୍ଚଳରେ ବାବାଅଞ୍ଚଳର ଶାକୁମ୍ବଳ-ଜଙ୍ଗଲରେ ଦୁଇଜଣ ପ୍ରଜା କନେଷ୍ଟବଲଙ୍କୁ ନ ୪ ଣ ଡକାଏତ ଗୋ-ଳିମାରି ଅଟକ କରିଅଛନ୍ତି ।

ନର୍ଥଓ୍ୱେଷ୍ଟର୍ଣ୍ଣ ରେଲଓ୍ୱେ ବୋମଗଡ଼ ଷ୍ଟେସନରେ ରେଲଗାଡ଼ି ଧକ୍କାରେ ଏକଜଣ ଓକୀଲ ଆପାତ ପାଇଥିବାରୁ ରେଲକୋମ୍ପାନୀଙ୍କ ନାମରେ ଲକ୍ଷଟଙ୍କାର ଖେସାରତ ଦାବୀରେ ନାଲିଶ କରିଅଛନ୍ତି ।

ଗ୍ରାଣ୍ଡର ପାଇଁଷ୍ଟେସନରେ ପାତାଳଗାମୀ ରେଲର କଳ୍ପନା ଉଠିଅଛି ।

ଦକ୍ଷିଣ ଆମେରିକାର ପାର୍ବତ୍ୟପ୍ରଦେଶରେ ଗୋପାଳପୁର ନାମରେ ଏକପ୍ରକାର ବୃକ୍ଷ ଅଛି ତହିଁରୁ ସୁଗନ୍ଧ ଦ୍ରବ୍ୟ ନିର୍ଗତ ହୁଏ ।

ପାରସ୍ୟର ଏକଜଣ ସୁଲତାନଙ୍କ ଆପଣା ହସ୍ତରୁ ମାଂସ କାଟି ରନ୍ଧନ କରୁଥିବ ବୋଲି ହାସପାତାଳରେ ରଖାଯାଇଅଛି । ସେକଥା ରହସ୍ୟଜନକ ଅଟେ ।

ସ୍ପିକାଗୋଗର୍ଜିୟରେ ବ୍ୟାୟାମର ପର୍ବର ତାମସା ଦେଖାଇଁ ଦା ୯ ତ ଉପର ଗୋଟିଏ ବୋଡ଼ାଘୋଡ଼ା ଅପଣା ଅଣ୍ଟାରେ ଗୁଡ଼ାଇ ସେଉଁଥିରେ ଏମନ୍ତ ସମୟରେ ହାତ ଛାଡ଼ିଲେ ତାକୁ ଧରାକ ଉପରୁ ତଳକୁ ଗୋଟିଏ ଦାଉରୁ ସିଡ଼ିପରି । ତହିଁ ବ୍ୟାୟାମର ରଚନା ପ୍ରଦର୍ଶକ ଅତଳଙ୍କରେ ତାକୁ ସେ ନାରାୟଣଙ୍କୁ ସ୍ମରଣ କଲେ ।

ଗୋଟିଏ ଇଂରେଜ ମେଡ଼ିକାଲ ବିଦ୍ୟାଳୟରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଜଣେ ସାହେବ ଇଂଲଣ୍ଡକୁ ଗୋଟିଏ ଅଦ୍ଭୁତ ଘୋଡ଼ା ନେଇ ଯାଇଅଛନ୍ତି । ତାହାର ଉପରେ ଗୋଟିଏ ବାଘ ଦେଖି— ଭୟଙ୍କର ଦୁଇଜଣ ଲୋକଙ୍କୁ ବୋଧ ହୁଏ ।

ନିଉଗିନି ମହିଳାମାନେ ଭନ୍ଦୁପକ୍ଷୀର ପର ( ପକ୍ଷ ) ସୁନ୍ଦର ଅଳଙ୍କାରସ୍ୱରୂପ ଅଙ୍ଗରେ ଧାରଣ କରନ୍ତି । ଏହିହେତୁ ଗତ ବର୍ଷରେ ଗ୍ରେଟବ୍ରିଟେନଠାରୁ ଟ ୫୫୦୦୦୧ ଙ୍କାର ପର ବିକ୍ରୟ ହୋଇଅଛି । ଧନ୍ୟ ଫରାସୀଦେଶୀୟଙ୍କ ମହିମା !

Split by PDF Splitter
Digitized by srujanika@gmail.com
143½ 81

କଲିକତା ଶୋଭାବଜାରର ପ୍ରସିଦ୍ଧ କୁମାରଦେବେନ୍ଦ୍ରନାଥ ମଲ୍ଲିକ ପୁଣ୍ୟମନ୍ଦିରସ୍ଥାପନାର୍ଥ ଟ ୨୫୦୦୦ ଙ୍କା ଦାନ କରିଅଛନ୍ତି ।

ବଙ୍ଗବାସିସମ୍ପାଦକଙ୍କ ମୋକଦ୍ଦମାର ପ୍ରିଭିକୌନ୍ସିଲ ନିମନ୍ତେ ହାଇକୋର୍ଟରେ ପ୍ରାର୍ଥନା ହୋଇଥିଲା ମାତ୍ର ମଞ୍ଜୁର ହେଲା ନାହିଁ ।

ଗତ ଶନିବାର ହରିଣବାଡ଼ୀର ପ୍ରେସିଡେନ୍ସି ଜେଲଖାନାର ଜଣେ ପଠାଣବାଲା ଜଣେ କୟେଦୀକୁ ମର୍ମ୍ମାନ୍ତିକ ପ୍ରହାର କଲା । ତହିଁରେ କୟେଦୀ ପଞ୍ଚତ୍ୱ ପ୍ରାପ୍ତ ହେଲା । ଅନ୍ୟାନ୍ୟ କୟେଦୀମାନେ ତଦ୍ଦର୍ଶନରେ ଉକ୍ତ ପଠାଣବାଲାକୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲେ ମାତ୍ର ପୁଲିସ ଆସିଯିବାରୁ କ୍ଷାନ୍ତ ହେଲେ ମୋକଦ୍ଦମାର ବିଚାର ଲାଗିଅଛି । ପଠାଣବାଲା ଉପରେ ହତ୍ୟାଅପରାଧ ଆସିଅଛି । ଶାନ୍ତିରକ୍ଷାର ଚୂଡ଼ାନ୍ତ ଉଦାହରଣ ।

ବର୍ତ୍ତମାନ ଜଜ-ଅଦାଲତର ଜଣେ ପ୍ରସିଦ୍ଧ ଉକିଲ ଚଟ୍ଟଗ୍ରାମ୍ୟ କୌଣସି ଏକଜଣ ମୁନ୍ସିଫଙ୍କ ନାମରେ ମାନହାନିର ନାଲିସ କରିଅଛନ୍ତି । ମୁନ୍ସିଫ ମହାଶୟ କହିଥିଲେ କି ଉକିଲ ବାବୁ ପ୍ରକାଶ୍ୟ ଅଦାଲତରେ ମଫସଲ୍ ଶିକାର ଦେଉଛନ୍ତି । ସେହି ନଗରବାସିଙ୍କ ମଧ୍ୟରେ ଭୂକମ୍ପଆନ୍ଦୋଳନ ଚଳିଯାଇଅଛି । ମୋକଦ୍ଦମା ରଫା ହେବାର ସମ୍ଭବ ହେଉଅଛି ମାତ୍ର ବାସ୍ତବ ତହିଁରେ କୌଣସିକମେ ଘଟି ନାହିଁ ।

ଦକ୍ଷିଣ ପାରଶ୍ୟର ଧାନ୍ୟକ୍ଷେତ୍ରରେ ଝିଣ୍ଟିକା ପଲ ପଡ଼ି ସମ୍ପୂର୍ଣ୍ଣ ନଷ୍ଟ ଯାଇ ଥିବାର ସମ୍ବାଦ ମିଳଇ । ସେଠା ଗବର୍ଣ୍ଣମେଣ୍ଟ ସେ ଦେଶରୁ ଧାନ ରପ୍ତାନି ବନ୍ଦ କରି ଦେଇ ଅଛନ୍ତି ।— ଏହା ସୁବିବେଚକର କାର୍ଯ୍ୟ ଅଟେ ।

ଶ୍ରୀରାମପୁର ଜିଲ୍ଲାର ମାହେଶଠାରେ ଜଗନ୍ନାଥଦେବଙ୍କ ରଥଯାତ୍ରା ଅତି ସମାରୋହସହିତରେ ସମ୍ପନ୍ନ ହୋଇଅଛି । ବାହୁଡ଼ାଦିନ ସେଠାରେ ଦୁଇଲକ୍ଷ ଯାତ୍ରୀ ଉପସ୍ଥିତ ହୋଇଥିଲେ ।

ଆମେରିକାରେ ଏକବ୍ୟକ୍ତି ଜ୍ୱରରୋଗାକ୍ରାନ୍ତ ହୋଇ ଥିବାରୁ ସେହି ଧାତ୍ରୀ ତାଙ୍କର ଚିକିତ୍ସା କରୁଥିଲେ ସେ ଶରୀରର ଉତ୍ତାପ ଜାଣିବାକାରଣ ରୋଗୀର ଜିହ୍ୱାତଳରେ ଥର୍ମମିଟର ଯନ୍ତ୍ର ରଖି ଦେଇ ଅନ୍ୟତ୍ର ଯାଇଥିଲେ । ଏମନ୍ତ ସମୟରେ ହଠାତ୍ କାଶ ହେବାରୁ ଅଜ୍ଞାନରେ ରୋଗୀ ତାହାକୁ ଗିଳିଗଲା । ରୋଗୀର ଜ୍ୱର ଭଲ ହୋଇଅଛି ମାତ୍ର ତାପମାନଯନ୍ତ୍ର ଗିଳିଥିବାରେ କି ବିପଦ ହେବ ତାହା ଡାକ୍ତରମାନଙ୍କୁ ବଡ଼ ଚିନ୍ତାନ୍ୱିତ କରିଅଛି । ଯନ୍ତ୍ରଟି ୪ ଇଞ୍ଚ ଲମ୍ବ ଓ [illegible] ଇଞ୍ଚ ମୋଟ ଓ ତହିଁରେ ପାରା ଅଛି ।—ଏପର୍ଯ୍ୟନ୍ତ କୌଣସି କଷ୍ଟ ରୋଗୀଠାରେ ଦେଖା ଯାଇ ନାହିଁ ।

ଜର୍ମ୍ମାନି ସମ୍ରାଟ୍ ବିଲାତକୁ ଯାଇଥିବାର ପାଠକେ ଅବଗତ ଅଛନ୍ତି । ସେଠାରେ ସମ୍ରାଟ୍ ମହୋଦୟ ବ୍ୟକ୍ତ କରି ଅଛନ୍ତି ଯେ ମହାରାଣୀଙ୍କର ନାତି ଥିବାରୁ ସେ ବିଲାତକୁ ଆପଣା ଘରପ୍ରାୟ ଜ୍ଞାନ କରନ୍ତି । ଏବଂ ମହାରାଣୀ ତାଙ୍କର ସୁପରାମର୍ଶ ହେତୁ ସର୍ବଦା ତାଙ୍କ ସୁପଥରେ ଚାଳିତ ଅଛନ୍ତି । ସେ ଅତ୍ୟନ୍ତ ଇଚ୍ଛା କରନ୍ତି ଯେ ଇଂଲଣ୍ଡ ଓ ଜର୍ମାନମାନେ ଏକ ବଂଶରୁ ଜାତ ହୋଇଥିବାରୁ ପୂର୍ବେ ଯେପରି ତାଙ୍କ ପିତା ଓ ପିତାମହଙ୍କ ସମୟରେ ଉଭୟ ରାଜ୍ୟ ମଧ୍ୟରେ ବନ୍ଧୁତା ଥିଲା ସେହିପରି ବନ୍ଧୁତା ରକ୍ଷା କରିବା ପ୍ରତି ସେ ସର୍ବଦା ସଚେଷ୍ଟ ଅଛନ୍ତି ଏବଂ ଶାନ୍ତି ତାଙ୍କର ଲକ୍ଷ ଥିବାରୁ ସର୍ବଦା ଶାନ୍ତିମୟୀ ଭାରତ, ବଙ୍ଗ ଏବଂ ସକଳଙ୍କ ଶ୍ରୀବୃଦ୍ଧି ହେତୁ ଇଂଲଣ୍ଡ ଓ ଅନ୍ୟ ଦେଶ ସଙ୍ଗତରେ ମିଳିବାକୁ ଏକାନ୍ତ ପ୍ରସ୍ତୁତ ଅଛନ୍ତି ।

ରୁଷସାମ୍ରାଜ୍ୟ ଅଞ୍ଚଳରେ ନୂତ ଶୋଭାଯାତ୍ରା କାର୍ଯ୍ୟର ସାହାଯ୍ୟ ନିମନ୍ତେ ପୁଷ୍ଟିଅର ଧନୀ ଟ ୪୫୦୦ ଙ୍କା ଦାନ କରି ଥିବାର ସମ୍ବାଦ ମିଳଇ ।—ଉତ୍ତମ ।

ଜର୍ମ୍ମାଣ ସମ୍ରାଟଙ୍କର ଅଭ୍ୟର୍ଥନା ହେତୁ ବିଲାତରେ ବହୁତ ଧୂମଧାମ ହୋଇ ଯାଇଥିବାର ସମ୍ବାଦ ମିଳଇ । ପରେଡରେ ୭୦୦୦ ସେନା ଏବଂ ୧୫୦୦୦ ସୌଖିନ ସେନା ଯୋଗ ଦେଇଥିଲେ । ରଜକୀୟ ଗୀତନାଟ୍ୟର ରଙ୍ଗଭୂମି ବଡ଼ ସୁସଜ୍ଜିତ ହୋଇଥିଲା । ଦର୍ଶକମଣ୍ଡଳୀ ଅତ୍ୟନ୍ତ ଅଧିକ ହୋଇ ଥିଲେ । ସମ୍ରାଟ୍ ଲଣ୍ଡନ ନଗରୀର ଲର୍ଡ ମାୟରଙ୍କ ଆବାସଠାରେ ଭୋଜନ କରିଥିଲେ ଏବଂ ତାଙ୍କ ନିକଟରେ ଅଭ୍ୟର୍ଥନାରେ ଅତୀବ ପ୍ରୀତ ହୋଇଥିବାର ବ୍ୟକ୍ତ କରି ଅଛନ୍ତି ।

## ରଣପୁର-ସମ୍ବାଦ ।

ଏବର୍ଷ ରଥଯାତ୍ରା କର୍ତ୍ତୃପକ୍ଷମାନଙ୍କ ସାହାଯ୍ୟରେ ବହୁ ସମାରୋହରେ ଶେଷ ହୋଇଅଛି ଶ୍ରୀଗୁଣ୍ଡିଚାଠାରୁ ପୂର୍ଣ୍ଣିମାପର୍ଯ୍ୟନ୍ତ ପ୍ରତିଦିନ ଅସଂଖ୍ୟଲୋକ ଏକତ୍ରିତ ହୋଇଥିଲେ । ଶ୍ରୀଅଙ୍ଗ ଦଶ ପନ୍ଦରମେଳ ଆସିଥିବାରୁ ଦର୍ଶକମାନଙ୍କର ପ୍ରୀତିସମ୍ପାଦନ କରିଥିଲେ ନାନାଜାତୀୟ ବ୍ୟବସାୟୀ ଆସି ଦୋକାନ କରି ଅନେକ ଦ୍ରବ୍ୟ କ୍ରୟ କରିଥିଲେ । ବର୍ଷରେ ଏତେଲୋକ ଜମା ହେବାର ଦେଖା ନ ଥିଲା ।

ବର୍ଷା ଅନିୟତ ଭଲରୂପେ ନ ହେବାରୁ ଲୋକଙ୍କ ମନରେ ଅତ୍ୟନ୍ତ ବିଷାଦ ଜାତ ହୋଇଅଛି । ଏକ ୨ ଥର ଯାହା ବୃଷ୍ଟି ହେଉଅଛି ତାହା ନିତାନ୍ତ ଊଣା । ନୂତନ ଧାନଗଛର ଭଲ ବଢ଼ୁଅଛି ।

## ପୁଣ୍ୟଧାମର ଶ୍ରୀଶ୍ରୀ ଜଗନ୍ନାଥ ଜିଉଙ୍କର ମନ୍ଦିର-ସଂସ୍କରଣ ବିଷୟକ ଚାନ୍ଦା ।

ପୂର୍ବପ୍ରକାଶିତ ଚାନ୍ଦାର ସମଷ୍ଟି ଟ ୧୫୪୬୭।୵୧୦

କଲିକତା ପିଣ୍ଡ ଏସୋସିୟେସନର ଖାଜାଞ୍ଚି ବାବୁ ଅତୁଲକୃଷ୍ଣ ଦାସ କର୍ତ୍ତୃକ ପ୍ରେରିତ ଟ ୧୦

ମନ୍ଦିର ସଂସ୍କରଣ ବିଷୟକ ଚାନ୍ଦାର ସେକ୍ରେଟରୀ ଡାକ୍ତର ଉପେନ୍ଦ୍ରନାରାୟଣ ରାୟକର୍ତ୍ତୃକ ପ୍ରେରିତ ଅନୁଗୁଳ ଟ ୨୦୦

ମଧ୍ୟପ୍ରଦେଶ ବାଲାଘାଟନିବାସୀ ଶେଠ ହରେକୃଷ୍ଣ ସାହୁକର୍ତ୍ତୃକ ପ୍ରେରିତ ... ... ଟ ୧୭୪୵

ମନ୍ଦିର ସଂସ୍କରଣ ବିଷୟକ ଚାନ୍ଦାର ବ୍ରାଞ୍ଚ ସେକ୍ରେଟରୀ ବାବୁ ଜଗବନ୍ଧୁ ଚଟ୍ଟୋପାଧ୍ୟାୟଙ୍କ କର୍ତ୍ତୃକ ପ୍ରେରିତ ଚୂନବାଲି ... ଟ ୧୩୯୫

ପୁରୀ ଏମାରମଠର ମହନ୍ତ ରଘୁନନ୍ଦନ ରାମାନୁଜ ଦାସ ଟ ୧୦୦୦

ଏହିନ ଉତ୍ତରପାର୍ଶ୍ୱ ମଠର ମହନ୍ତ ରାମପ୍ରପନ୍ନ ରାମାନୁଜ ଦାସ ଟ ୧୦୦୦

ପଣ୍ଡା ନାରାୟଣ ଖୁଣ୍ଟିଆ ଟ ୫୦

ରାଣୀ କଲ୍ଲା କନକା ... ଟ ୫୦୫

ବାବୁ ପୁଣ୍ଡରୀକାକ୍ଷ ହାଲଦାର ଟ ୧୦

ଆସାମଜିଲ୍ଲାର ଗୋଲାଘାଟନିବାସୀ ବାବୁ ଶରତଚନ୍ଦ୍ର ସେନ କର୍ତ୍ତୃକ ପ୍ରେରିତ ... ଟ ୫୯୫

ଟ ୧୦ ଙ୍କାରୁ ଅନଧିକ ଚାନ୍ଦାର ସମଷ୍ଟି ... .. ଟ ୧୧

ପୁରୀ ମନ୍ଦିର ସିଂହଦ୍ୱାରଠାରୁ ପଇଶା ଆମଦାନୀ .. ଟ ୩୪୵

ମୋଟ .. .. ଟ ୧୮୬୦୭।୵୧

କଟକ
୨୨।୭।୯୧

ଶ୍ରୀ ହରିବଲ୍ଲଭ ବସୁ
ଅବୈତନିକ ସମ୍ପାଦକ
ଧନାଧ୍ୟକ୍ଷ

ସନ୍ ୧୮୯୧ ସାଲ ଅପ୍ରେଲମାସରେ କଟକ ନର୍ମାଲ ସ୍କୁଲର ପଣ୍ଡିତବିଭାଗସ୍ଥ ଯେଉଁ ୨ ଛାତ୍ରମାନେ ପରୀକ୍ଷା ଦେଇ ଯେଉଁ ୨ ବିଭାଗରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି, ସେମାନଙ୍କର ନାମ ଓ ବିଭାଗ ନିମ୍ନେ ଲେଖାଗଲା ।

| | |
|---|---|
| ଶ୍ରୀ ସଦାନନ୍ଦ ହର | ଉଚ୍ଚ ପ୍ରଥମବିଭାଗ |
| „ ମଧୁସୂଦନ ମିଶ୍ର | ମଧ୍ୟମ— |
| „ ଗୋପାଳ ମିଶ୍ର | ମଧ୍ୟମ— |
| „ ନାରାୟଣ ହେପାଠୀ | ମଧ୍ୟମ— |
| „ ଯୋଗୀନାଥ ମିଶ୍ର | ମଧ୍ୟମ— |
| „ ଗୋପୀନାଥ ମିଶ୍ର | ମଧ୍ୟମ— |
| „ ଭଗବାନ ଦାସ | ନିମ୍ନ— |
| „ ଗୋପାଳ ହୋତା | ନିମ୍ନ— |
| „ ବନୋଦବିହାରୀ ଓଝା | ନିମ୍ନ— |
| „ ଚିନ୍ତାମଣି ରାଜଗୁରୁ | ନିମ୍ନ— |
| „ କାଳୀପ୍ରସାଦ ଦେ | ନିମ୍ନ— |
| „ ବ୍ରଜବନ୍ଧୁ ମିଶ୍ର | ନିମ୍ନ— |
| „ ଦାମୋଦର ଘୋଷ | ନିମ୍ନ— |
| „ ଦାମୋଦର ପଣ୍ଡା | ନିମ୍ନ— |
| „ ନୀଳମଣି ଦାସ | ମଧ୍ୟମ ଦ୍ୱିତୀୟବିଭାଗ |
| „ ଯୋଗେଶ୍ୱର ମହାନ୍ତି | ମଧ୍ୟମ— |
| „ ସଦାଶିବ ମିଶ୍ର | ମଧ୍ୟମ— |
| „ ରାମଚନ୍ଦ୍ର ରଥ | ମଧ୍ୟମ— |
| „ ଉପେନ୍ଦ୍ରଚନ୍ଦ୍ର ଦାସ | ନିମ୍ନ— |
| „ ଅବଦୁଲ ଜଲିଲ | ନିମ୍ନ— |
| „ ଭଗବାନ୍ ପାଣିଗ୍ରାହୀ | ନିମ୍ନ— |

Split by PDF Splitter
Digitized by srujanika@gmail.com

„ ସଚ୍ଚିଦାନନ୍ଦ ପଣ୍ଡା — ନିମ୍ନ —
„ ଚକ୍ରଧରଚରଣ ମହାପାତ୍ର — ନିମ୍ନ —
„ ଚିନ୍ତାମଣି ମିଶ୍ର — ମଧ୍ୟମ ଉତ୍ତୀର୍ଣ୍ଣବିଭାଗ
„ ଭାଗୀରଥୀ ଷଡ଼ଙ୍ଗୀ — ମଧ୍ୟମ —
„ ଭାଗୀରଥୀ ପଣ୍ଡା — ମଧ୍ୟମ —
„ ଚନ୍ଦ୍ରଧର ମିଶ୍ର — ନିମ୍ନ —
„ ସଚ୍ଚିଦାନନ୍ଦ ମହାନ୍ତି — ନିମ୍ନ —
„ ରୁଦ୍ରଚରଣ ମହାପାତ୍ର — ନିମ୍ନ —
„ ବନୋଦବିହାରୀ ଦାସ — ନିମ୍ନ —
„ ମଧୁସୂଦନମୋହନ ରଥ — ନିମ୍ନ —
„ ଦୟାନିଧି ମିଶ୍ର — ନିମ୍ନ —
„ ଗଣେଶ୍ୱର ମିଶ୍ର — ନିମ୍ନ —

(Sd.) Dwarkanath Chakraverti
Superintendent
Cuttack Normal School

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଅନୁଗ୍ରହପୂର୍ବକ ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତକରିବା ହେବେ ।

ବିଗତ ଶୁକ୍ରବାର ଅପରାହ୍ନ ଗୋରକ୍ଷିଣୀ ସଭାର ଷାଣ୍ମାସିକ ଅଧିବେଶନ ହୋଇଗଲା ମାତ୍ର ସଭାର ଉଦ୍ଦେଶ୍ୟ କିଛିମାତ୍ର ସଫଳ ହେଲା ନାହିଁ । କେବଳ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କର ଅଶ୍ରଦ୍ଧା ଏଥିର ପ୍ରଧାନକାରଣ ଅଟେ ।

ଯାହା ହେଉ ଶ୍ରୀବାବୁ ଫକୀରଚରଣ ଦାସଙ୍କ ପ୍ରସ୍ତାବ ଓ ଅନନ୍ୟାନ୍ୟ କେତେକଜଣ ମେମ୍ବରଙ୍କ ଅନୁମୋଦନକ୍ରମେ ଶ୍ରୀ ଅଧ୍ୟାମ୍ମସ୍ୱାମୀଙ୍କ ସ୍ମୃତିସଭାରେ ପଠନ ହେବା ଓ ଶୋଚକପ୍ରସ୍ତାବ ସମ୍ମତ ହେବାର ସ୍ଥିରକୃତ ହେଲା । ଇତି ।

୨୭।୭।୯୧
ଶ୍ରୀ ଫକୀରଚରଣ ଦାସ
ସହକାରୀ ସମ୍ପାଦକ

---

ମହାଶୟ !

ଏ ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବେ ।—

ଏଠାରେ ଏକବ୍ୟକ୍ତିଙ୍କର ଏକ ମାର୍ଜାର ଓ ଏକ ଶୁକ ଥିଲା ବନ୍ଧୁ ପୋଷିବା ବିଷୟରେ ତାଙ୍କର ଏପରି ଶ୍ରଦ୍ଧା ଯେ ନିତ୍ୟ ଭୋଜନ କରିବା ସମୟକୁ ଉକ୍ତ ଦୁଇଜନ୍ତୁଙ୍କ ନିମନ୍ତେ ଏକଗୋଟି ପାତ୍ରରେ ଆହାର ଦିଅନ୍ତି, ସେମାନେ ସହୋଦର ଭାଇପରି ମିଶି ତାହା ଖାଇକରି ନିରାପଦରେ କାଳ ଯାପନ କରୁଥିଲେ । ଅହା ଶୁକ ସହିତ ବିଡ଼ାଳି ସ୍ନେହ କରିବାର କେଡ଼େ ଆଶ୍ଚର୍ଯ୍ୟର ବିଷୟ ! ଦିନକରେ କାଳବଶତଃ ସେମାନଙ୍କର ଆହାର ପ୍ରସ୍ତୁତ କରୁଥିବା ସମୟରେ ଶୁକ ମାର୍ଜାରଦ୍ୱାରା ହତ ହେଲା । ହାୟ, ହାୟ, ହାୟ, ଇତି ।

୧୮।୭।୯୧
ଖଲିକୋଟଦୁର୍ଗ
ଗଞ୍ଜାମ
} ବଶମ୍ବଦ
ବୃନ୍ଦାବନ
ଷ୍ଟୋଟ୍ସ୍କୁଲ ଗନ୍ଥ ।

---

ମହାଶୟ !

ଅନୁଗ୍ରହ ପୂର୍ବକ ଆପଣଙ୍କ ବିଖ୍ୟାତ ପତ୍ରିକାର ଏକାଂଶରେ ନିମ୍ନଲିଖିତ ବିଷୟଟିକୁ ସ୍ଥାନ ପ୍ରଦାନ କରି ଚିରବାଧିତ କରିବାହେବ ।

କଟକଜିଲା ସାଲେପୁର ଇଲାକାରେ ସାମନ୍ତରାପୁରନାମକ ସ୍ଥାନରେ ଗୋଟିଏ ବର୍ଣ୍ଣାକ୍ୟୁଲର ସ୍କୁଲ ଅଛି । ଉକ୍ତ ସ୍କୁଲରେ ବର୍ତ୍ତମାନ ଜ ୩ ଣ ଶିକ୍ଷକ ଅଛନ୍ତି । ପୂର୍ବେ ଗୋ ୬ ଟି ଶିକ୍ଷକ ଥିଲେ । ଶିକ୍ଷକମାନଙ୍କର ଶିକ୍ଷା ପ୍ରଣାଳୀରେ ଅସନ୍ତୁଷ୍ଟ ହୋଇ କର୍ତ୍ତୃପକ୍ଷୀୟମାନେ ପ୍ରାୟ ଏକବର୍ଷ ହେବ ଆଉ ଏକ ଶିକ୍ଷକ ପୂର୍ବ ୨ୟ ଶିକ୍ଷକଙ୍କ ସ୍ଥାନରେ ଓ ପୂର୍ବ ୨ୟ ଶିକ୍ଷକଙ୍କୁ ୩ୟ ଶିକ୍ଷକ ସ୍ୱରୂପ ନିଯୁକ୍ତ କରି ଅଛନ୍ତି । ଶିକ୍ଷକମାନଙ୍କର ସଂଖ୍ୟା ବୃଦ୍ଧି କରି ଶିକ୍ଷାପ୍ରଣାଳୀରେ ସନ୍ତୋଷଜନକ ଫଳ ଅପେକ୍ଷା କରୁଥିଲେହେଁ ନୂତନ ୨ୟ ଶିକ୍ଷକ ନିର୍ବାଚନ ପ୍ରଥା ଅତି ଅସନ୍ତୋଷଜନକ ହୋଇ ଅଛି । ନୂତନ ୨ୟ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ଭ୍ରାତୃଷ୍ପୁତ୍ର । ଗୃହ ସ୍କୁଲଠାରୁ ପ୍ରାୟ ମା ୩ ଇଲ ଅନ୍ତର । ବସ୍ତୁତଃ ପ୍ରଥମ ଦୁଇ ଶିକ୍ଷକମାନଙ୍କର ଯଥାକ୍ରମେ ଗୃହଗମନାଗମନ ନିମନ୍ତେ କର୍ତ୍ତୃପକ୍ଷୀୟମାନେ ଯେପରି ଉତ୍ତମ ବନ୍ଦୋବସ୍ତ କରି ଦେଇ ଅଛନ୍ତି । ଡାକ୍ତିହାଉସ ପ୍ରଧାନ ଶିକ୍ଷକଙ୍କର ତତ୍ତ୍ୱାବଧାରଣରେ ଥିବାରୁ ଗୃହଗମନରେ କୌଣସି ବ୍ୟାଘାତ କେବେହେଁ ଘଟି ନ ଥାଏ । ସମ୍ପାଦକ ମହାଶୟଙ୍କର ମଧ୍ୟ ସମ୍ପୂର୍ଣ୍ଣ ଶିଥିଳତା ଦେଖାଯାଏ ଉକ୍ତ ସ୍କୁଲର ଗତ ବ ୧୦।୧୨ ବର୍ଷର ବାର୍ଷିକ ଫଳ କ୍ରମାନ୍ୱୟେ ତୁଳନା କଲେ କର୍ତ୍ତୃପକ୍ଷୀୟମାନେ ଦେଖି ପାରିବେ ଯେ ପୂର୍ବର ଅପାରିତ ସୁଫଳ ବର୍ତ୍ତମାନ କୁଫଳର ଚରମସୀମା ସ୍ପର୍ଶ କରୁ ଅଛି । ଏହାର କାରଣ କଣ ? ଶିକ୍ଷକମାନଙ୍କର ଓ ସମ୍ପାଦକଙ୍କର ସମ୍ପୂର୍ଣ୍ଣ ଶୈଥିଲ୍ୟ ଓ ସ୍କୁଲକମିଟୀର ଓ ତହିଁର ଅଧିକାଂଶ ମେମ୍ବରମାନଙ୍କର ଲୋପ ଏଥିର ପ୍ରଧାନକାରଣ ଅଟେ । କମିଟୀର ପୁନର୍ମିଳନ ଏହାନ୍ତ ବାଞ୍ଛନୀୟ । ସ୍କୁଲକର୍ତ୍ତୃପକ୍ଷୀୟମାନଙ୍କୁ ଅନୁରୋଧ ଯେ ସେମାନେ ଉକ୍ତଲିଖିତ ବିଷୟ ଗୁଡ଼ିକରେ ଶୀଘ୍ର ଦୃଷ୍ଟି ଦାନ କଲେ ଭବିଷ୍ୟତରେ ଯେ ସୁଫଳ ହେବ ତହିଁରେ କୌଣସି ସନ୍ଦେହ ନାହିଁ ।

ଜୁଲାଇ ତା ୨୦ ରିଖ
ସନ୍ ୧୮୯୧ ମସିହା } ନିବେଦକ
"ଜଣେ କେହି"

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବସନ୍ତ ପାଢ଼ୀଙ୍କ ପ୍ରଜ | ଟ ୩୯ |
| „ ଗଜପତି ମିଶ୍ର ଭୁବନେଶ୍ୱର | ଟ ୨।୧ |
| „ ଗୋପୀନାଥ ମଲ୍ଲିକ | ଟ ୩୯ |
| „ ସମନ୍ତସିଂହାର ଶର୍ମା ଲୁଚପୁର ତେଲ୍ଲାନାଳ | ଟ ୩୯ |
| ଶ୍ରୀମନ୍ତ ଗୋପୀପ୍ରସନ୍ନମାନନ୍ଦ ଦାସ ତ୍ରିନାଥମଠ ସ୍ୱା | ଟ ୨୯ |

---

# ବିଜ୍ଞାପନ ।

## NOTICE.

Sealed tenders are invited for the purchase of the two old Accomodation boats "Cora" and "Zubberwork" which are now lying at Jobra Dock, where they can be seen by intending purchasers.

Tenders for the above will be received by the undersigned up to 31st August 1891 and will be opened at 3 P. M. on the above date in presence of those concerned.

All tenders must be superscribed "Tenders for Cora and Zubberwork" and should be addressed to the undersigned.

Cuttack
29th July 1891 } D. B. HORN
*Executive Engineer,*
*Brahmini Bylurme Dn.*

"କୋର୍" ଓ "ଜବରୱର୍କ" ନାମକ ଦୁଇଖଣ୍ଡ ପୁରାତନ ନୌକାର ଖରିଦଦାର ପ୍ରୟୋଜନ । ଯେଉଁମାନେ କିଣିବାକୁ ଇଚ୍ଛା କରିବେ ଉକ୍ତ ନୌକାମାନ ଯୋବରା ଘାଟରେ ଦେଖି ପାରିବେ ।

Digitized by srujanika@gmail.com

Split by PDF Splitter



ଖରିଦଦାରମାନଙ୍କ ଟେଣ୍ଡର ଅର୍ଥାତ୍ ମୋହରଯୁକ୍ତ ମୂଲ୍ୟ ସହିତ ଆବେଦନ ନିମ୍ନସ୍ୱାକ୍ଷରକାରୀ ସନ ୧୮୯୧ ସାଲ ଅଗଷ୍ଟମାସ ତା ୩୧ ରଖ ଅପରାହ୍ନ ଘ ୩ ଟା ପର୍ଯ୍ୟନ୍ତ ଗ୍ରହଣ କରିବେ ଏବଂ ସେହି ସମୟରେ ସମସ୍ତଙ୍କ ସାକ୍ଷାତରେ ଟେଣ୍ଡରମାନ ଫିଟାଇବେ ।

ଟେଣ୍ଡରର ମୋହରଯୁକ୍ତ ଲଫାଫା ଉପରେ "ବୋରୁ ଓ କବରଡ଼ର ଟେଣ୍ଡର" ଏହି କଥାମାନ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନାମ ଲେଖିବାକୁ ହେବ ।

| | |
|---|---|
| କଟକ<br>ତା୨୯ରଖ ଜୁଲାଇ<br>ସନ୧୮୯୧ | ଏଇଚ୍, ଇଞ୍ଜିନିୟର ।<br>ବ୍ରାହ୍ମଣୀବୈତରଣୀ<br>ଡିଭିଜନ । |

## NOTICE

"Wanted two young men from 18 to 25 as probationers on Rs. 15 for the Postal Department. Must have passed Entrance Examination. Apply by letter to the Superintendent of Post offices Cuttack."

I have &c.
H. TULLOCH.
*Supdt. of P. Offices*
Cuttack District.

### ଛନ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଛନ୍ଦମାଳାର ଅର୍ଥ-ପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେଙ୍କ ପ୍ରେସର ଓ ବାମଣ୍ଡା ସ୍ୱଭଲ-ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇସା ଟିକଟରେ ଖ ୧୬ ଖ ବହି ଡାକରେ ଯାଇ ପାରେ ।

ଉତ୍କଳଭାଷାରେ ଲିଖନ ପଠନ କରୁଥିବା ସମସ୍ତଙ୍କର ଅତି ପ୍ରୟୋଜନୀୟ ପୁସ୍ତକ ସଡ଼ିଛି ।

### ଉତ୍କଳ ଅଭିଧାନ ।

ଶିକ୍ଷାବିଭାଗର ଡିରେକ୍ଟର ଏବଂ କମିଶନର ମହୋଦୟ ଖଣ୍ଡିଏ ଉତ୍କଳୀୟ ବୃହତ ଶବ୍ଦକୋଷର ଅଭାବ ବିଷୟ ସରକାରୀ ରପୋର୍ଟରେ ପୁନଃ ପୁନଃ ଉଲ୍ଲେଖ କରି ଥିବାରୁ ଅମ୍ଭେ ଏହି ଅଭାବ ମୋଚନ ନିମିତ୍ତ ପ୍ରାୟ ତିନିବର୍ଷ କାଳ ଯଥାସାଧ୍ୟ ପରିଶ୍ରମ କରି, କେତେକ ଖଣ୍ଡ ଅଭିଧାନ ଓ କେତେକ ବନ୍ଧୁଙ୍କ ସାହାଯ୍ୟରେ ଏହି ଅଭିଧାନ ସଙ୍କଳନ କରି ଅଛୁଁ । ଏଥିରେ ଧାତୁ ପ୍ରତ୍ୟୟ ସହିତ ଶବ୍ଦବ୍ୟୁତ୍ପତ୍ତି ଓ ଶବ୍ଦାର୍ଥ ଓ ସ୍ଥଳବିଶେଷରେ ପୁରାତନ ଓ ଆଧୁନିକ କବିମାନଙ୍କ ଗ୍ରନ୍ଥରୁ ଶିଷ୍ଟପ୍ରୟୋଗମାନ ଏବଂ ଶେଷରେ ଧାତୁମାଳା ପ୍ରଦତ୍ତ ହୋଇଅଛି । ପ୍ରଚଳିତ ଅନ୍ୟ ଭାଷାମୂଳକ ଓ ଉତ୍କଳଦେଶଜ ଅନେକ ଶବ୍ଦ ମଧ୍ୟ ଦିଆ ଯାଇଅଛି । ମୂଳରେ ପ୍ରାୟ ଦ୍ୱାବିଂଶତି ସହସ୍ର ଶବ୍ଦ ଏହି ପୁସ୍ତକରେ ସମାବେଶିତ ହୋଇଅଛି । ପୁସ୍ତକର ଆକାର ରଏଲ ଅଠପେଜୀ ଅଠଶତ ପୃଷ୍ଠା । ମୂଲ୍ୟ ପାଞ୍ଚଟଙ୍କା ।

ଶିକ୍ଷାବିଭାଗର ଡାଇରେକ୍ଟର ମହୋଦୟ ଏହି ପୁସ୍ତକର ବ୍ୟୟ ସାହାଯ୍ୟ ସ୍ୱରୂପ ଆମ୍ଭଙ୍କୁ ଏକହଜାର ଟଙ୍କା ଦେଇ ଅଛନ୍ତି ଏବଂ କେତେକ ଖଣ୍ଡ ପୁସ୍ତକ ମଧ୍ୟ କିଣି ନେବାକୁ ପ୍ରତି ଶ୍ରୁତ ହୋଇ ଅଛନ୍ତି ।

ପୁସ୍ତକ ଗ୍ରହଣେଚ୍ଛୁ ବ୍ୟକ୍ତିମାନେ ଆମ୍ଭ ନିକଟରେ ଲେଖି କଲେ ପୁସ୍ତକ ପାଇ ପାରିବେ । ମଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡ଼ା ଡାକମାସୁଲ ଟ ୦ ।୵ ଦେବାକୁ ପଡ଼ିବ ।

ଯେଉଁମାନେ ଏକା ବେଳକେ ଦଶଖଣ୍ଡି ପୁସ୍ତକ ଗ୍ରହଣ କରିବେ ସେମାନଙ୍କୁ ବିନାମୂଲ୍ୟରେ ଖଣ୍ଡିଏ ପୁସ୍ତକ ଦିଆଯିବ ।

ଯେଉଁ ପୁସ୍ତକରେ ଆମ୍ଭର ସ୍ୱାକ୍ଷର ନ ଥିବ ସେ ପୁସ୍ତକ ଚୋରା ବୋଲି ଗଣ୍ୟ ହେବ । ଏପରି ପୁସ୍ତକ କେହି ବିକ୍ରୟ କରୁଥିବାର ବା କେହି କିଣୁଥିବାର କେହି ଧରି ଦେଲେ ଆମ୍ଭେ ତାହାକୁ ଦଶଟଙ୍କା ପୁରସ୍କାର ଦେବୁଁ ।

ଶ୍ରୀ ଜଗନ୍ନାଥ ରାଓ
ବାଲୁବଜାର, କାଳୀଗଳି, କଟକ


## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକରା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେଉଂ ବା ଇନ୍‌ସିଓରେନ୍ସ ପଇ ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ


Digitized by srujanika@gmail.com

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଦ ପ୍ରବୃତ୍ତିର କାରଣ, ବୟାଧି ଭୂଲକ୍ଷଣ ନା, ରୋଗୀ ପୁରୁଷ କ ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, କଣ୍ଠକ୍ରମ, ଅହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କ ପତ୍ରାଦି ନମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ଜୁଲାଇମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ ୦ ୷ ନଚେତ୍ ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ।

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵, ଫାଷ୍ଟବୁକର ମାନେ ବହି ( ସରଳ ଓ ପରଶୁଦ୍ଧ ) ଟ ୦୵

ଧ୍ରୁବ ଚରିତ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ସ୍ୱମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାସୀ ଇନଷ୍ଟିଟ୍ୟୁସନ କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାଉଡ଼ାର ତେଲ—ବହୁ ଦ୍ରବ୍ୟରୁ କେଶରଞ୍ଜନ ଅନ୍ୱେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବ ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର ରକ୍ତ ଓ ଲାଘବନନ୍ତ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁଙ୍କ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବ ତାହାକୁ ଏକାବେଳକେ ବିନଷ୍ଟ କରେ, ଏଥିରେ ଅଳ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବିଅର ମୂଲ୍ୟ ଛଅ ଅଣା ମାତ୍ର ।

୩ । ଜ୍ୱରହାରିଣୀ—ଏହା ଯଥାବିଧି ସେବନ କଲେ କ ପ୍ରାଚୀନ କ ନୂତନ ସବୁ ପ୍ରକାର ଜ୍ୱର, ପିତ୍ତଜ୍ୱର, କମ୍ପ ଜ୍ୱର ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଉପଶମ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠ ଶୁଦ୍ଧ ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କ ପ୍ରାଚୀନ କ ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠଗତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରି, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହାନି ଆରୋଗ୍ୟ ହୁଏ ।

ଏହି ଉତ୍କୃଷ୍ଟ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ତୃମସାଗର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ଉକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ତାବତ୍ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅପରିମିତ ଅହାର, ତହିଁର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁରୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁଯା, ଖାଉ, ଘଣ୍ଟ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତ ଉପଦ୍ରବମାନ ଦୂରୀଭୂତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଅବସ୍ଥାରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ଖାଉ କଣ୍ଡୁଅ ଓ କ୍ଷତାଦି ଏହା ସେବନରେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଅଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

# ଘଡ଼ିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ସୁନ୍ଦର ଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ବର୍ଷ ପର୍ଯ୍ୟନ୍ତ ମେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ହୋଇଥିବା ନିରୂପିତ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍ଟି

ଘଡ଼ିର ଚେଇନ ଚେଣ, ମୁଦି, ପ୍ଲେଟସହିତ ନେକ୍ଲେସ ଓ ଇନମେଲିଡ଼ିଙ୍କର କମରପେଟି ଓଗେର ସାଜ, ( ତମାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଲଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ ୧୪।୧୧।୮୧ } ଶ୍ରୀ ଗୌରିଶଙ୍କର ରାୟ

# ମେହରୋଗ ।

ପ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ଉପଶମ ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଜୀବନ ଯେ କିପରି କଷ୍ଟକର ତାହା ସାମାନ୍ୟ ଅର୍ଥବ୍ୟୟରେ ପ୍ରକାରେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବ ତିନ ମାସ ସେବନ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ସେମାନେ ଯେତେ ଟଙ୍କା ଦେଇଥିବେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧ ବ୍ୟବହାରରେ ଉପଶମ ନ ହେଲେ ଅଭିଯୋଗ ଆଣିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅହିରିଟୋଲା ନମ୍ବର ଭବନରେ ବି, କେ, ପାଲ କମ୍ପାନୀଙ୍କଠାରେ ଏବ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୷ ଟା । ପ୍ରଣେତା ଓ ଅଧିକର୍ତ୍ତା ପୁରୁଷ

ଏହି ଉତ୍କଳଦୀପିକା ପତ୍ରିକା କଟକ ବାଲୁବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

D NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୬ ଶ
ସଂ, ୩୨ ସଂଖ୍ୟା

ତା ୮ ଇଣ ମାହେ ଅଗଷ୍ଟ ସନ ୧୮୯୧ ଇଂରାଜୀ । ମୁ । ଶ୍ରାବଣ ଶୁ ୨୫ ନ ଅଙ୍କ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩।
ପଶ୍ଚାଦେୟ ଟ ୬।

## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଆ ୪୫ ଇନ କ୍ରମାଗତ ସନ ୧୮୯୦ ସାଲର ଅଗଷ୍ଟ ମାସ ତା ୧ ରଖପର୍ଯ୍ୟନ୍ତ ଯେସମସ୍ତ ଆଇନଦ୍ୱାରା ସଂଶୋଧନ ହୋଇଅଛି ତାହାସବୁ ମିଶି ଏକଦେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ ଡାକଖର୍ଚ୍ଚା ଟ ୦୵ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରିବେ ।

---

ଅମ୍ଭମାନଙ୍କ ଲେଫ୍ଟେନାଣ୍ଟ ବାହାଦୁର ମୋଫସଲ ଗସ୍ତରୁ ଗତ ବୁଧବାର ଏକଦନସକାଶେ କଲିକତାକୁ ଆସିଥିଲେ । ବ୍ୟବସ୍ଥାପକସଭାର ଗୋଟିଏ ବିଶେଷ ଅଧିବେଶନ ସେଦିନ ହୋଇଥିଲା ତତ୍‌କାର୍ଯ୍ୟ ନିର୍ବାହ କରି ପୁଣି ଗସ୍ତରେ ବହିର୍ଗମନ ହେଲେ । ଲାଟବାହାଦୁର ବଡ଼ ଚଞ୍ଚଳ ।

---

ମଇମନସିଂହର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫିଲପସ୍ ସାହେବ ଉକ୍ତ ଜିଲ୍ଲାରେ କାର୍ପାସର ଚାଷ ବୃଦ୍ଧି କରିବା ଏବଂ ସୂତାଲୁଗା ପ୍ରସ୍ତୁତ ଓ ବିକ୍ରୟର ସଦୁପାୟ କରିବା ପ୍ରତି ବିଶେଷ ଯତ୍ନବାନ୍ ହୋଇ ଅଛନ୍ତି । ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ଫିଲପ୍‌ସ ସାହେବଙ୍କର ଏହି ସାଧୁଚେଷ୍ଟା ଓ ଯତ୍ନ ସଫଳ ହେବ ଏବଂ ପ୍ରତ୍ୟେକ ଜିଲ୍ଲାର ମାଜିଷ୍ଟ୍ରେଟ ଯେବେ ଆପଣା ଏଲକାରେ ଦେଶୀୟ ଶିଳ୍ପ ଓ ବ୍ୟବସାୟର ଉନ୍ନତି ନିମିତ୍ତ ଏହିପରି ଯତ୍ନବାନ୍ ହେବେ ତେବେ କେତେ ମଙ୍ଗଳ ହେବ ବୋଲିଯାଇ ନ ପାରେ ।

---

ଯାଜପୁରଠାରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଏଠା ମିଉନିସିପାଲ କମିଶନରମାନେ "ଗମା-ମା" ଠାରୁ 'ଯୋଇ ମଳକ' ପର୍ଯ୍ୟନ୍ତ କାହାରକୁ ଏକଅଣା ଟିକସରୁ ଛାଡ଼ି କରି ନାହାନ୍ତି । ମାତ୍ର ବର୍ଷାକାଳରେ ଏମାନଙ୍କ ଦୁର୍ଦ୍ଦଶା ଦେଖେ କିଏ ? ଅବଶ୍ୟ ଆଇନାନୁସାରେ କମିଶନରମାନେ ଦୋଷୀ ହୋଇ ନ ପାରନ୍ତି କାରଣ କଚେରୀ ଓ ବଜାର ନିକଟସ୍ଥ ସଡ଼କମାନଙ୍କରେ ତେତେ କାଦୁଅ ନ ଥାଏ ଓ ସେମାନଙ୍କ ଘୋଡା ଖରାପ ହୋଇ ନ ପାରେ । ମାତ୍ର ସେମାନଙ୍କ ବିବେକ ବାଣୀ କହିଦେବ ଯେ ମିଉନିସିପାଲିଟୀର ସମସ୍ତ ରାସ୍ତା ପ୍ରତି ସମଦୃଷ୍ଟି ରଖିବା ଉଚିତ ।

---

ଏବର୍ଷ ଏଠା ମିଉନିସିପାଲିଟୀର ଚେଅରମାନ ଜଣେ ସାହେବ ସେ ପୁଣି ଡାକ୍ତର ସାହେବ ଅତଏବ ତାଙ୍କ ଅମଳରେ ମିଉନିସିପାଲିଟୀର ଅବସ୍ଥା ଅତ୍ୟଧିକ ଉନ୍ନତ ହେବାର କଥା । କିନ୍ତୁ ରାସ୍ତା ଓ ସଡ଼କର ଅବସ୍ଥା ଅତି ଶୋଚନୀୟ । ଅନ୍ୟକଥା ଦୂରେ ଥାଉ ସଡ଼କ ପାର୍ଶ୍ୱସ୍ଥ ନାଳ ଖୋଳାଇ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ ସ୍ଥାନରେ ହୋଇଅଛି ଗୋଟିଏ ଅସଙ୍ଗରେ ମଧ୍ୟ ସେ ପୁନର୍ମୂଷିକ ହେଉଅଛି । ଅମ୍ଭେମାନେ ଆଶା କରୁଁ ଡାକ୍ତର ସାହେବ ଥରେ ସହରର ମୋଫସଲଆଡ଼କୁ ଆସି ସେଥିର ଅବସ୍ଥାରେ ଦୃଷ୍ଟିପାତ କରି ଶୀଘ୍ର କହିତ ଉପାୟ ଅବଲମ୍ବନ କରନ୍ତୁ ।

---

ବଙ୍ଗଳା ନାଗପୁର ରେଲବାଟର ସମ୍ବଲପୁରଶାଖା ନିର୍ମାଣ କରିବାର ପ୍ରସ୍ତାବ କଲାତର ସେକ୍ରେଟେରୀ ମଞ୍ଜୁର କରିଅଛନ୍ତି ବୋଲି ହିନ୍ଦୁପେଟ୍ରିୟଟରେ ପାଠ କରି ଅମ୍ଭେମାନେ ଆଶା କରିଥିଲୁଁ ଯେ ଓଡ଼ିଶା ପର୍ଯ୍ୟନ୍ତ ଯେଉଁ ଶାଖାଟି ଆସିବାର କଳ୍ପନା ହୋଇଅଛି ତାହା ଶୀଘ୍ର ସଫଳ ହେବ । ମାତ୍ର ଷ୍ଟେଟ୍‌ସମାନ ଲେଖିଅଛନ୍ତି ଯେ ସମ୍ପ୍ରତି କେବଳ ସମ୍ବଲପୁର ପର୍ଯ୍ୟନ୍ତ ପ୍ରାୟ ମା ୩୦ ଇଲ ରେଲବାଟ ପ୍ରସ୍ତୁତ ହେବାର ମଞ୍ଜୁର ହୋଇଅଛି । ଏହି ଶାଖା ଓଡିଶା ନସ୍ତକ ପର୍ଯ୍ୟନ୍ତ ବିସ୍ତାର ହେବାର ଅବଧି ମଞ୍ଜୁର ହୋଇ ନାହିଁ । ତଥାଚ ଭରସା କୁଅଛ ସମ୍-

Digitized by srujanika@gmail.com

Split by PDF Splitter



ଲପୁର ପର୍ଯ୍ୟନ୍ତ ବାଟ ଫିଟିଗଲେ ଏଣିକି ଅସୁ-ବିଧାର ବିଳମ୍ବ ହେବ ନାହିଁ ।

---

ଅକାଳେ ବୃଷ୍ଟି କର ଅରମ୍ଭିବାରୁ ଅନେକମାନେ ଭାବୁଥିଲେ ଇନ୍ଦ୍ରଦେବତା ଅଚେତନ ହୋଇ ଶୋଇ ପଡିଥିଲେ । ବର୍ଷାକାଳର ଅଧେ ବିତିଗଲା ଗଲା ଓ କୃଷିଅର୍ଥୀ ଲୋକେ ବ୍ୟାକୁଳ ହୋଇ ଉଠିବାରୁ ଏତେଦିନେ ଜାଗ୍ରତ ହୋଇ ଲଣ୍ଡଭଣ୍ଡ ହୋଇ ଜଳ ଢାଳିବାକୁ ଆରମ୍ଭ କରି ଅଛନ୍ତି । ଏ ସପ୍ତାହରେ ପ୍ରକୃତ ଧାରାଶ୍ରାବଣପରି ଏଠାରେ ବୃଷ୍ଟି ଓ ପ୍ରବଳ ନଦୀବଢି ହୋଇ ଅଛି ଏବଂ ବିଲ ଖାଲ ସବୁ ପୂର୍ଣ୍ଣ ହୋଇ ଅଛି । ଏ ଜିଲ୍ଲା ଓ ପୁରୀଜିଲ୍ଲାର ସର୍ବତ୍ରରେ ପ୍ରଚୁର ଜଳ ବେଉଷ-ଣକାର୍ଯ୍ୟ ସକାଶେ ଆଉ ଭାବନା ନାହିଁ । ବାଲେ-ଶ୍ୱରରେ ଏଥିପୂର୍ବ ଶୁଷ୍କଦିନରୁ ଲଗାଣ ହୋଇ-ଥିଲା । ପଞ୍ଜାବ ଓ ଉତ୍ତରପଶ୍ଚିମରେ ଏହି ସମୟରୁ ବୃଷ୍ଟି ହୋଇ ଦୁର୍ଭିକ୍ଷର ଭୟ ନିବାରଣ କରି-ଅଛି । ବମ୍ବେଇରେ ତିନ୍ତି ଅଧିକ ଘ ୨୪ ଘଣ୍ଟା-ମଧ୍ୟରେ ୧୧।୧୨ ଇଞ୍ଚ ଜଳ ବୃଷ୍ଟି ହୋଇ ରେ-ଲବାଟ ସ୍ଥାନେ ୨ ଭାଙ୍ଗିପଡିଅଛି ଏବଂ ତାପ୍ତି-ନଦୀ ବିଶେଷ ବଢି ଏକଗ୍ରାମର ପ୍ରାୟ ଘ ୩୦୦ର ଭସାଇ ନେଇଅଛି ଓ ମନୁଷ୍ୟ ମଧ୍ୟ ମରିପଡିଅ-ଛନ୍ତି । ଏବର୍ଷ ଧୋଇମଗୁଡ଼ି ଏକକ୍ରେ ବାଧି-ଅଛି ।

---

ଗୋଟିଏ କଲିକତାରେ ସର ମନାୟର ଉଇ-ଲ୍‌ୟମସ୍ ଏହିପରି ବ୍ୟକ୍ତ କରିଅଛନ୍ତି କି ହିନ୍ଦୁ-ଧର୍ମର ଅନ୍ୟ ଏକଗୁଣ ଏହି ଯେ ତହିଁ ମଧ୍ୟରେ ସବୁଧର୍ମ ନିହିତ ଅଛି । ଏହା ମନୁଷ୍ୟତା ମନୁ-ଷ୍ୟଜାତି ଏବଂ ସମୁଦାୟ ପୃଥିବୀର ଏକ ଧର୍ମ-ବୋଲି ଦାବୀ କରେ । ଖ୍ରୀଷ୍ଟିୟାନ ଅଥବା ଅପ-ରଧର୍ମର ଉନ୍ନତିପ୍ରତି ଏଥିର ଭ୍ରୂକ୍ଷେପ ନାହିଁ କାରଣ ଅନ୍ୟସମସ୍ତ ଧର୍ମକୁ କୋଡ଼ଗତ କରିବା ଏହାପକ୍ଷେ କଠିନ ନୁହେ । ପ୍ରକୃତରେ ହିନ୍ଦୁ-ଧର୍ମରେ ଏମନ୍ତ ସାର ଅଛି କି ଯାହା ସମସ୍ତପ୍ର-କାର ଲୋକଙ୍କର ଉପଯୋଗୀ । ଅସଂଖ୍ୟପ୍ରକାର ମନୁଷ୍ୟସ୍ୱଭାବ ଏବଂ ମନୁଷ୍ୟଜାତିର ଉପଯୋଗୀ ହୋଇପାରିବାହିଁ ଏହାର ବଳ । ଆତ୍ମତତ୍ତ୍ୱ-ଦର୍ଶୀ ବ୍ରାହ୍ମଣ, ଭକ୍ଷ୍ୟାନୁରାଗୀ ସାଂସାରିକ ଲୋକ, କଳ୍ପନାପ୍ରୀତ କବି ଏବଂ ଶାନ୍ତିପ୍ରିୟ ବୈରାଗୀଲୋକ ଏ ସମସ୍ତଙ୍କନିମିତ୍ତ ଯଥାଯୋଗ୍ୟ ସାରପଦାର୍ଥ ତହିଁରେ ନିହିତ ଅଛି । ସର ମନା-ୟର ଉଇଲ୍‌ୟମସ୍ ବଳତର ଜଣେ ବିଖ୍ୟାତ ପଣ୍ଡିତ ଓ ଚିନ୍ତାଶୀଳ ଲୋକ ଅଟନ୍ତି । ତାଙ୍କ ମୁଖରୁ ଏକଥା ନିର୍ଗତ ହେବା ସାମାନ୍ୟକଥା ନୁହଇ । ଭରସା କରୁଁ ଅମ୍ଭମାନଙ୍କର ଯୁବକମାନେ ଏଥିଁ ଜ୍ଞାନଲାଭ କରିବେ ।

---

ବାଘଭାଲୁ ବଣୁଆଜନ୍ତୁଦ୍ୱାରା ମଧ୍ୟପ୍ରଦେଶରେ ଗତବର୍ଷାପେକ୍ଷା ଏବର୍ଷ ଅଧିକ ମନୁଷ୍ୟ ନଷ୍ଟ ହୋଇଥିବାର ଜଣାଯାଏ । ଅର୍ଥାତ୍ ଗତ-ବର୍ଷ ୩୩୬ କୁ ଏବର୍ଷ ୩୬୮ ମୃତ୍ୟୁ ଘଟିଅଛି । ମନୁଷ୍ୟଖିଆ ବାଘ ବିଶେଷ ମାଡିବାରୁ ଏପରି ଘଟିଅଛି । ଏକା ହୋସଙ୍ଗାବାଦର ଦୁଇଗୋଟି ବାଘ-ମାନେ ତ ୯୦ ଣ ମନୁଷ୍ୟ ନଷ୍ଟ କରିଅଛନ୍ତି । ଯାହା ହେଉ ସ୍ଥାନୀୟ ହାକିମମାନଙ୍କ ଚେଷ୍ଟା ଓ ପରିଶ୍ରମରେ ପ୍ରାୟ ସବୁ ମନୁଷ୍ୟଖିଆ ବାଘ ମରି ପଡିଅଛନ୍ତି ଏବଂ ଚଳିତବର୍ଷରୁ ଏ ଉତ୍ପାତ ଊଣା ହେବାର ଆଶା ହେଉଅଛି । ମଧ୍ୟପ୍ରଦେଶର ପ୍ରଧାନ କମିଶ୍ନର ଶ୍ରୀଯୁକ୍ତ ମାକଡୋନେଲ ସାହେବ ପୂର୍ବ ପ୍ରଧାନ କମିଶ୍ନର ମାକଞ୍ଜି ସାହେବଙ୍କର ଗୋଟିଏ ନିୟମ ରହିତ କରି ବଡ଼ଭଲ କରିଅଛନ୍ତି । ସରକାରୀ ଜଙ୍ଗଲରେ ବିନାପାସରେ କେହି ଶିକାର ଯିବାର ନିଷେଧ ଥିଲା ଏବଂ ପାଶସକାଶେ ଫିସ ଦେବାକୁ ପଡୁଥିଲା । ଏଣିକି ମାଂସଖିଆ ଜନ୍ତୁ ମାରିବାସକାଶେ ବିନା-ଫିସ ଓ ପାସରେ ଶିକାରିମାନେ ସରକାରୀ-ଜଙ୍ଗଲରେ ପଶିପାରିବେ ଓ ଜନ୍ତୁ ମାରିବାର ପୁରସ୍କାର ଅତିଶୀଘ୍ର ଏବଂ ପ୍ରଚୁରପରିମାଣରେ ଦିଆଯିବାର ବନ୍ଦୋବସ୍ତ ହେବ ।

---

ଶ୍ରୀଯୁକ୍ତ ମାକ୍ସ୍‌ନି ସାହେବ ଯେପରି ଜବରଦସ୍ତ ହାକିମ ଏଜିଲ୍ଲାର ଲୋକମାନେ ଭଲକରି ଜାଣନ୍ତି ବର୍ଷକତଳେ ଏଜଣ୍ଟ ମାଜିଷ୍ଟ୍ରେଟ ହୋଇ ଏଠାରୁ ପ୍ରଜାମାନଙ୍କୁ ଆସି ହେଉଟେନଲାଙ୍କୁ ଚଳାଇ ଯାଇ ଥିଲେ । ଓଡ଼ିଶା ଗଉଦ ବୋଲି ଗୀର-କରେ ସବୁ ସହି ଗଲା । ବର୍ତ୍ତମାନ ସେ ମୁର୍-ଶିଦାବାଦର ମାଜିଷ୍ଟ୍ରେଟ । ବଙ୍ଗଲା ଓଡ଼ିଶାପରି ନୁହଇ । ସେଠାରେ ଆପଣା ପ୍ରକୃତ ଦେଖାଇ ବଡ଼ ହରବରରେ ପଡ଼ି ଅଛନ୍ତି । ଦୁଇଜଣ ବଡ଼ଲୋକଙ୍କଠାରେ ଗୋଟାଏ ପୁରୁଣା ଓ ଆଉ ଗୋଟାଏ ଖେଳନାପରି ପିସ୍ତଲ ଥିଲା ତହିଁପାଇ ସେ ପାଶ କରି ନ ଥିବା ଅପରାଧରେ ଚାଲାଣ ହେବାରୁ ମାକ୍ସ୍‌ନି ସାହେବ ତାହାଙ୍କୁ ଦ ୧୫ ନ କାରାବାସ ଦଣ୍ଡ ଦେଲେ । ଜଜ୍‌ଙ୍କ [illegible] ଠାରେ ସେହିଦିନ ମୋସନ ହୋଇ ଯାମିନ ନେଇ ଖଲାସ ଦେବାର ଆଦେଶ ଆସିଲା କିନ୍ତୁ ମାକ୍ସ୍‌ନି ସାହେବ ତାହା ନ ମାନି ଆସାମିଙ୍କ ହାତ-ବେଡ଼ି ପିନ୍ଧାଇ ଜେଲକୁ ପଠାଇ ଦେଲେ । ଅପରଦିନ ଜଜସାହେବଙ୍କୁ ଏକଥା ଜଣାଇବାରେ ସେ ଜମିନରେ ଖଲାସ ଦେବାକାରଣ ନୂତନ ଓାରେଣ୍ଟ ଜାରି କରି ଘ ୧୧ ଟା ସମୟରେ ପଠାଇ ଦେଲେହେଁ ଅପରାହ୍ନ ଘ ୩ ଟା ସମ-ୟରେ ଆସାମୀମାନେ ଖଲାସ ପାଇଲେ ଆସା-ମୀମାନେ ମାକ୍ସ୍‌ନି ସାହେବଙ୍କ ନାମରେ ଫଉଜ-ଦାରୀ ନାଲିସ କରିବାକାରଣ ମାନ୍ୟବର ଲେଫ୍ଟେନାଣ୍ଟଙ୍କ ଅନୁମତି ପ୍ରାର୍ଥନା କରି ଅଛନ୍ତି ଏବଂ ଦେଓାନୀ ଅଦାଲତରେ ଏକଲକ୍ଷ ଟଙ୍କା ଦାବୀରେ ନାଲିସ କରିବାର ମଧ୍ୟ ଉଦ୍ୟମ କରୁ ଅଛନ୍ତି । ସମ୍ଭବତଃ ଏଥର ସାହେବଙ୍କର ଚେତନା ହେବ ।

---

ଦାରଜିଲିଂରେ ଲୋଇସ ଯୁବିଲି ସ୍ୱାସ୍ଥ୍ୟାଗାର-ନାମକ ଯେଉଁ ଆଶ୍ରମଟି ଦେଶୀୟ ଲୋକଙ୍କ ସ୍ୱାସ୍ଥ୍ୟୋନ୍ନତି ଅଭିପ୍ରାୟରେ ସ୍ଥାପିତ ହୋଇ ଅଛି ତହିଁର ତୃତୀୟବାର୍ଷିକ ବିବରଣୀ ଅମ୍ଭେମାନେ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁ-ଅଛୁଁ । ବିବରଣ ପାଠକରୁ ଆନନ୍ଦ ସହିତ ଅବ-ଗତ ହେଲୁଁ ଯେ ଏହାର ଆଦର କ୍ରମଶଃ ବୃଦ୍ଧି ହୋଇ ଅଛି ଏବଂ ନାନାସ୍ଥାନର ଲୋକ ଏଠାକୁ ଆସି ଅଳ୍ପ ବ୍ୟୟ ଏବଂ ଅଧିକ ସ୍ୱଚ୍ଛନ୍ଦରେ ପୀଡ଼ା-ବିଶେଷରୁ ମୁକ୍ତ ହୋଇ ଅଥବା ସ୍ୱାସ୍ଥ୍ୟ ଲାଭ କରି ଦୃଢ଼ କରି ଯାଉ ଅଛନ୍ତି । ବର୍ତ୍ତିତ ବର୍ଷରେ ଜ ୬୧୦ ଣ ଏଠାରେ ବସା କରି ଥିଲେ ଏବଂ ଏ ସଂଖ୍ୟା ତହିଁର ପୂର୍ବବର୍ଷରୁ ବହୁତ ଊଣା ହେଲେହେଁ ଏମାନେ ଅଧିକକାଳ ରହିବାରୁ ହରଦର ଫଳ ଅଧିକ ପଡିଥିଲା ଦିଆ ହୁଏବା । ଲୋକଙ୍କ ମଧ୍ୟରେ ନିଷ୍ଠାବାନ୍ ହିନ୍ଦୁ ଏବଂ ତହିଁ ମଧ୍ୟରେ ବ୍ରାହ୍ମଣ ଓ କାୟସ୍ଥଙ୍କ ସଂଖ୍ୟା ଅଧିକ । ଏ ଆଶ୍ରମର ଯୋଡ଼ିଏ ଶାଖା ଅଛି ଅର୍ଥାତ୍ ଗୋଟିଏ ନିଷ୍ଠାବାନ୍ ହିନ୍ଦୁଙ୍କ ସକାଶେ ଏବଂ ଅପରଟି ସାଧାରଣଙ୍କ ସକାଶେ । ଶେଷ ଉକ୍ତିତ ଶାଖାରେ ମୁସଲମାନ ଖ୍ରୀଷ୍ଟିୟାନ ବ୍ରାହ୍ମ ଓ ଇତ୍ୟା-ମତେଭ ଅପର ହିନ୍ଦୁମାନେ ବାସ କରନ୍ତି । ନୈ-ଷ୍ଠିକ ହିନ୍ଦୁମାନଙ୍କ ସକାଶେ ପ୍ରଥମଶ୍ରେଣୀର ଟ ୫୧ ୨ୟ ଶ୍ରେଣୀର ଟ ୨୧ ଏବଂ ତୃତୀୟ

Digitized by srujanika@gmail.com

ଶ୍ରେଣୀର ୫ ୧୯ ଦୈନିକ ଖର୍ଚ୍ଚା ଧାର୍ଯ୍ୟ ହୋଇ ଅଛି ବସା ଭଡ଼ା ଖାଇବା ଖର୍ଚ୍ଚା ଡାକ୍ତର ଖର୍ଚ୍ଚା ଇତ୍ୟାଦି ସବୁ ତହିଁର ଅନ୍ତର୍ଗତ ଅଟଇ । ସମ୍ପ୍ରତି ଆଉ ଗୋଟିଏ ଶ୍ରେଣୀ ଫିଟିବାର କଥା ଚାଲି ଅଛି ଯ ଯହିଁରେ ଦୁଃଖିମାନେ ଅତି ସାମାନ୍ୟ ଦୈନିକ ଖର୍ଚ୍ଚାରେ ସେଠାରେ ରହି ସ୍ୱାସ୍ଥ୍ୟଲାଭ କରିବାକୁ ସକ୍ଷମ ହେବେ । ଏଥିପାଇଁ ଚେଷ୍ଟା ଅନୁଷ୍ଠିତ ହେଉ ଅଛି । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଏ ପ୍ରସ୍ତାବ ସର୍ବସାଧାରଣଙ୍କ ସହାନୁଭୂତି ଲାଭ କରିବ ।

---

ସହବାସସମ୍ମତି ସମ୍ବନ୍ଧୀୟ ଆଇନର ମର୍ମାନୁଯାୟୀ ରଙ୍ଗୁନ ଡେପୋଟୀ କମିଶ୍ନର ସାହେବଙ୍କ ଅଦାଲତରେ ନିକଟରେ ଗୋଟିଏ ମୋକଦ୍ଦମା ଉପସ୍ଥିତ ହୋଇ ଯାଇଥିବାର ସମ୍ବାଦ ମିଳଇ । ମଥୁନନ୍ଦନ ନାମରେ ଜଣେ ମାନ୍ଦ୍ରାଜୀ ହିନ୍ଦୁ ୧୧ ବର୍ଷ ମା ୮ ସ ବୟସ୍କା ଅକାମୂଥସନାମ୍ନୀ ଗୋଟିଏ କନ୍ୟାର ପାଣି ଗ୍ରହଣ କରିଥିଲେ । ବିବାହକାର୍ଯ୍ୟ ଗତ ମଇମାସ ତା ୧୫ ରିଖରେ ସମ୍ପନ୍ନ ହୋଇଥିଲା । ବିବାହ ଦିନରୁ ସ୍ତ୍ରୀଟି ସ୍ୱାମିଘରେ ଥାଇ ଗତ ଜୁନମାସ ତା ୩୦ ରିଖରୁ ସ୍ତ୍ରୀତ୍ୱ ପ୍ରାପ୍ତ ହୋଇଥିଲେ ସୁଦ୍ଧା ଭିନ୍ନ ଘରେ ଶୟନ କରୁଥିଲା । ଅତଃପର ସ୍ତ୍ରୀର ବିଧବାମାତା ହିନ୍ଦୁଧର୍ମ ଛାଡ଼ି ମୁସଲମାନଧର୍ମ ଆଶ୍ରୟକରି ଇସ୍ମାଏଲ ନାମକ ଏକବ୍ୟକ୍ତିକୁ ବିବାହ ହେଲା । ପରେ ମଥୁନନ୍ଦନ ଘରେ ନ ଥିବା ସମୟରେ ଦିନକରେ ମାତା ଓ ଇସ୍ମାଏଲ ଉଭୟେ ସ୍ତ୍ରୀଟିକି ଭୁଲାଇ ନେଇ ଯାଇ ଆପଣା ଘରେ ରଖିଲେ । ଜିଲ୍ଲା ମେଜେଷ୍ଟ୍ରେଟଙ୍କ ନିକଟରେ ସ୍ୱାମୀ ସ୍ତ୍ରୀକି ଫେରି ପାଇବାକାରଣ ଫୌଜଦାରୀ କାର୍ଯ୍ୟବିଧିର ୫୫୧ ଧାରାନୁଯାୟୀ ମୋକଦ୍ଦମା ଆଗତ କଲା ଏବଂ ଏପରି ଆପତ୍ତି କଲେ ଯେ ବିବାହ ଦିନରୁ ସ୍ୱାମୀ ସ୍ତ୍ରୀର ଅଭିଭାବକ ଏବଂ ମାତା ଅଭିଭାବକ ହେଲେ ସୁଦ୍ଧା ସେ ବିଧର୍ମୀ ହୋଇ ଥିବାରୁ କନ୍ୟାର ଅଭିଭାବକତ୍ୱ ତ୍ୟାଗ କରି ଅଛି । ମେଜେଷ୍ଟ୍ରେଟ ସ୍ୱାମିର ଆପତ୍ତି ଶୁଣିଲେ ନାହିଁ ଓ ମୋକଦ୍ଦମା ଡିସମିସ କଲେ ଏବଂ ତହିଁ ଉପରେ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୯୧ ର ଅନୁଯାୟୀ ମଥୁ ଆପଣା ସ୍ତ୍ରୀ-ସହିତ ସହବାସ କରି ବଳାତ୍କାର ଅପରାଧ କରିଥିବା ଅଭିଯୋଗରେ ମୋକଦ୍ଦମା ଚଳାଇଲେ । ଆପତ୍ତି ହେଲା ଯେ କେହି ନାଲିସ କରି ନାହିଁ ତମ୍ଭା ବାଳିକା ସ୍ତ୍ରୀ ସହିତ ମଥୁର ସହବାସ ହେବାର କୌଣସି ଆଭାଷ ସୁଦ୍ଧା ଦେଇ ନାହିଁ; ଏପରି ଅବସ୍ଥାରେ ଗବର୍ଣ୍ଣମେଣ୍ଟଙ୍କ ନୂତନ ସରକୁଲର ଅନୁଯାୟୀ ମୋକଦ୍ଦମା ଚଳି ନ ପାରେ ଜିଲ୍ଲା ମେଜେଷ୍ଟ୍ରେଟ ଅର୍ଥାତ୍ ଡେପୋଟୀ କମିଶ୍ନର ଡଫ ସାହେବ ତହିଁରେ କର୍ଣ୍ଣପାତ କଲେ ନାହିଁ ମୋକଦ୍ଦମା ଚଳିଲା । ବାଳିକା ସ୍ତ୍ରୀ, ତାଙ୍କର ମାତା ଓ ଅନ୍ୟ ଅନେକ ଲୋକଙ୍କର ଯୋବାନବନ୍ଦୀ ହେଲା ଉତ୍ତାରୁ ପ୍ରମାଣାଭାବେ ଆସାମୀ ଖଲାସ ହେଲେ ।—ଡଫ ସାହେବଙ୍କ କାର୍ଯ୍ୟ ନିତାନ୍ତ ବେଆଇନ ହୋଇ ଅଛି । ଏହିଭଳି ମାଜିଷ୍ଟ୍ରେଟଙ୍କ ଦ୍ୱାରା ଆଇନ ଅନେକ ସମୟରେ ବିଫଳ ହୁଅଇ । ଆମ୍ଭେମାନେ ଭରସା କରୁଁ ଗବର୍ଣ୍ଣମେଣ୍ଟ ଡଫସାହେବଙ୍କ ଉପରେ ଅନୁସନ୍ଧାନ କରି ତାହାଙ୍କୁ ଉଚିତ ଶିକ୍ଷା ଦେବେ ।

—○※○—

## ପୁରୀ-ରଥଯାତ୍ରା ।

ପୂର୍ବପ୍ରକାଶିତ ବିବରଣରୁ ପାଠକମାନେ ଜାଣିଥିବେ ଯେ ଗୁଣ୍ଡିଚାଯାତ୍ରା ଯଥାସମୟରେ ନିର୍ବାହିତ ହୋଇ ଥିଲା ଅର୍ଥାତ୍ ଠାକୁରମାନେ ଜୁଲାଇମାସ ତା ୧୩ ରିଖ ସୋମବାର ସପ୍ତମୀ-ଦିନ ଗୁଣ୍ଡିଚାଘରକୁ ବିଜେକଲେ ଏବଂ ଅନ୍ନ-ଭୋଗାଦି ଯଥାରୀତିରେ ହୋଇଥିଲା । ମାତ୍ର ବାହୁଡ଼ାବିଜୟରେ ବଡ଼ ବିଳମ୍ବ ହୋଇ ଅଛି ।

ତା ୧୪ ରିଖ ମଙ୍ଗଳବାର ନୀତିମାନ ସମ୍ପ୍ରାନୁସାରେ ହୋଇ ରଥ ଦକ୍ଷିଣମୂର୍ତ୍ତି ହେବା-ସକାଶ ଆଜ୍ଞାମାଳ ବିଜେ ହେଲା । ଯଥାସମୟରେ ରଥ ଦକ୍ଷିଣମୂର୍ତ୍ତି ହୋଇ ଥିଲେ । ଠାକୁରମାନେ ତା ୨୨ ରିଖ ଗୁରୁବାର ବାହୁଡ଼ାଦଶମୀଦିନ ରଥାରୋହଣ କରିଥାନ୍ତେ ମାତ୍ର ତା ୨୪ ରିଖ-ପର୍ଯ୍ୟନ୍ତ ତାହା ନ ହେବାରୁ ମହାପ୍ରଭୁ ଜଗନ୍ନାଥ ବିନରେ ଆସି ରହିଲେ ।

ତା ୨୫ ରିଖ ରବିବାର ରଥମାନ ବିଜେ-ଦ୍ୱାରେ ଉପସ୍ଥିତ ହେବାରୁ ବେଳ ୨ଟା ସମୟ ଠାକୁରମାନେ ରଥାରୂଢ଼ ହେଲେ ଓ ୪ଟା ସମୟରେ ପୁଲିସସାହେବ ଆସି ରଥଚଳା ଆରମ୍ଭ କରିବାରେ ବଡ଼ରଥ ବଳଗଣ୍ଡି ଠାରେ ରହିଲେ । ବଡ଼ ଦୁଃଖର କଥା ଯେ ସାହେବ ପ୍ରଶଂସିତ ସକାଳଓଳ ରଥ ଚଳାଇବାର ଉଦ୍ୟୋଗ ନ କରି ନିଜ ୪ଟା ସମୟରେ ସ୍ୱୟଂ ଦଳବଳ-ସହିତ ଆସି ରଥ ଚଳାଇବାରେ ଓ ବର୍ଷାହେତୁ ଦି ୨ ଦିନ ରଥଚଳା ବନ୍ଦ ହେବାରେ ଅତି ବିଳମ୍ବ ହେଲା । ଯାହାହେଉ ସାହେବ ପ୍ରଶଂସିତ ଏବର୍ଷ ବିଶେଷ ଯାତ୍ରୀ ନ ଥିବାରୁ ନବଯଉବନ-ଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ନିରାପଦେ ରଥ ସିଂହଦ୍ୱାରେ ଲାଗିବାରୁ ସୁଖ୍ୟାତି ଲାଭ କରି ଅଛନ୍ତି ।

ତା ୩୦ ରିଖ ଗୁରୁବାର ୫ଟା ସମୟରେ ଗଣେଶଗୁଣ୍ଡିଚାଠାରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଚଳି ସ୍ୱକନ୍ଦଅରଦ୍ୱାରେ ଲକ୍ଷ୍ମୀ ନାରାୟଣ ଭେଟ ହୋଇ ୭ଟା ସମୟ ସନ୍ଧ୍ୟା ସରିକି ସିଂହଦ୍ୱାରେ ଲାଗିଲେ ।

ତା ୩୧ ରିଖ ଶୁକ୍ରବାର ଚନ୍ଦ୍ରବୁଲା ଏକାଦଶୀ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦକ୍ଷିଣଭୁଜସ୍ଥ ସୁବର୍ଣ୍ଣଚକ୍ର ମଧ୍ୟାହ୍ନ ଧୂପ ସାରି ବିମାନରେ ସାତ-ସାହି ଭ୍ରମଣ କରିବାର କେତେକବର୍ଷ ହେଲା ଚଳି ଆସୁଅଛି ମାତ୍ର ଏ ନୀତି ଇନ୍ଦ୍ରଦ୍ୟୁମ୍ନଦେବ ମହାରାଜାଙ୍କ ସମୟରୁ ନୁହେ । ଗୁଣ୍ଡିଚା ଓ ପଞ୍ଚକ ଯାତ୍ରାରେ ଓଲଟଠା ପ୍ରଚଳିତ ହେବାରୁ ପୁରୀର ମହାରାଜା ଓ ବାବା ବ୍ରହ୍ମଗିରୀ ଏମାନେ ଚକ୍ର ଓ ନୃସିଂହଙ୍କୁ ସାତସାହିରେ ଭ୍ରମଣ କରିବାର ଚଳାଇ ଅଛନ୍ତି । ଏବର୍ଷ ଓଲଟଠା ଏଠାରେ ନୋହିବାରୁ ଚକ୍ରଦେବତା ବୃଥା ଭ୍ରମଣ କରିବାକୁ ଇଚ୍ଛା ନ କରି ଏହିଦିନ ଦିନ ୧୨ଟା ସମୟରେ ପ୍ରଭୁ ବଡ଼ଦେଉଳ ରତ୍ନ-ସିଂହାସନରେ ବିଜେକଲେ ।—

---

## ୰ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ।

ଭାରତର ମୁକୁଟୋଜ୍ଜ୍ୱଳକାରୀ ପଣ୍ଡିତପ୍ରବର ବିଦ୍ୟାସାଗର ଭାରତମାତାଙ୍କୁ ଦୁଃଖସାଗରେ ଭସାଇ ଗତପୂର୍ବ ମଙ୍ଗଳବାର ରାତ୍ରି ଘ ୨ ଟା ସମୟରେ ଇହଲୋକ ପରିତ୍ୟାଗ କରି ଗଲେ । ବିଦ୍ୟାସାଗର କହିଲେ ଆବାଳ ବୃଦ୍ଧ ସମସ୍ତେ ତାଙ୍କୁ ଚିହ୍ନି ପାରିଥିଲେ କଙ୍ଗାଳର ;ବର୍ଣ୍ଣପରିଚୟର ପ୍ରଣେତା ଥିବାରୁ ଯେ ବଙ୍ଗଳାବିଦ୍ୟା ପାଠ କରିଅଛି ସେ ତାଙ୍କୁ ଚିହ୍ନି ଅଛି । ଓଡ଼ିଶାରେ ବଙ୍ଗଳା ତାହାଙ୍କର କେତେକ ବଙ୍ଗଳାପୁସ୍ତକ ଅନୁବାଦିତ ହୋଇ ବହୁଦିନରୁ ବିଦ୍ୟାଳୟରେ ଚଳି ଆସୁଥିବାରୁ ସେ ଅପରିଚିତ ନ ଥିଲେ ବାସ୍ତବିକ ବିଦ୍ୟାର ସାଗର ଥିଲେ ତାଙ୍କର ଜୀବନଚରିତ ଆଲୋଚନା କରିବାକୁ ଆମ୍ଭେ-ମାନେ ଅଯୋଗ୍ୟ । ସାଧୁଜୀବନର ବର୍ଣ୍ଣନା ଅସାଧୁଙ୍କଠାରୁ ସମ୍ଭବ ନୁହେ ସୁତରାଂ ତାଙ୍କର ଅତୁଳନୀୟ ଅକଥନୀୟ କାର୍ଯ୍ୟକଳାପର ବର୍ଣ୍ଣନାରୁ ବିରତ ହୋଇ କେବଳ ସଂକ୍ଷେପ ଜୀବନୀ ନିମ୍ନେ ପ୍ରଦାନ କରୁଅଛୁଁ ।

Digitized by srujanika@gmail.com

ବିଦ୍ୟାସାଗର ମହୋଦୟ ଇଂରାଜୀ ୧୮୨୦ ମସିହାରେ ହୁଗୁଳିଜିଲ୍ଲାର ଅନ୍ତଃପାତୀ ବୀରସିଂହ ଗ୍ରାମରେ ଜନ୍ମଗ୍ରହଣ କଲେ । ଏହାଙ୍କର ପିତାଙ୍କର ନାମ ଠାକୁରଦାସ ବନ୍ଦ୍ୟୋପାଧ୍ୟାୟ । ୧୮୨୯ ମସିହାରେ ସଂସ୍କୃତ କଲେଜରେ ଶିକ୍ଷାର୍ଥେ ପ୍ରବେଶ ହେଲେ ୧୮୪୧ ମସିହାପର୍ଯ୍ୟନ୍ତ କଲେଜରେ ବିଦ୍ୟାଶିକ୍ଷା କରିଥିଲେ । ବ୍ୟାକରଣ ସାହିତ୍ୟ ଅଲଙ୍କାର, ସ୍ମୃତି, ନ୍ୟାୟ, ସାଂଖ୍ୟ ଓ ବେଦାନ୍ତରେ ବ୍ୟୁତ୍ପତ୍ତି ଲାଭ କରି କଲେଜରୁ ବିଦ୍ୟାସାଗର ଉପାଧି ପ୍ରାପ୍ତ ହେଲେ ତାଙ୍କର ୨୧ ବର୍ଷ ବୟଃକ୍ରମକାଳରେ ଫୋର୍ଟଉଇଲିୟମ କଲେଜର ପ୍ରଧାନ ଅଧ୍ୟକ୍ଷ ପଦରେ ଟ ୫୦୲ ଙ୍କା ବେତନରେ ନିଯୁକ୍ତ ହେଲେ । ୧୮୪୧ ମସିହାରେ ବେତାଲପଞ୍ଚବିଂଶତି ବିଦ୍ୟାଳୟର ପାଠୋପଯୋଗୀ ପୁସ୍ତକ ପ୍ରଣୟନ କଲେ ଓ ସେହିକାଳରେ ସଂସ୍କୃତ କଲେଜର ଆସିଷ୍ଟାଣ୍ଟ ସେକ୍ରେଟରୀ କାର୍ଯ୍ୟରେ ନିଯୁକ୍ତ ହେଲେ ବର୍ଷେକମଧ୍ୟରେ ଏ କାର୍ଯ୍ୟରୁ ଇସ୍ତଫା ପ୍ରଦାନ କଲେ ୧୮୪୯ ମସିହାର ପ୍ରାରମ୍ଭରେ ଟ ୮୦୲ ଙ୍କା ବେତନରେ ଫୋର୍ଟ ଉଇଲିୟମ କଲେଜର ହେଡ଼କିରାଣୀ ଓ ବର୍ଷଶେଷରେ ଟ ୯୦୲ ଙ୍କା ବେତନରେ ସଂସ୍କୃତ କଲେଜର ଅଧ୍ୟାପକ ହେଲେ ଏବଂ ୧୮୫୧ ମସିହାର ପ୍ରାରମ୍ଭରେ ପ୍ରୋକ୍ତ କଲେଜର ପ୍ରିନ୍ସିପାଲ ପଦରେ ଟ ୧୫୦୲ ଙ୍କା ବେତନରେ ନିଯୁକ୍ତ ହେଲେ । ତାଙ୍କର ଚାକିରି ସମୟରେ ସେ ଅନେକ ପୁସ୍ତକ ପ୍ରଣୟନ କରିଥିଲେ । ତାହାସବୁ ସଂସ୍କୃତ ଓ ବର୍ଣ୍ଣାକ୍ୟୁଲର ବିଦ୍ୟାଳୟରେ ପାଠ୍ୟପୁସ୍ତକସ୍ୱରୂପ ଚଳୁଅଛି । ୧୮୫୪ ମସିହାରେ ବିଦ୍ୟାସାଗରଙ୍କ ସର୍ବପ୍ରଧାନ କୀର୍ତ୍ତିର ସୂତ୍ରପାତ ହେଲା । ବିଧବାବିବାହର ବ୍ୟବସ୍ଥା କରିବାନିମନ୍ତେ ଯଥେଷ୍ଟ ଚେଷ୍ଟା କରି ପରଶେଷରେ ସରକାରବାହାଦୂରଙ୍କ ସାହାଯ୍ୟ ନେଇ ବିଧବା ପୁନର୍ବିବାହ ହୋଇପାରିବ ଏହି ଆଇନ ପାଶ କରାଇ କେତେକ ବିଧବା ବିବାହ କରାଇଥିଲେ । ଯେଉଁ ପଣ୍ଡିତମାନେ ଏହାଙ୍କୁ ପ୍ରଥମେ ଏ ବିଷୟରେ ସାହାଯ୍ୟ କରୁଥିଲେ ସେମାନେ ସୁଦ୍ଧା ( ଅପରଙ୍କ କଥା ଓ ଜଣାଶୁଣା ) ତାଙ୍କୁ ତ୍ୟାଗ କରିବାରୁ ସେ ହିନ୍ଦୁମାନଙ୍କଠାରେ ଅତ୍ୟନ୍ତ ବିରକ୍ତ ହେଲେ ସୁଦ୍ଧା ସେ ଲେଶମାତ୍ର ସଙ୍କୁଚିତ ନ ହୋଇ ସ୍ୱକାର୍ଯ୍ୟରେ ଅଗ୍ରସର ହୋଇଥିଲେ । ବିଧବାବିବାହ ସାଧନ କରିବାନିମନ୍ତେ ସ୍ୱୟଂ ବ୍ୟୟଭାର ଗ୍ରହଣ କରି ଅଧିକ-ଋଣଗ୍ରସ୍ତ ହୋଇଥିଲେ । ୧୮୫୫ ମସିହାରେ ଟ ୫୦୦୲ ଙ୍କା ବେତନରେ ହୁଗୁଳି ବର୍ଦ୍ଧମାନ ମେଦିନୀପୁର ଓ ନଦିଆଜିଲ୍ଲାର ସ୍କୁଲମାନଙ୍କର ଇନସ୍ପେକ୍ଟର ପଦରେ ନିଯୁକ୍ତ ହେଲେ । ଏହି ସମୟରେ ସେ ପାଠଶାଳାପଠନର ନିୟମ ପରିବର୍ତ୍ତନ ଓ ଅନେକ ପାଠ୍ୟପୁସ୍ତକ ପ୍ରଣୟନ କଲେ ଓ ସ୍ଥାନେ୨ ବାଳିକାବିଦ୍ୟାଳୟ ବସାଇଲେ ତିନିବର୍ଷାନ୍ତରେ ସେହିକାର୍ଯ୍ୟ ତ୍ୟାଗ କରି ଆହୁରି ଅନେକ ପୁସ୍ତକ ପ୍ରଣୟନରେ ନିଯୁକ୍ତ ହେଲେ ୧୮୭୧ ମସିହାରେ ବହୁବିବାହର ପ୍ରଥା ରହିତ କରିବାନିମନ୍ତେ ବଦ୍ଧପରିକର ହୋଇଥିଲେ ଗବର୍ଣ୍ଣମେଣ୍ଟ ବିଶେଷ ସାହାଯ୍ୟ ନ କରିବାରୁ ବିଶେଷ କୃତକାର୍ଯ୍ୟ ହୋଇ ନ ପାରିଲେ । ଏ ଉତ୍ତାରୁ ବିଦ୍ୟାସାଗର କେବଳ ବିଦ୍ୟା ଚିକିତ୍ସାଆଦି ଦାନ ଓ ଦୁଃଖୀସେବାବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରୁ ନ ଥିଲେ । କଲିକତାର ମେଟ୍ରୋପଲିଟନ କଲେଜ ତାଙ୍କର ବିଦ୍ୟାଦାନର ଯଶସ୍ତମ୍ଭ ଓ ଶାଖାସ୍କୁଲମାନ ତହିଁର ପରିପୋଷକ । ସେ ଅନାଥ ବାଳକ ଓ ବିଧବା ଓ ଅନ୍ୟାନ୍ୟମାନଙ୍କୁ ଅସାଧାରଣ ପ୍ରକାରରେ ସାହାଯ୍ୟ କରୁଥିଲେ ତାଙ୍କ ବିହନରେ କେତେଲୋକ ଅନାଥ ହେଲେ ତାହା ଅଗଣ୍ୟ । ଏହାଙ୍କ ଦୟାର୍ଦ୍ରହୃଦୟ ଓ ବଦାନ୍ୟତାର ଏତିକି ପରିଚୟ ଦେବା ଯଥେଷ୍ଟ ଯେ ସ୍ୱରଚିତ ପୁସ୍ତକାଦି ବିକ୍ରୟଦ୍ୱାରା ମାସିକ ୩୪ ହଜାର ଟଙ୍କା ଆୟ କରୁଥିଲେ ମାତ୍ର ତହିଁର ପ୍ରାୟ ତିନିଭାଗ କେବଳ ଦୁଃଖିମାନଙ୍କ ହିତାର୍ଥ ଦାନ କରି ଅବଶିଷ୍ଟ ଆୟଦ୍ୱାରା ସାମାନ୍ୟରୂପେ ଆପଣା ସଂସାରର ବ୍ୟୟ ନିର୍ବାହ କରୁଥିଲେ । ଧନେ ତାହାଙ୍କର ବଡ଼ଲୋକି କେହି ଦେଖି ନାହିଁ କିମ୍ବା ଦାନର ଆଡ଼ମ୍ବର ଶୁଣି ନାହିଁ । ଗତ କେତେକବର୍ଷ ସେ ସାଧାରଣ କୋଳାହଳରେ ଯୋଗପ୍ରଦାନ ନ କରି ଶାନ୍ତିରେ କାଳଯାପନ କରୁଥିଲେ । ଏତେବଡ଼ ମହାନ୍ ଲୋକ ହୋଇ ମଧ୍ୟ ସେ ସମସ୍ତଙ୍କସହିତ ସମାନ ବ୍ୟବହାର କରୁଥିଲେ । ସେ ଇଂରାଜୀଭାଷା ଉତ୍ତମରୂପେ ଜାଣୁଥିଲେ ଓ ଇଂରେଜ ତାଙ୍କୁ ବିଶେଷ ମାନ୍ୟ କରୁଥିଲେ ଓ ତାଙ୍କ ସୁପାରିସରେ ଅନେକେ ଉଚ୍ଚପଦ ପ୍ରାପ୍ତ ହୋଇଥିଲେ କିନ୍ତୁ ସେ ଇଂରେଜଙ୍କ ରୀତିନୀତି ଅବଲମ୍ବନ କରି ନ ଥିଲେ ଏପରି କି ପରିଚ୍ଛଦ ମଧ୍ୟ ପରିବର୍ତ୍ତନ କରି ନ ଥିଲେ କି ରାଜଦ୍ୱାର କି ସମାଜଦ୍ୱାର ସର୍ବସ୍ଥାନରେ ଧୋତି ଚଦର ପରିଧାନ କରି ବିଦ୍ୟାସାଗର ଉପସ୍ଥିତ । ଆମ୍ଭେମାନେ ପରଶେଷରେ କାମନା କରୁଁ ତାଙ୍କର ଉଜ୍ଜ୍ୱଳତର ଯଶଃକୀର୍ତ୍ତି ଅମରତ୍ୱ ପ୍ରାପ୍ତ ହେଉ ଓ ଆତ୍ମା ପରମାତ୍ମା ସହିତ ମିଳିତ ହେଉ । ପ୍ରକାଶ ଥାଉ କି ତାଙ୍କର କଲେଜଛାତ୍ରମାନେ ଶୋକଚିହ୍ନ ଧାରଣ କରିବାନିମନ୍ତେ ଦି ୧୦ ନ କେବଳ ଧୋତି ଚଦର ବ୍ୟତୀତ ଯୋତା ବା ଅନ୍ୟ ବସ୍ତ୍ର ପରିଧାନ କରିବେ ନାହିଁ । ଏହା ବାସ୍ତବିକ ବାଳକମାନଙ୍କର ପିତୃବତ୍ ଶିକ୍ଷାଦାତାଙ୍କପ୍ରତି ଉଚିତ ବ୍ୟବହାର ଓ ଭକ୍ତିର ଚିହ୍ନ ଅଟଇ ।

---

### ରାଜା ରାଜେନ୍ଦ୍ରଲାଲ ମିତ୍ର ।

ଏହାଙ୍କର ଗତପୂର୍ବ ମଙ୍ଗଳବାରରାତ୍ରରେ ଜୀବଲୀଳା ସାଙ୍ଗ ହୋଇଥିବାର ଦାରୁଣସମ୍ବାଦ ପାଠକମାନଙ୍କୁ ଗତ ପତ୍ରିକାରେ ଜଣାଇଅଛୁଁ । ରାଜାଙ୍କ ବିୟୋଗ ଭାରତର ପ୍ରକାଣ୍ଡ ଯଶସ୍ତମ୍ଭର ନିଃଶେଷ । ରାଜାଙ୍କ ଖ୍ୟାତି ସର୍ବଦେଶରେ ବିସ୍ତୃତ । ରାଜାଙ୍କ ମୃତ୍ୟୁରେ ସମସ୍ତେ ଦୁଃଖିତ । ଇଂରେଜମହଲରେ ମଧ୍ୟ ରାଜାଙ୍କ ଆଦର ଅଧିକ ଥିଲା । ଇଂରେଜୀଭାଷାର ଆଧିପତ୍ୟ ଏଥିର କାରଣ । ରାଜା ବଙ୍ଗର କୁଳୀନ କାୟସ୍ଥକୁଳସମ୍ଭୂତ । ଆଦିଶୂର ମହାରାଜା ଯେଉଁ ପାଞ୍ଚଜଣ ବ୍ରାହ୍ମଣ କାନ୍ୟକୁବ୍ଜରୁ ଆଣିଥିଲେ ସେମାନଙ୍କର ଅନ୍ୟତମ ଅନୁଚର କାଳିଦାସମିତ୍ର ଥିଲେ । ରାଜା ରାଜେନ୍ଦ୍ରଲାଲ ଏହି କାୟସ୍ଥକୁଳ ଅଧିନାୟକଙ୍କ ବଂଶସମ୍ଭୂତ ବୋଲି ରାଜା ରାଜେନ୍ଦ୍ରଲାଲଙ୍କ ପ୍ରପିତାମହ ପୀତାମ୍ବର ମିତ୍ର ଦିଲ୍ଲୀ ବାଦସାହଙ୍କ ଦରବାରରେ ଅଯୋଧ୍ୟା ନବାବ ଉଜିରର ଓକିଲ ଥିଲେ । ତଦନନ୍ତର ବାଦସାହଙ୍କ ଅଧୀନରେ କାର୍ଯ୍ୟ କରି ରାଜାବାହାଦୂର ଉପାଧି ଓ ସେ ହାଜାରମନସବ ଅର୍ଥାତ୍ ତିନିସହସ୍ର ଅଶ୍ୱାରୋହୀର ଅଧିନାୟକ ପଦପ୍ରାପ୍ତ ହୋଇଥିଲେ ତଦୁତ୍ତାରେ ଦଶସହସ୍ର ଅଶ୍ୱାରୋହୀର ଅଧିନାୟକ ହୋଇ ଦଶହାଜାରୀପଦ ଓ ଦୋୟାବ ପ୍ରଦେଶର କରସାପରଗନା ଜାଗିର ପ୍ରାପ୍ତହେଲେ । ପୀତାମ୍ବର କର୍ମ ତ୍ୟାଗ କରିଆସିବା ସମୟରେ ଅଯୋଧ୍ୟା ନବାବ ସୁଜାଉଦ୍ଦୌଲଙ୍କଠାରୁ ନଅଲକ୍ଷ ଟଙ୍କା ନଗଦ ଆଣିଥିଲେ । ପୀତାମ୍ବରଙ୍କ ପୁତ୍ର ବୃନ୍ଦାବନ ସମସ୍ତ ପିତୃଧନ ନିଃଶେଷ କରିଦେଲେ । ବୃନ୍ଦାବନ ପରୋପକାର ବ୍ରତରେ ସମସ୍ତ ଧନକ୍ଷୟ କରିଥିଲେ ରାଜା ରାଜେନ୍ଦ୍ରଲାଲଙ୍କ ପିତା ଜନ୍ମେଜୟ

Split by PDF Splitter
Digitized by srujanika@gmail.com

Split by PDF Splitter



ସଂସ୍କୃତ ଓ ପାରସୀ ଭାଷାରେ ବିଶେଷ ପାରଦର୍ଶୀ ଥିଲେ ଓ ବଙ୍ଗଳାଭାଷାରେ ଅଷ୍ଟାଦଶ ପୁରାଣର ସାରସଂଗ୍ରହ କରିଥିଲେ । ଏପ୍ରକାର ପ୍ରସିଦ୍ଧ କାୟସ୍ଥକୁଳଜାତ ରାଜବଂଶସମ୍ଭୂତ ରାଜେନ୍ଦ୍ରଲାଲ ମିତ୍ର କଲିକତାର ନିକଟବର୍ତ୍ତୀ ଶୁଣ୍ଡୋଗ୍ରାମରେ ୧୮୨୪ ମସିହାର ଫିବ୍ରୁୟାରିମାସ ତା ୨୪ ରଖରେ ଜନ୍ମଗ୍ରହଣ କରିଥିଲେ । ସେ ଜନ୍ମେଜୟଙ୍କ ତୃତୀୟପୁତ୍ର । ମୃତ୍ୟୁସମୟରେ ତାଙ୍କର ବୟସ ଅଠଷଠିବର୍ଷ ହୋଇଥିଲା । ରାଜା ରାଜେନ୍ଦ୍ରଲାଲ ଓ ରାଜା ଦୁର୍ଗାଚରଣ ଲାହ ଏକଶ୍ରେଣୀସହାଧ୍ୟାୟୀ ଥିଲେ ଉଭୟ ଭିନ୍ନପଥ ଅବଲମ୍ବନ କରି ଉଭୟମାର୍ଗରେ ନେତା ହୋଇଥିଲେ । ସେ ବାଲ୍ୟକାଳରୁ ଇଂରାଜୀଭାଷାର ଶିକ୍ଷା ଆରମ୍ଭ କରି ବିଶେଷ ବ୍ୟୁତ୍ପତ୍ତି ଲାଭ କରିଥିଲେ । ବ ୧୪ ବର୍ଷ ବୟଃକ୍ରମ କାଳରେ ତାହାଙ୍କ ଶରୀର ଜ୍ୱର ଓ ପ୍ଳୀହା ରୋଗରେ ଆକ୍ରାନ୍ତ ହୋଇ ବିଶେଷ କଷ୍ଟ ପାଇଥିବାରୁ ସେ ଚିକିତ୍ସାଶାସ୍ତ୍ର ଅଧ୍ୟୟନ କରିବାକୁ ମନ ବଳାଇଲେ । ଷୋଡ଼ଶବର୍ଷରେ ଚିକିତ୍ସାକଲେଜରେ ପ୍ରବେଶ କରି ସେଠାରେ ଉତ୍କୃଷ୍ଟ ଛାତ୍ର ବୋଲି ପ୍ରଶଂସିତ ହୋଇଥିଲେ ଏକକାଳରେ ବାବୁ ଦ୍ୱାରକାନାଥ ଠାକୁର ତାଙ୍କୁ ବିଲାତ ପ୍ରେରଣ କରିବାର ପ୍ରସ୍ତାବ କରିବାରୁ ସେ ସମ୍ମତିପ୍ରଦାନ କରିଥିଲେ କିନ୍ତୁ ତାଙ୍କର ପିତା ଜନ୍ମେଜୟ ଏହା ଶୁଣି ରାଜାଙ୍କୁ ଘରେ ବନ୍ଦ କରିଥିଲେ । ଏହିଠାରେ ଚିକିତ୍ସାଶାସ୍ତ୍ର ଅଧ୍ୟୟନ ସମାପ୍ତି ହେଲା । ଡାକ୍ତରହେବା ଆଶା ଶେଷ ହେବାରୁ ଉକିଲ ହେବାର ବାଞ୍ଛା ହେଲା । ଆଇନ ପରୀକ୍ଷାରେ ବିଶେଷ ପ୍ରଶଂସାପ୍ରାପ୍ତ ହୋଇଥିଲେ । କିନ୍ତୁ ପରୀକ୍ଷା ଶେଷ ହେବାରେ ଜଣାଗଲା ଆଇନପ୍ରଶ୍ନ ଚୋରି ଯାଇଥିଲା ସୁତରାଂ ପରୀକ୍ଷା ଅଗ୍ରାହ୍ୟ ହେଲା । ରାଜେନ୍ଦ୍ରଲାଲ ନିତାନ୍ତ ବିରକ୍ତହୋଇ ଆଉ ପରୀକ୍ଷା ଦେଲେ ନାହିଁ । ଏଥିଉତ୍ତାରେ ପାଞ୍ଚବର୍ଷକାଳ ସଂସ୍କୃତ ପାର୍ସି ହିନ୍ଦି ଓ ଉର୍ଦ୍ଦୁଭାଷାମାନ ଶିକ୍ଷା କରି ବିଶେଷ ପାରଦର୍ଶିତା ଲାଭ କରିଥିଲେ । ମେଡିକେଲ କଲେଜରେ ଅଧ୍ୟୟନକରିବା ସମୟରେ ଫରାସି ଲାଟିନ ଓ ଗ୍ରୀକଭାଷା ଅଧ୍ୟୟନ କରିଥିଲେ । ୧୮୪୬ ମସିହାରେ ଏସିୟାଟିକ ସୋସାଇଟୀର ସହକାରୀସମ୍ପାଦକ ଓ ପୁସ୍ତକାଧ୍ୟକ୍ଷ ପଦରେ ନିଯୁକ୍ତ ହୋଇଥିଲେ । ଏହିଠାରେ ଏହାଙ୍କର ପ୍ରତ୍ନତତ୍ତ୍ୱ ବିଦ୍ୟାପ୍ରତି ଅନୁରାଗ ଜାତ ହେଲା ୧୮୫୧ ମସିହାରେ ବିବିଧାର୍ଥସଂଗ୍ରହନାମକ ପତ୍ରିକା ପ୍ରକାଶ କରିଥିଲେ । ଆଠବର୍ଷକାଳ ଏ ପତ୍ରିକା ଜୀବିତ ଥିଲା ପରେ ରହସ୍ୟ ସନ୍ଦର୍ଭନାମକ ଅନ୍ୟଏକ ପତ୍ରିକା ପାଞ୍ଚବର୍ଷକାଳ ଚଳିଥିଲା । ୧୮୫୬ ମସିହାରେ ନାବାଳକ ଜମିଦାର ସନ୍ତାନମାନଙ୍କ ଡିରେକ୍ଟର ପଦରେ ନିଯୁକ୍ତ ହୋଇ ଥିଲେ । ୧୮୭୭ ମସିହାରେ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ପ୍ରଥମେ ରାୟ ବାହାଦୂର ଓ ତହିଁଉ କିଛିଦିନଉତ୍ତାରୁ ରାଜା ପଦ ପ୍ରଦାନ କଲେ । ୧୮୭୬ ମସିହାରେ ବିଶ୍ୱବିଦ୍ୟାଳୟ ଏହାଙ୍କୁ ଏଲ ଏଲ୍ ଡି ଉପାଧି ଦାନ କରିଥିଲେ । ୧୮୭୫ ମସିହାରେ ଏହାଙ୍କ ପ୍ରଣୀତ ଓଡ଼ିଶାର ପ୍ରତ୍ନତତ୍ତ୍ୱସମ୍ବନ୍ଧୀୟ ପ୍ରଧାନ ଗ୍ରନ୍ଥ ପ୍ରକାଶିତ ହୋଇ ଥିଲା । ରାଜେନ୍ଦ୍ରଲାଲଙ୍କ ଗୁଣରେ ପୃଥିବୀର ସଭ୍ୟ ଦେଶସମୂହ ମୁଗ୍ଧ ହୋଇ ଥିଲେ । ଇଂଲଣ୍ଡ ଅଷ୍ଟ୍ରିୟା ଇଟାଲି ଅମେରିକା ଜର୍ମ୍ମାନୀ ହଙ୍ଗାରୀ ଡେନ୍ମାର୍କ ପ୍ରଭୃତି ଦେଶର ପଣ୍ଡିତମାନେ ସେମାନଙ୍କର ସଭାର ସମ୍ମାନିତ ସଭ୍ୟପଦରେ ନିଯୁକ୍ତ କରିଥିଲେ । ରାଜେନ୍ଦ୍ରଲାଲ କେବଳ ଅଧ୍ୟୟନ ଓ ଗ୍ରନ୍ଥ ପ୍ରଣୟନରେ ଜୀବନ ଅତିବାହିତ କରି ନ ଥିଲେ । ଦେଶର ମଙ୍ଗଳକାର୍ଯ୍ୟରେ ମଧ୍ୟ ବ୍ରତୀ ଥିଲେ । ରାଜାଙ୍କମତ ସବୁବିଷୟରେ ଅଧିକ ପ୍ରବଳ ହେଉ ଥିଲା ଓ ରାଜକୀୟ ସାମାଜିକ ବିଷୟରେ ଏହାଙ୍କର ମତ ସେନ କାର୍ଯ୍ୟ ହେଉଥିଲା । ରାଜା ରାଜଦ୍ୱାରରେ ସମାଜଦ୍ୱାରରେ ସମ୍ୟକରୂପେ ସମ୍ମାନିତ ଥିଲେ । ରାଜାଙ୍କ ମୃତ୍ୟୁରେ କେବଳ ଭାରତ ମାତା ରୋଦନ ଏପର ନୁହେ ସମସ୍ତ ସଭ୍ୟଦେଶ ମଧ୍ୟ ବ୍ୟାକୁଳିତ ଓ ଦୁଃଖିତ ।

---

## ସାପ୍ତାହିକ ସମ୍ବାଦ ।

ଗତ ସୋମବାର ଏଠା ଜଜଅଦାଲତ ଜେନେରାଲ ପୁଣି ବେହେରୁଟି ବୋଟେଇ ସେସନି ଲୁ ପୁଲସ ତଦନ୍ତ ଚଳିଅଛି ।

ମୋହରମ ପର୍ବ ସକାଶେ ଆଗାମି ବୁଧବାରଠାରୁ ବଡ଼ ବର ପର୍ଯ୍ୟନ୍ତ ଦେଶୀୟ ଅଦାଲତମାନ ବନ୍ଦ ହେବ ।

ଉତ୍ସବ ପ୍ରୀତ ଶୁକ୍ରବାରୁ ମହାନଦୀ ପଥଡକରେ ଏହା ଶ୍ରୀ ଟୋଟେ ବରଜାଗ ଶିମତ ପାର୍ଶ୍ଵ ରସ । ତହିଁ ସଙ୍ଗରେ ଏବ ବୋଝ ଦଶଦଣ୍ଡ ଉପରେ ଜଡ଼ିପାର ଉଡ଼ାପାରଗ ନବୁଲା ଅନେକ ଲୋକ ମର ପଡ଼ି ଆନ୍ତେ ।

ଗତ ଶନିବାରଦିନ ଏ ନଗରବାସେ ପୁଣି ଥୋକାଏ ପଙ୍ଗପାଳ ଉଡ଼ି ଯାଉଥିବାର ଅନେକଲୋକେ ଦେଖିଅଛନ୍ତି । ଏମାନଙ୍କ ସଂଖ୍ୟା ଅତ୍ୟଳ୍ପ ଥିଲା ଓ ସେ ଜେଚୋଂ ଉଚ୍ଚ ପଡ଼ିଥିଲେ ସେମାନଙ୍କର ଅବୁଦ ପୂର୍ବ ପଙ୍ଗପାଳର ଅବୁଦ ଅପେକ୍ଷା ସାନ ଥିବାର ଦେଖାଗଲା ।

### କଲିକତା-ଗେଜେଟ ।

ଡେପୁଟୀକଲେକ୍ଟର କାର୍ଯ୍ୟଶିକ୍ଷା କରଣାର୍ଥ ବାବୁ ଗୋପାଳ ଭାଗ୍ୟର୍ଯ୍ୟ କଟକ ଜିଲ୍ଲାରେ, ବାବୁ ରାଧାକୃଷ୍ଣ ଦାସ ପୁରୀ ଜିଲ୍ଲାରେ ଓ ସବଡେପୁଟୀ କଲେକ୍ଟର କାର୍ଯ୍ୟଶିକ୍ଷା କରଣାର୍ଥ ବାବୁ ଅକ୍ଷୟକୁମାର ସେନ ବାଲେଶ୍ୱର ଜିଲ୍ଲାରେ ଅବସ୍ଥାପିତ ହେଲେ ।

ବାବୁ ରାମଚନ୍ଦ୍ର ସିଂହ ସ୍ଥାନରେ ବ ନୁଗୋଇ ବୁଡ଼ାକାର ଚୂଡ଼ାମଣିଙ୍କୁ ମହାପାତ୍ର ଉଡ଼େଶ ଶାଖାସ୍କୁଲର ସଭାପଦରେ ନିଯୁକ୍ତ ହେଲେ ।

---

ବାଲେଶ୍ୱରର ବାବୁ ଗଙ୍ଗାନାରାୟଣଦାସଙ୍କ ନାତାଙ୍କ ଅଧ୍ୟକ୍ଷତାରେ ତାଙ୍କ ଉଦୟଚାନ ଭୂଞ୍ଜ ଓ ଜଗତ ଜମା ହୋଇଥିଲେ । ଏମାନଙ୍କ ଆଡ଼ରେ ରେଜେଷ୍ଟ୍ରି ହେବାର ଅବଗତ ହେଲୁଁ ।

ବାଲେଶ୍ୱର ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଏବ ବଳଙ୍ଗଡ଼ବାର କଣ୍ଟମିଲ ଘାଟରେ ଶଣ୍ଟେ ବଡ଼ାରରେ ଦାଙ୍ଗା ୧୭ ଣ ପାର ହେଲେ । ଉଡ଼ିଳ ବୁଡ଼ିଯିବାରୁ କେତେଜଣ ଅପେ ଓ ଅନ୍ୟ ସାହାଯ ଉଦ୍ଧାରାଲେ ଦେଖି କେତେକ ବୁଡ଼ି ମଲେ । କେବଳ ଜଣେ ଣର ମୃତଦେହ ମିଳିଅଛି ।

ମଲ୍ଲାଠାରେ ଓଲାଉଠା ରୋଗ କମିଲାଣି ଏବ ମେଦିନାପୁରରେ ମଧ୍ୟ ହେବାର ସମ୍ବାଦ ମିଳିଛି ଗତ ଜୁଲାଇମାସର ୮ ଓ ୧୫ ତାରିଖରେ ଜ ଣ ଲୋକ ଏହି ରୋଗରେ ମରିଅଛନ୍ତି । ଏଥି ଯ ଉ ବୁଢ଼ିକାଣର ଲୋକଙ୍କ ସଂଖ୍ୟା ଅଧିକ ।

ମାନ୍ଦ୍ରାଜଠାରୁ ଆସିଥିବା ସମ୍ବାଦରୁ ଜଣାଯାଏ ଯେ ପଶ୍ଚିମ ଉପକୂଳରେ ଉତ୍ତମ ବୃଷ୍ଟି ହୋଇଅଛି । ଗଞ୍ଜାମ, ବଲାଗାଟ ଏବ କୃଷ୍ଣା ଓ ଗୋଦାବରୀ ଜିଲ୍ଲା ଓ ନେଲୋର ଅଞ୍ଚଳରେ ବୃଷ୍ଟି ମନ୍ଦ ହୋଇ ନାହିଁ ମାତ୍ର ଅନ୍ୟଠାରେ ବୃଷ୍ଟିର ପରିମାଣ ନିତାନ୍ତ ଊଣା । ଚେଙ୍ଗଲପଟ୍ଟ ଓ ବଲାରୀ ଜିଲ୍ଲାରେ ଲୋକଙ୍କର ଦୁର୍ଦ୍ଦଶା କ୍ରମଶଃ ବଢୁଅଛି । ଉତ୍ତର ଆର୍କଟର ଗୋ ୮ ଟି ଜିଲ୍ଲାରେ ଶସ୍ୟର ମୂଲ୍ୟ କ୍ରମେ ବଢୁଅଛି । ପୂର୍ବ ଗୋଦାରେ ୮ ୧୫୦୦ ରୁ ଅଧିକ ଲୋକେ ଲାଗିଅଛନ୍ତି ଏବଂ ସରକାରୀ ଅଲ୍ଲହବରେ ୮ ୨୩୬୫ ଲୋକେ ମୁଠାଏ ଖାଇ ଜୀବନରକ୍ଷା କରୁଅଛନ୍ତି ।

ଉଡ଼ାଇବ ସୁବସନ ବର୍ତ୍ତମାନ ବର୍ଣ୍ଣଡରେ ଅବସ୍ଥାନ କରୁଥିବାର ସମ୍ବାଦ ମିଳିଛି । ସେ ସେଠାରେ ୨ ୨୦ ନ ଥାଇ ଅପଣା ରାଜ୍ୟକୁ ଲେଉଟି ଆସିବେ ।

ବମ୍ବେର ଟାଇମ୍ସ କାଗଜ ପ୍ରକାଶ କରୁଅଛନ୍ତି ସେ ଇଂରାଜ ସାମ୍ରାଜ୍ୟ ବୃଦ୍ଧି ହେବାର ସୀମା ଏଯାଏ ହୋଇ ନାହିଁ । ଏବଂ ବର୍ତ୍ତମାନ ଅଫ୍ଗାନ ରାଜ୍ୟ ଇଂରାଜଙ୍କ ଅଧିକାରରେ ନାହିଁ । ଯେଉଁ ଦିନ ଅଧିକୃତ ହେବ ତହିଁରେ ଶେଷସୀମା ହେବ ହେବାର ଆଶା ନାହିଁ ।

ଜର୍ମ୍ମାନର ବିଖ୍ୟାତ ଡାକ୍ତର କୋଖ ସାହେବ ଯକ୍ଷ୍ମାରୋଗର ଅମୋଘ ଔଷଧ ଆବିଷ୍କାର କରିବା ଅଳ୍ପଦିନରେ ସମସ୍ତ ପୃଥିବୀରେ ବହୁଳ ପଡ଼ି ଯାଇଥିବାର ପାଠକମାନଙ୍କୁ ଜଣାଅଛି । ବର୍ତ୍ତମାନ ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ସେ ସେ ଔଷଧ କାର୍ଯ୍ୟକର ହେଲା ନାହିଁ ସୁତରାଂ କୋଖ ସାହେବ ସମସ୍ତ ସରକାରୀ କାର୍ଯ୍ୟରୁ ଇସ୍ତଫା ଦେଇଅଛନ୍ତି । ଏଥିରେ ମଧ୍ୟ ଡାକ୍ତରଙ୍କର ପ୍ରଶଂସା ଅଛି ।

ଭାଗଲପୁରର ଟାଉନଠାରେ ଫସଲି ଅଧିକାରରେ ଫସଲ ଭଲ ନ ହେବାରୁ ଦୁର୍ଭିକ୍ଷ ପଡ଼ିଥିବାର ସମ୍ବାଦ ମିଳିଛି ।

Digitized by srujanika@gmail.com

## ଯାଜପୁର-ସମ୍ବାଦ ।

ଅଞ୍ଚଳରେ ପ୍ରଚୁର ପରିମାଣରେ ବୃଷ୍ଟି ହୋଇଥିବାରୁ ଧାନ-ଫସଲର ବିଶେଷ ଉପକାର ହୋଇଅଛି । କୃଷକମାନେ ଗାର ଜାଅଲ ଉବାଲ ଆରମ୍ଭ କରିଅଛନ୍ତି ।

କେତେକ ଦିନ ହେଲା ଏ ନଗରର ଜଣେ ଲୋକ ଗୋ ୧୪ ଟି ଭଣ୍ଡାବଣ୍ଟି ଗୋଟିଏ କବାଡ଼ଇଛି, ଅଣିଅ କାଇ ଦେଖି ସକଳ ଜନରକ୍ଷାବି ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଘୋର କଳ ଉପସ୍ଥିତ ।

ଏ ସବ୍‌ଡିଭିଜନ ଉପକାରେ ଗୋଟିଏ ଅଳ୍ପବୟସ୍କ ବାଳକ ଚୋରି କରିବା ଅପରାଧରେ ମାସ ମ କାରାବାସ ଦଣ୍ଡ ପ୍ରାପ୍ତ ହୋଇଅଛି । କିନ୍ତୁ ତାହାର ଚରିତ୍ର ସଂଶୋଧନ ନିମିତ୍ତ ସେହି ବାଳକକୁ ଅଲିପୁର ଜେଲଖାନାରେ ଶିକ୍ଷାଲାଭ କରିବା ସକାଶେ ସବ୍ ଡ଼ିଃ ଅଫିସର ଆଦେଶ ଦେଇଥିବାର ଜଣାଯାଉଅଛି । ଏ ପ୍ରସ୍ତାବଟି ଅବଶ୍ୟ ପ୍ରଶଂସନୀୟ ଅଟେ ।

ଜଣେ ବ୍ୟକ୍ତି ଛଦ୍ମବେଶ ଧାରଣ କରି ମଫସଲରେ ଇନ୍‌କମ୍‌ଟେକ୍ସ ଏସେସର ହୋଇ ପଦେବସ୍ ଦେଇ ଟ୍ୟାକସ ଉସୁଲ କରିବା ସମୟରେ ଜାଜପୁର ଅସିଷ୍ଟାଣ୍ଟ ପୁଲିସ-ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ଧୃତ ହୋଇଅଛି । ଏ ସଂସାର ବାବୁଙ୍କ ସହିତରେ ଜଣେ ପିଅନ୍ ଥିଲା । ଟ୍ରିମ୍ ଗଳିରେ ପୁଣ ଏପରି କାଣ୍ଡ ।

ଧର୍ମଶାଳାଥାନାର ମୁନସି ନଣାର ଅନ୍ୟ ଜଣେ ଲୋକ ଉପରେ ଫୌଜଦାରୀ ମୋକଦ୍ଦମାରୁ ଖଲାସ ପାଇଅଛନ୍ତି ।

ଏଠା ବଙ୍ଗେଳାସ୍କୁଲର ବର୍ତ୍ତମାନ ଛାତ୍ରସଂଖ୍ୟା ପ୍ରାୟ ୬୦ ଜଣ ହେବ । ବିଦ୍ୟାଳୟ ସ୍ଥାପନର ଏକବର୍ଷ ମଧ୍ୟରେ ଛାତ୍ରସଂଖ୍ୟା ଏତେଦୂର ବୃଦ୍ଧି ହେବା ଅବଶ୍ୟ ସୁଖର ବିଷୟ । ଏବଂ ସ୍କୁଲର ଚଣ୍ଡାକାଣ୍ଡି ମାସ ୫ ଟଙ୍କା ପରବର୍ତ୍ତିରେ ଟ ୨୦ ଟଙ୍କା ନିମନ୍ତେ ସରକାରୀ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଶିକ୍ଷାବିଭାଗର କର୍ତ୍ତୃପକ୍ଷୀୟମାନେ ଶୀଘ୍ର ଉଚିତ ସରକାରୀସାହାଯ୍ୟ ପ୍ରଦାନ କଲେ ଅନେକ ନିରାଶ୍ରୟ ବାଳକଙ୍କୁ ଶିକ୍ଷାଦାନ କରିପାରିବେ ।

ଏଠାକାର ସବ୍ ଡ଼ିଃ ଅଫିସର ବାବୁ ମନମୋହନ ଘୋଷଙ୍କ ସରଣ୍ଡିନେଣ୍ଟ ସ୍ଥାନାନ୍ତରିତ କରିବା ନିମନ୍ତେ ବର୍ତ୍ତମାନ ଉଚ୍ଛନ୍ନ ନୁହନ୍ତି । ସୁତରାଂ ଯୋନ୍ ସାହେବଙ୍କର ଏଠାକୁ ଆସିବାର କଥା ଅମୂଳକ ଅଟେ ।

## । ବ । ହିନ୍ଦୋଲ-ସମ୍ବାଦ ।

ନିକଟବର୍ତ୍ତୀ ଅନୁଗୋଳ, ଢେଙ୍କାନାଳ ଓ ନରସିଂହପୁର-ପଶ୍ଚିମ ଜିଲ୍ଲାରେ ବର୍ଷାର ଅଭାବ ଲକ୍ଷିତ ହେଉଅଛି, ଏଠା ଦଶଦିନ ମଧ୍ୟରେ ପ୍ରଚୁର ବର୍ଷା ନ ହେଲେ ବିଶେଷ କ୍ଷତି ଓ ଅନିଷ୍ଟ ହେବ । ସୁବୃଷ୍ଟି ପ୍ରାର୍ଥନାରେ ନାନାସ୍ଥାନରେ ହୋମାଦ ଦୈବକାର୍ଯ୍ୟ କରାଯାଉଅଛି ।

ଅତ୍ର ରାଜ୍ୟର ମହାମାନ୍ୟ ରାଜା ବାହାଦୁରଙ୍କର ମାସକରୁ ଅଧିକ ହେବ ଶ୍ରୀମାନ୍ ଯୁବରାଜଙ୍କର ଉତ୍ପତ୍ତି ହୋଇଥିବାରୁ ନାନାପ୍ରକାର ଦାନ ଓ ଦୈବକାର୍ଯ୍ୟରେ ଅନେକ ଅର୍ଥ ବ୍ୟୟିତ ହୋଇଅଛି, ନିଜଗଡ଼ରେ ବିଜେ ହୋଇଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଭୋଗ, ପୂଜା ନୂତନଙ୍କ ହୋଇଅଛି । ଅଧିକନ୍ତୁ ପ୍ରଜାବତ୍ସଳ ରାଜା ବାହାଦୁର ତଦୀୟ ବିଚକ୍ଷଣ ଦେୱାନ ବାବୁଙ୍କ ସହିତ ପରାମର୍ଶ କରି ଦୁର୍ଭିକ୍ଷ ହେତୁକ ପ୍ରଜାଙ୍କ ଅପତ୍ତି ଓ ପ୍ରୋକ୍ତ ଉପଲକ୍ଷ ଅବଲମ୍ବନ କରି ବନ୍ଧକୀକୁ ମୁକ୍ତ ଭୂଣ୍ଡାଙ୍କର ଦେଡ଼ିମୁଣ୍ଡ ଉତ୍ତମକର କିସ୍ତି ସମ୍ବନ୍ଧରେ ପାଞ୍ଚପାଇ ସୁଧର ଧାର ପ୍ରଚଳ କରିଥିବାରୁ ପ୍ରଜାମାନେ ପ୍ରଜାବତ୍ସଳ ରାଜାସାହେବଙ୍କୁ ପ୍ରଜାବତ୍ସଳଚାର

ରୂପରେ ପ୍ରଶଂସା କରି ଯୁବରାଜଙ୍କର ମଙ୍ଗଳ କାମନା କରୁଅଛନ୍ତି ।

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନ କୀର୍ତ୍ତିସ୍ତୂପ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଜଗମୋହନର ଜୀର୍ଣ୍ଣସଂସ୍କାର-ପାଇଁ ଚାନ୍ଦା ସଂଗ୍ରହ ହେଉଅଛି, ଟ ୨୦୦୯ ଟଙ୍କା ପର୍ଯ୍ୟନ୍ତ ସଂଗୃହୀତ ହେଲାଣି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ପୂର୍ବ ମିଉନିସିପାଲଟୀର କର୍ମଚାରୀମାନଙ୍କ ଅମଲରେ ସଦର ଦାଣ୍ଡଭିନ୍ନ ଅନ୍ୟାନ୍ୟ ଦାଣ୍ଡସବୁ ମାସରେ ଦୁଇଥର ହେଲେ ସଫା ହେଉଥିଲା । ଏବର୍ଷ ନୂତନ ବନ୍ଦୋବସ୍ତରେ ସବୁ ନୂତନ ହୋଇଅଛି ଅର୍ଥାତ୍ ଏବର୍ଷ ବନ୍ଦୋବସ୍ତଦିନଠାରୁ ଆଜପର୍ଯ୍ୟନ୍ତ ବାଙ୍କିଶଗଳୀ ଓ ଆଜମଖାଁବଜାର (ଏଥିରେ ମୋହତ ନିବାସ ଥିବାରୁ ଦେଖୁଅଛୁ) ପ୍ରାୟ ତିନିଥର ଚାରିଥର ହୋଇ ପରିଷ୍କାର କରାଯାଇ ନାହିଁ । ଏଥିକୁ ସେହି ବଜାରର ତତ୍ତ୍ୱାବଧାରକ ସ୍ୱୟଂ ସହକାରୀ ସଭାପତି ମହାଶୟ ହୋଇଅଛନ୍ତି । ଏପରି ସ୍ଥାନର ଯେବେ ଦୁରବସ୍ଥା ଏପରି ତେବେ ଅନ୍ୟାନ୍ୟ ବଜାରମାନଙ୍କର ଅବସ୍ଥା କିପରି ହୋଇଥିବ କୁହାଯାଇ ନ ପାରେ । ସେ ଯାହା ହେଉ ବର୍ତ୍ତମାନ ମିଉନିସିପାଲଟୀର କର୍ମାଧ୍ୟକ୍ଷମାନଙ୍କ ନିକଟରେ ନିବେଦନ ଏହିଯେ ଯେପରି ମାସକରେ ଦୁଇଥର ହେଲେ ଦାଣ୍ଡସବୁ ସଫା ହେବା ବିଷୟରେ ଯତ୍ନଶୀଳ ହେବେ ଇତି ।

। ଇ । ଜଣେ ପ୍ରଃ ।

---

ମହାଶୟ !

ଏଥର ପାଲଲହଡ଼ା କିଲ୍ଲାରେ ବର୍ଷା ନ ହେବା ଯୋଗୁଁ ପ୍ରଜାମାନେ ଭାବନାରେ ଥିଲେ ଓ ଏ କିଲ୍ଲାର ମ୍ୟାନେଜର ବାବୁ ଗୌରଚନ୍ଦ୍ରସେନ ଅତିଶୟ ଦୁଃଖିତରେ ଆଇଁ ପୁଲିସ ଓ ଅମଲାମାନଙ୍କୁ ହୁକୁମ ଦେଇଥିଲେ କି ମଫସଲରେ ଯେଉଁ ଯେଉଁ ସ୍ଥାନମାନଙ୍କରେ ପାଣିଭଣ୍ଡାର ଅଛି ସେ ସ୍ଥାନମାନଙ୍କରୁ ଜଳ କାଟିଦେଇ ଫସଲ ଅବାଦ କରିବେ ଏହି ହୁକୁମ ହେଲାପର ପୁଲିସ ଓ ଅମଲାମାନେ ହୁକୁମାନୁସାରେ ଆପଣା ଆପଣା କାର୍ଯ୍ୟରେ ତତ୍ପର ହୋଇଥିଲେ ଚଳିତମାସ ତା ୨୨ ରିଖ ଦିବା ୪ ଘଣ୍ଟାଠାରେ ଈଶ୍ୱରଙ୍କ ଅନୁଗ୍ରହରୁ ବହୁତଜଳ ବୃଷ୍ଟି ହେବାରେ କୃଷିକାରମାନେ ଆନନ୍ଦିତ ହୋଇ କୃଷି ତତ୍ପରତା କରୁଅଛନ୍ତି ଓ ସିରସ୍ତାଦାର ଶ୍ରୀ ବାବୁ ବିଶ୍ୱନାଥ ଦାସ ଛୁଟୀ ନେଇ ଆପଣା ଗ୍ରାମକୁ ଯାଇଥିଲେ ତାହାଙ୍କର ଦେହ ପ୍ରାଣାନ୍ତକ ପୀଡ଼ିତ ହେବାରୁ ଛୁଟୀ ନିରୂପିତ ତାରିଖରେ ହାଜର ନ ହୋଇ ସାନ ରିପୋର୍ଟ କରିଥିଲେ ଜଗଦୀଶ୍ୱରଙ୍କ କୃପାରୁ ସେ ବେମାରିରୁ ଆରୋଗ୍ୟ ଲାଭକରି ଆଜ ତାରିଖରେ ଆପଣା କାର୍ଯ୍ୟରେ ଉପସ୍ଥିତ ହେବାରୁ ଅମ୍ଭେମାନେ ଆନନ୍ଦିତ ହେଲୁ ।

୨୮।୭।୯୧ } ଆପଣଙ୍କର
ପାଲଲହଡ଼ା ନିଜଗଡ଼ } ଶ୍ରୀ ଧନେଶ୍ୱର ଦାସ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବ୍ରହ୍ମାନନ୍ଦ ଦାସ | ହିନ୍ଦୋଳ | ଟ ୧୨ |
| " ଗୋପାଳଚନ୍ଦ୍ର ଦାସ | କଟକ | ଟ ୨୯ |
| " ଦାମୋଦର ପଟ୍ଟନାୟକ ଚେଲିଆଗଞ୍ଜାଇ କଟକ | | ଟ ୧୯ |
| " ଖାଲନଦିଶୁନ୍ଦ ଦେ | କଟକ | ଟ ୧୪ |

# ବିଜ୍ଞାପନ ।

## କିଲ୍ଲା କୁଜଙ୍ଗ ।

କିଲ୍ଲା କୁଜଙ୍ଗ ନିମନ୍ତେ ଟ ୨୦୯ ଦରମାରେ ୪ ଜଣ ତହସିଲଦାର ଏବଂ ଟ ୨୦୯ ଦରମାରେ ଦୁଇଜଣ ହେଡ଼ ମୋହରର ଏବଂ ଟ ୧୦୯ ଦରମାରେ ୧୨ ଜଣ ମୋହରର ଦରକାର । ଯେଉଁମାନେ କନିକା, କୁଜଙ୍ଗ, ବାଲୀ ବା ଅନୁରୂପ ତଦାରକି ହେଡ଼ମୋହରର କାର୍ଯ୍ୟ କରି ଅଛନ୍ତି, ଏବଂ ଜମିଦାରୀ ସେରସ୍ତାର କାର୍ଯ୍ୟ ଜାଣନ୍ତି, ଟ ୨୦୯ ଙ୍କାର କାର୍ଯ୍ୟରେ ଏହିପରି ଲୋକ ନିଯୁକ୍ତ ହେବେ । ଯେଉଁମାନେ ଏହିସବୁ ବନ୍ଦୋବସ୍ତରେ ପର୍ଯ୍ୟମାସ ଅମିନ ବା ତଦାରକି ମୋହରର କାର୍ଯ୍ୟ କରି ଅଛନ୍ତି, ସେମାନଙ୍କୁ ଟ ୧୦୯ ଙ୍କାର କାର୍ଯ୍ୟ ଦିଆଯିବ । ଯେଉଁମାନଙ୍କୁ ଯେତେଟଙ୍କାର ନଗଦ ଜାମିନ ଦେବାକୁ ହେବ, ତାହା ଉକ୍ତ କିଲ୍ଲାର ସବ୍-ମ୍ୟାନେଜର ମହୋଦୟଙ୍କ ନିକଟରେ ଦରଖାସ୍ତ କଲେ ଜାଣି ପାରିବେ ।

ବର୍ଦ୍ଧମାନ ରାଜବାଟୀ } ଶ୍ରୀ ଏସ୍, ଦତ୍ତ
ତା ୩୧ ରିଖ ଜୁଲାଇ } ଅସିଷ୍ଟାଣ୍ଟ ମାନେଜର
ସନ ୧୮୯୧ } ବର୍ଦ୍ଧମାନ ରାଜ

Split by PDF Splitter
Digitized by srujanika@gmail.com

## ବିଜ୍ଞାପନ ।

ବଡ଼ମ୍ବା–ବାଳକାବିଦ୍ୟାଳୟ ନିମିତ୍ତ ଜଣେ ସ୍ତ୍ରୀ ଶିକ୍ଷକର ପ୍ରୟୋଜନ ଅଛି ମାସିକ ବେତନ ଟ ୧୦୲ ଙ୍କା ଅବେଦନକାରୀମାନେ ଆପଣା୨ ଯୋଗ୍ୟତାର ନିଦର୍ଶନ ସହିତ ଦରଖାସ୍ତ ନିମ୍ନ-ସ୍ୱାକ୍ଷରକାରଙ୍କ ନିକଟକୁ ଅଗଷ୍ଟମାସ ତା ୨୫ରିଖ-ମଧ୍ୟରେ ପଠାଇବେ ।     ୩୧।୭।୯୧

ଶ୍ରୀ ମଦନମୋହନ ପଟ୍ଟନାୟକ
ମାନେଜର । ଢ । ବଡ଼ମ୍ବା

## NOTICE.

A tutor is required for the minor Raja of Pal Lahera, on salary Rs. 25 per month with free quarters at Pal Lahera. Applications with copies of testimonials will be received by the undersigned up to the 15th proximo. A knowledge of English and Uriya is essential

Office of Superintendent Try. Mehals Cuttack the 29th July, 1891. } Sd. G. TOYNBEE, *Superintendent.*

### ଛନ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଛନ୍ଦମାଳାର ଅର୍ଥ-ପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେଙ୍କ ପ୍ରେସର ଓ ବାମଣ୍ଡା ସ୍ତତନ-ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇ-ପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇ-ସାଷ୍ଟାମ୍ପରେ ୫ ୧୬ ଖଣ୍ଡ ବହି ଡାକରେ ଯାଇ ପାରେ ।

ଉତ୍କଳଭାଷାରେ ଲିଖନ ପଠନ କରୁଥିବା ସମସ୍ତଙ୍କର ଅତି ପ୍ରୟୋଜନୀୟ ପୁସ୍ତକ ସଚିତ୍ର ।

### ଉତ୍କଳ ଅଭିଧାନ ।

ଶିକ୍ଷାବିଭାଗର ଡ଼ିରେକ୍ଟର ଏବଂ କମିଶନର ମହୋଦୟ ଖଣ୍ଡିଏ ଉତ୍କଳୀୟ ବୃହତ ଶବ୍ଦକୋ-ଷର ଅଭାବ ବିଷୟ ସରକାରୀ ରପୋର୍ଟରେ ପୁନଃ ପୁନଃ ଉଲ୍ଲେଖ କରିଥିବାରୁ ଆମ୍ଭେ ଏହି ଅଭାବ ମୋଚନ ନିମିତ୍ତ ପ୍ରାୟ ତିନିବର୍ଷ କାଳ ଯଥାସାଧ୍ୟ ପରିଶ୍ରମ କରି, କେତେକ ଖଣ୍ଡ ଅଭିଧାନ ଓ କେତେକ ବନ୍ଧୁଙ୍କ ସାହାଯ୍ୟରେ ଏହି ଅଭିଧାନ ସଂକଳନ କରି ଅଛୁଁ । ଏଥିରେ ଧାତୁ ପ୍ରତ୍ୟୟ ସହିତ ଶବ୍ଦବ୍ୟୁତ୍ପତ୍ତି ଓ ଶବ୍ଦାର୍ଥ ଓ ସ୍ଥଳବିଶେ-ଷରେ ପ୍ରାଚୀନ ଓ ଆଧୁନିକ କବିମାନଙ୍କ ଗ୍ରନ୍ଥର ଶିଷ୍ଟପ୍ରୟୋଗମାନ ଏବଂ ଶେଷରେ ଧାତୁମାଳା ପ୍ରଦତ୍ତ ହୋଇଅଛି । ପ୍ରଚଳିତ ଅନ୍ୟଭାଷାମୂଳକ ଓ ଉତ୍କଳଦେଶଜ ଅନେକ ଶବ୍ଦ ମଧ୍ୟ ଦିଆ ଯାଇଅଛି । ସ୍ଥୂଳରେ ପ୍ରାୟ ତ୍ରିଂଶତି ସହସ୍ର ଶବ୍ଦ ଏହି ପୁସ୍ତକରେ ସମାବେଶିତ ହୋଇଅଛି । ପୁସ୍ତକର ଆକାର ରୟଲ ଅଠପେଜୀ ଅଠଶତ ପୃଷ୍ଠା । ମୂଲ୍ୟ ପାଞ୍ଚଟଙ୍କା ।

ଶିକ୍ଷାବିଭାଗର ଡାଇରେକ୍ଟର ମହୋଦୟ ଏହି ପୁସ୍ତକର ବ୍ୟୟ ସାହାଯ୍ୟ ସ୍ୱରୂପ ଆମ୍ଭଙ୍କୁ ଏକହଜାର ଟଙ୍କା ଦେଇ ଅଛନ୍ତି ଏବଂ କେତେକ ଖଣ୍ଡ ପୁସ୍ତକ ମଧ୍ୟ କିଣି ନେବାକୁ ପ୍ରତିଶ୍ରୁତ ହୋଇ ଅଛନ୍ତି ।

ପୁସ୍ତକ ଗ୍ରହଣେଚ୍ଛୁ ବ୍ୟକ୍ତିମାନେ ଆମ୍ଭ ନିକ-ଟରେ ଉକ୍ତ ଜଲେ ପୁସ୍ତକ ପାଇ ପାରିବେ । ମଫ-ସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡ଼ା ଡାକମାସୁଲ ଟ ୦ ।୵ ଦେବାକୁ ପଡ଼ିବ ।

ଯେଉଁମାନେ ଏକା ବେଳକେ ଦଶଖଣ୍ଡି ପୁସ୍ତକ ଗ୍ରହଣ କରିବେ ସେମାନଙ୍କୁ ଚିନାମୂଲ୍ୟ-ରେ ଖଣ୍ଡିଏ ପୁସ୍ତକ ଦିଆଯିବ ।

ଯେଉଁ ପୁସ୍ତକରେ ଆମ୍ଭର ସ୍ୱାକ୍ଷର ନ ଥିବ ସେ ପୁସ୍ତକ ଚୋରା ବୋଲି ଗଣ୍ୟ ହେବ । ଏପରି ପୁସ୍ତକ କେହି ବିକ୍ରୟ କରୁଥିବାର ବା କେହି କିଣୁଥିବାର କେହି ଧରି ଦେଲେ ଆମ୍ଭେ ତାହାକୁ ଦଶଟଙ୍କା ପୁରସ୍କାର ଦେବୁଁ ।

ଶ୍ରୀ ଜଗନ୍ନାଥ ରାଓ
ବାଲୁବଜାର, କାଳୀଗଳି, କଟକ

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରି-ଶ୍ରମନିମନ୍ତେ ଶତକରା ଟ ୬। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ଼ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଉଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ

Digitized by srujanika@gmail.com

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଲୁଳନ୍ତ କ ନା, ରୋଗୀ ପୁରୁଷ କ ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, କୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କ ପତ୍ରାଦ ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ଜୁଲାଇମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ ୦ ୟ ନତୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଃ ୨

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ଫାଷ୍ଟବୁକର ମାନେ ବହି ( ମୂଲର ଓ ପରିଶୁଦ୍ଧ ) ଟ ୦୵

ଧ୍ରୁବ ଚରିତ ଟ ୦ ⁄

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ସମ୍ପ୍ରଶନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନତୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାପୀ ଇନଷ୍ଟି- ଟ୍ୟୁସନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ଦରରେ ଜନହିତାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ବର୍ଷର ଚେଷ୍ଟାରେ ଅନେକଙ୍କ ଦ୍ୱାରା ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, ଚେତଶୂନ୍ୟତା, କେଶର ଅକାଳପକ୍ୱତା, ଅକାଳପତନ, ଏବ ଶିରଃପୀଡ଼ା, ଶୀରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଖାଣ୍ଡାନିବାରଣ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ କୁଞ୍ଚିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ନୁଦାଶନ—ନାମ ନୁଦାଶନ ସତ୍ୟ ତହୁଁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁକୁଷ୍ଠ ପକ୍ଷରେ ନୁଦାଶନ ତୁଲ୍ୟ କାର୍ଯ୍ୟ କରେ ଏବ ତାହାକୁ ଏକାବେଳକେ ନଷ୍ଟ କରେ, ତହିଁରେ ଅଣ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡବାର ମୂଲ୍ୟ ଛଅ ଅଣା ମାତ୍ର ।

୩ । ଶୂଳହାରିଣୀ—ଏହା ଯଥାବିଧି ସେବନ କଲେ ନ ପ୍ରାଚୀନ କ ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତି ଶୂଳ ( ଅନାହାର ), କନ୍ଦନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କ ପ୍ରାଚୀନ କ ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହୀନାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବଟିକା । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅଗସ୍ତ୍ୟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ନୂତନ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଭାବତ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ତହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁରୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ଗାତ୍ର, କଣ୍ଡୁ, ଗଣ୍ଡିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମଋତୁରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ କଣ୍ଡୁ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

# ଘଡ଼ିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ସୂକ୍ଷ୍ମଘଡ଼ି

ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ କମ୍ପାନୀଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦଆଯିବ ।

# ଗିଲ୍ଟି ।

ଘଡ଼ିର ଚେଇନ କେଶ, ମୁଦି, ସୁନା ଛନ ପତ୍ରିକାପ୍ଲେଟର ଓ ଇନପେକ୍ଟରଙ୍କର ତମଘା ହେବାଲ ଓଗେର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରକୁ ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଲଙ୍କାର ସୁନାରେ ) ଗିଲ୍ଟି କରି ଦଆଯିବ ।

କଟକ ୧୪।୧୨।୯୦ } ଶ୍ରୀ ଗୌରିଶଙ୍କର ରାୟ

# ମେହରୋଗ ।

ଗତ ୨ ମାସ ମଧ୍ୟରେ ସମସ୍ତ ଜ୍ୱାଲା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚଳାଚଳ କୌଣସିକାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ଅଭାବେ ଜୀବନର ମାୟା ପରିତ୍ୟାଗ କରନ୍ତି ।

ଏହି ଔଷଧ ଯଥାବିଧିରେ ଏକପକ୍ଷ ସେବା କଲେ ନୂତନ ରୋଗ ଏବ ତିନି ଦୁଇ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଆମ୍ଭର କଥାରେ ପ୍ରତ୍ୟୟ ନ ହେଲେ ଯାଇ ଦେଖ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶ ହେବ କଲିକତା ଅଢେଇଷ୍ଟୋଲ ନଂ ୭୯ ଭବନରେ ଘ, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୵ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୬ ଶ ସଂ ୩୩ ସଂଖ୍ୟା । ତା ୧୪ ଉଣ ମାହେ ଅଗଷ୍ଟ ସନ ୧୮୯୧ ଇଂରାଜୀ । ମୁ । ଶ୍ରାବଣ ତା ୧ ଜ ଏନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୷
ପଶ୍ଚାଦ୍ଦେୟ ଟ ୪୷

## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଆ ୪୫ ଇନ କ୍ରମାଗତ ସନ ୧୮୯୦ ସାଲର ଅଗସ୍ତ ମାସ ତା ୧ ପର୍ଯ୍ୟନ୍ତ ଯେସମସ୍ତ ଅଭିନବ ସଂଶୋଧନ ହୋଇଅଛି ତାହାସବୁ ମିଶି ଏକକେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ ଡାକଖର୍ଚ୍ଚା ଟ ୦ ୵ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରିବେ ।

---

ଶ୍ରାବଣମାସ ଗତହୋଇ ଆଜିଠାରୁ ଭାଦ୍ରମାସ ଆରମ୍ଭ ହେଲା । ଗତମାସ ଆରମ୍ଭରେ ବର୍ଷାପାଇଁ ଯେମନ୍ତ ଇଡ ପଡ଼ିଥିଲା ମାସଶେଷରେ ମେଘ ଛାଡ଼ିବାପାଇଁ ତେମନ୍ତ ହୋଇଅଛି । ଦ ୧୫ ଦିନହେଲା ଝଡ଼ିଲଗାଇ ବର୍ଷି ଅଧିକନ୍ତୁ ବୃଷ୍ଟି ନ ହେଲେ ବାଉଯାଏ ବନ୍ଦ ନାହିଁ ଓ କେବେ୨ ପବନର ବେଗ ଦେଖାଯାଇଥିଲା । ଫସଲପ୍ରଦ ପାଗ ଉତ୍ତମ ହୋଇ ଅଛି ।

---

ବିଲାତର ପାର୍ଲିମେଣ୍ଟ ସଭା ବନ୍ଦ ହେବାର ସମ୍ବାଦ ଆସିଅଛି । ବନ୍ଦ ହେବାର ଦୁଇଦିନ ପୂର୍ବେ ଭାରତବର୍ଷର ଆୟବ୍ୟୟର ବଜେଟ ଉପସ୍ଥିତ ହୋଇଥିଲା ଏବଂ ସେ ସମୟକୁ ଅନ୍ୟାନ୍ୟବର୍ଷପରି ଅଧିକାଂଶ ସଭ୍ୟ ବାହାରି ଯାଇଥିଲେ । ସୁତରାଂ ନାମମାତ୍ର ତର୍କବିତର୍କ ହୋଇ ବଜେଟ ଗୃହୀତ ହେଲା । ଭାରତର କପାଳ ଯେମନ୍ତ ଫଳ ସେହିପରି ହେବସିନା ।

---

ମୋହରମ ପର୍ବ ଗତ ବୁଧବାରଠାରୁ ଆରମ୍ଭ ହେଲା । ସେଦିନ ଦିବାରାତ୍ର ବୃଷ୍ଟି ହେବାରୁ ଏ ନଗରରେ ବିବିଆଲମର ଯାତ୍ରା ଆଦୌ ବାହାର ନାହିଁ । କେବଳ ଅଭିଙ୍ଗସ୍ଥରେ ନିୟମ ରକ୍ଷାହେଲା । ଦ୍ୱିତୀୟଦିନ ଦିବାଭାଗରେ ମେଘ ଉଣା ଥିବାରୁ ଦୁଇପହରଅ ଯାତ୍ରା ଏକପ୍ରକାର ନିର୍ବାହ ହୋଇ ଗଲା । ଆଜି ଓ କାଲି ତାଜିଆ ବାହାରିବାର ଦିନ । ଏଥିକୁ ଇନ୍ଦ୍ରଦେବତା ସୁବିଷ୍ଟିର ନ କଲେ ବଡ଼ ଅସୁଖର କଥା ହେବ ।

---

ମୃତମହାତ୍ମା ପଣ୍ଡିତ ଈଶ୍ୱରଚନ୍ଦ୍ରବିଦ୍ୟାସାଗରଙ୍କ ସ୍ମରଣାର୍ଥ ମେଟ୍ରୋପଲିଟନକଲେଜ ଏବଂ ସଂସ୍କୃତକଲେଜରେ ସଭାମାନ ହୋଇଥିଲା । କଲିକତା ଛଡ଼ା ମୋଫସଲର ନାନା ସ୍ଥାନରେ ଲୋକେ ସଭା କରି ତାହାଙ୍କନିମନ୍ତେ ଶୋକପ୍ରକାଶ କରିଅଛନ୍ତି । ସ୍ମୃତିଚିହ୍ନ ସ୍ଥାପନ ବିଷୟରେ ଏମାସ ଶେଷସୁଦ୍ଧା କଲିକତା ଟାଉନ ହଲରେ ବୃହତ୍ ସଭା ହେବାର ଉଦ୍ୟମ ଲାଗିଅଛି ।

---

ସ୍ୱର୍ଗୀୟ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ସ୍ମରଣାର୍ଥ କଲିକତାର ମିଉନିସିପଲ୍‌ସମିତି ତାହାଙ୍କର ଗୋଟିଏ ଚିତ୍ରପଟ୍ଟ ପ୍ରସ୍ତୁତ କରାଇ ମିଉନିସିପଲଆଫିସରେ ରଖିବାନିମନ୍ତେ ପ୍ରସ୍ତାବିତ କଲେ । ଦ୍ୟାୟ ମଞ୍ଜୁର କରଅଛନ୍ତି ଯେହେତୁ ରାଜାମହୋଦୟ ମିଉନିସିପଲସମିତିର ଜଣେ ସଭ୍ୟସ୍ୱରୂପ ସମିତିକୁ ଅନେକ ସାହାଯ୍ୟ କରଥିଲେ । କଲିକତାର ବ୍ରିଟିସ ଇଣ୍ଡିୟାନସଭାମଧ୍ୟ ଗୋଟିଏ ଚିତ୍ରପଟ୍ଟ ଆପଣା ସଭାଗୃହରେ ରଖିବାର ସ୍ଥିର କରିଅଛନ୍ତି । ରାଜାମହୋଦୟ ଦୀର୍ଘକାଳ ଏ ସଭାର ସଭ୍ୟ ଥାଇ ଅନେକ ମୂଲ୍ୟବାନ୍ କାର୍ଯ୍ୟ କରଥିଲେ ଏବଂ ଦୁଇଏକଥର ଏଥିର ସଭାପତି ମଧ୍ୟ ହୋଇଥିଲେ ।

---

ଗୟାରେ ଗତ ବକରିଦ ଦିନ ଗୋବଧବ୍ୟାପାର ଘେନି ହିନ୍ଦୁ ଓ ମୁସଲମାନମାନଙ୍କର ଭାରି ହଙ୍ଗାମା ହୋଇଥିଲା । ଉଭୟପକ୍ଷର ଲୋକ ହତ ଓ ଆହତ ହୋଇ ଅଛନ୍ତି । କଥିତ ହୁଅଇ ମୁସଲମାନମାନେ କେତେ ବ୍ରାହ୍ମଣଙ୍କର ପଇତା ଏବଂ ବୈଷ୍ଣବଙ୍କର କାନ ଛିଣ୍ଡାଇ ପକାଇଲେ ଓ ହିନ୍ଦୁମାନେ ମୁସଲମାନମାନଙ୍କର ଦାଢ଼ୀଓଟାଇ ନେଲେ । ପୁଲିସ ଏ କଳହ ଭାଙ୍ଗି ପାରିଲେ ନାହିଁ ବୋଲି ଦାନାପୁରଠାରୁ ସୈନ୍ୟ ଆସିଥିଲେ । ପୁଲିସର ଏଥିରେ ଯୋଗ ଥିଲା ବୋଲି କେହି୨ ଅନୁମାନ କରନ୍ତି । ଯାହା ହେଉ ନାନାସ୍ଥାନରେ ହିନ୍ଦୁ ଓ ମୁସଲମାନମାନଙ୍କର ବିବାଦ ବୃଦ୍ଧି ହେବା ବଡ଼ ଭୟର କଥା

Digitized by srujanika@gmail.com

Split by PDF Splitter



ଅଟଇ । ଏପରି ଅମେଳ ପୂର୍ବେ ନ ଥିଲା । ଏବେ ଜାହିର ହେଉଅଛି ଉଭୟପକ୍ଷର ବିଗର କରିବା ଉଚିତ ।

---

କେଉଁଝରର ମହାରାଜା ଏଠାକୁ ଆସିବା ଉତ୍ତାରୁ ଶ୍ରୀଯୁକ୍ତ ଗଡ଼ଜାତ ସୁପ୍ରିଣ୍ଟଙ୍କ ଠାରେ ଏକ ଦୀର୍ଘ ଆବେଦନପତ୍ର ଯୋଗେ ଆପଣାର ଦୁଃଖ ଜଣାଇ ପ୍ରାର୍ଥନା କରିଥିଲେ କି ଯଦ୍ୟପି ତାହାଙ୍କ ଶାସନକାର୍ଯ୍ୟର ଦୋଷାଦୋଷ ଅନୁସନ୍ଧାନ ହେଉଥିବ ତେବେ ତାହା ଯେମନ୍ତ ଶ୍ରୀଯୁକ୍ତ କମିଶନର ସାହେବଙ୍କଦ୍ୱାରା ନ ହୋଇ ଅନ୍ୟ କେଉଁଣସି ବ୍ୟକ୍ତିଦ୍ୱାରା ସ୍ୱୟଂ ମହାରାଜା ଅଥବା ତାହାଙ୍କ ଉକିଲ ବା କାରପରଦାଜ ସାକ୍ଷାତରେ ହେବ । ସାହେବ ମହୋଦୟ ଏଥିରେ ଆଦେଶ ଦେଇ ଅଛନ୍ତି କି ମହାରାଜା ବର୍ତ୍ତମାନ କଟକରେ ରହିଲେ ତାହାଙ୍କ ପ୍ରାଣର ଆଶଙ୍କା ଅଛି ଏହିହେତୁ ତାହାଙ୍କୁ କଟକକୁ ଅଣାଇ ଅଛନ୍ତି ଯେବେ ତାହାଙ୍କ ବିରୁଦ୍ଧରେ କୌଣସି କଥା ଉପସ୍ଥିତ ହେବ ତେବେ ତହିଁର ପ୍ରତିବାଦ କରିବାନିମନ୍ତେ ତାହାଙ୍କୁ ସମ୍ପୂର୍ଣ୍ଣ ସୁଯୋଗ ଦିଆ ଯିବ ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି କି ମହାରାଜା ଆଗାମି ମାର୍ଚ୍ଚମାସପର୍ଯ୍ୟନ୍ତ କଟକରେ ରହିବେ ଓ ସେ ସମୟରେ ମାନ୍ୟବର ଲେପ୍ଟେନେଣ୍ଟ ଗେଭର୍ଣ୍ଣର ଦେଖିବାକୁ ଆସିବେ । ସମ୍ପ୍ରତି ସଡ଼କମାନ ପ୍ରସ୍ତୁତ କରିବାକାରଣ ଆଦେଶ ହୋଇଅଛି ।

---

ପୁରୀ ଜଗନ୍ନାଥ ସନାତନଧର୍ମରକ୍ଷଣୀସଭାର ଗତମାସ ତା ୨ ରିଖରେ ଯେଉଁ ଅଧିବେଶନ ହୋଇଥିଲା ତହିଁର କାର୍ଯ୍ୟାବଳୀ ପାଠ କରି ଅବଗତହେଲୁଁ ଯେ ଉକ୍ତସଭା ଯେଉଁ ଧର୍ମଶାସ୍ତ୍ରପୁସ୍ତକାଳୟ ସ୍ଥାପନ କରିବାକୁ ସଙ୍କଳ୍ପ କରିଅଛନ୍ତି ତହିଁନିମନ୍ତେ ଏଥିମଧ୍ୟରେ ଟ ୬୪୫ ଦେବା ସ୍ୱାକ୍ଷରିତ ହୋଇଅଛି ଏବଂ ତହିଁମଧ୍ୟରୁ ଟ ୫୮ ଙ୍କା ଉସୁଲହୋଇ ଅଛି । ସର୍ବୋଚ୍ଚ ଦାନ ଟ ୫୮ ଙ୍କା ଓ ତାହା ଶ୍ରୀ ନୀଳମଣି ବିଦ୍ୟାରତ୍ନ ମାନେଜର ଓ ଶ୍ରୀ ଭଗୀରଥି ପାଣି ମହାଜନ ଏହି ଦୁଇଜଣ ସ୍ୱାକ୍ଷର କରିଅଛନ୍ତି । ଅନ୍ୟମାନେ ଏଥିରୁ ଊଣା ଅର୍ଥାତ୍ ଟ ୪, ୩, ୨ ଓ ୧ ଙ୍କା ଲେଖାଏ ଓ କେହି୨ ଏକଟଙ୍କାରୁ ଊଣା ମଧ୍ୟ ଲେଖିଅଛନ୍ତି । ସ୍ଥାନାଭାବରୁ ସମସ୍ତଙ୍କର ନାମ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଯାହା ହେଉ ପୁରୀର ପଣ୍ଡା ପଢ଼ିଆରୀ ଉକିଲ ମୁକ୍ତାର ମହାଜନପ୍ରଭୃତି ନାନାଶ୍ରେଣୀର ଲୋକ ଏ ବିଷୟରେ ସାହାଯ୍ୟ କରିବାକୁ ଅଗ୍ରସର ହେବାର ଦେଖି ମନରେ ଭରସା ହେଉଅଛି ଯେ କାର୍ଯ୍ୟଟି ସିଦ୍ଧ ହୋଇ ପାରିବ । ମାତ୍ର ଗୋଟିଏ ଭଲ ପୁସ୍ତକାଳୟ ସକାଶେ ଅନେକ ଟଙ୍କାର ପ୍ରୟୋଜନ । ବଡ଼ଲୋକମାନଙ୍କୁ ଏ ବିଷୟରେ ସାହାଯ୍ୟ କରିବାକୁ ଦେଖିଲେ ବଡ଼ ଆନନ୍ଦିତ ହେବୁଁ ।

---

ଖଣ୍ଡପଡ଼ା ଏଲାକାରେ ସାହେବମାନଙ୍କ ନୌକା ବୁଡ଼ିଯିବା ଘଟଣା ସମ୍ପର୍କରେ ଆମ୍ଭେମାନେ ପୂର୍ବେ ଯାହା ଶୁଣିଥିଲୁଁ ତାହା ମୂଳରେ ସତ୍ୟ ଅଟଇ । ନୌକା ବୁଡ଼ିଯିବାରୁ ସାହେବମାନେ ଗ୍ରାମବାସିଙ୍କୁ ମୂଲଦେଇ ନୌକାର ମାଲ ବାହାର କରିବାର ଚେଷ୍ଟା କଲେ । ସେଠାରେ ଥିବା ରାଜାଙ୍କ ପୁଲୀସ ଏଥିରେ ସାହାଯ୍ୟ କରିବାର ଦୂରେ ଥାଉ ବରଂ ଗୋପନରେ ଶିକ୍ଷା ଦେବାରୁ ମୂଲିଆମାନେ ହେଳା କଲେ ଓ କୌଣସି ମାଲ ନ ବାହାରିବାରୁ ସାହେବମାନେ ହତାଶ ହୋଇ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ପତ୍ର ଲେଖି ଚାଲିଗଲେ । ତହିଁ ଆରଦିନ ରାଜାଙ୍କ ପୁଲୀସ ମାଲ ବାହାର କରି ବନ୍ଧୁକ ଲୁଗା ଇତ୍ୟାଦି କେତେକ ଜିନିସ ରାଜାଙ୍କ ନିକଟକୁ ପଠାଇ ଦେଲେ । ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଛଟି ଯାଇ ବଡ଼ାମ୍ବା ଏଲାକା ନୌକା ବୁଡ଼ିଥିବାର ଅନୁମାନ କରି ସେଠା ପୁଲୀସପ୍ରତି ତଦାରକର ଭାର ଦେଲେ । ବଡ଼ମ୍ବା ପୁଲିସ ଏକଥାର ଅନୁସନ୍ଧାନରେ ନିଷ୍ଫଳ ହୋଇ ପଶ୍ଚାତ୍ ଏକମାସ ପରେ ସନ୍ଧାନ ପାଇ ଖଣ୍ଡପଡ଼ା ରାଜାଙ୍କ ନିକଟକୁ ଆସି ପଚାରିବାରେ ରାଜା ବନ୍ଧୁକାଦି ବାହାର କରି ଦେଲେ । ଦେଶୀୟ ରାଜ୍ୟରେ ଇଂରାଜମାନଙ୍କର ଧନ ପ୍ରାଣ ରକ୍ଷା କରିବାର ଦାୟିତ୍ୱ ଅତି ଗୁରୁତର ଅଟଇ । ରାଜାଙ୍କର ପୁଲୀସ ସାହେବମାନଙ୍କର ଯଥୋଚିତ ସାହାଯ୍ୟ ନ କରିବା ବଡ଼ ଦୋଷ ଅଟଇ କଥିତ ହୁଅଇ ଯେ ରାଜା ଉକ୍ତ ଦ୍ରବ୍ୟମାନ ପାଇଲା ଉତ୍ତାରୁ କ୍ଷିପ୍ରତା ସହିତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ସମ୍ବାଦ ଦେଇ ନାହାନ୍ତି । ଏପରି ହୋଇଥିଲେ ରାଜାଙ୍କର ତ୍ରୁଟି ବୋଲିବାକୁ ହେବ । ବର୍ତ୍ତମାନ ଏ ବିଷୟ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ବିଚାରାଧୀନରେ ଅଛି ।

---

ଏଠା ରେଭେନସା କଲେଜର ଅଧ୍ୟକ୍ଷ ବାବୁ ଅଘୋରନାଥ ଚଟ୍ଟୋପାଧ୍ୟାୟଙ୍କର ସ୍ଥାନାନ୍ତର ବଦଳି ହେବାର ଆଦେଶ ହୋଇଥିଲା । ମାତ୍ର ଶୁଣାଯାଏ ଯେ ଏଠାର ମୁସଲମାନସଭା ଓ କେହି୨ ହିନ୍ଦୁ ଭଦ୍ରଲୋକମାନେ ଆପତ୍ତି ଦରଖାସ୍ତ କରିବାରୁ କଲେଜର ପ୍ରିନସିପଲ ତାହା ସମସ୍ତ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ନିକଟକୁ ପଠାଇ ଲେଖିଲେ ଯେ ଅଘୋରନାଥ ବାବୁଙ୍କର ବଦଳି ହେଲେ କଲେଜର ଅତ୍ୟନ୍ତ କ୍ଷତି ହେବ ଏବଂ ଅନେକ ପିଲା ନାମକଟାଇ ଚାଲିଯିବେ । ଏହି ଲେଖ ଅନୁସାରେ ଡାଇରେକ୍ଟର ମହାଶୟ ବାବୁଙ୍କ ବଦଳି ଆଦେଶ ରହିତ କରିଅଛନ୍ତି ଆପତ୍ତି ଦରଖାସ୍ତମାନଙ୍କରେ କି ବିଷୟ ଲେଖାଥିଲା ଓ କେଉଁମାନେ ସ୍ୱାକ୍ଷର କରିଥିଲେ ଆମ୍ଭେମାନେ ନ ଜାଣୁଁ । ଏ ଗୋଟିଏ ସଭାରୁ ଆପତ୍ତି ହୋଇଥିବା ପ୍ରତ୍ୟକ୍ଷ ସ୍ଥାନୀୟ ଅଧିକାଂଶ ଭଦ୍ରଲୋକଙ୍କୁ ତାହା ଜଣା ନ ଥିବାରୁ ବୋଲିବାକୁ ହେବ ଯେ ତାହା ଗୋପନଭାବରେ ହୋଇଅଛି । ମାତ୍ର ଆମ୍ଭେମାନେ ଯେପ୍ରକାର ଶୁଣିବାର ବିଷୟରେ ଲେଖିଅଛୁଁ ଯେବେ ତାହା ସତ୍ୟ ହୋଇଥାଏ ତେବେ ତାହା ଆବେଦନକାରୀ ଏବଂ ପ୍ରିନସିପଲଙ୍କର ସ୍ୱ-କପୋଳକଳ୍ପିତ ଏଥିରେ ସନ୍ଦେହ ନାହିଁ । କାରଣ ବାବୁ ରାମଦାସ ଚକ୍ରବର୍ତ୍ତୀଙ୍କ ବିଦାୟଭୋଜସଭାରେ ଏ ନଗରର ଅଧିକାଂଶ ସମ୍ଭ୍ରାନ୍ତ ଭଦ୍ରଲୋକ ଏବଂ ମୁସଲମାନ ଉପସ୍ଥିତ ଥିଲେ ଏବଂ ସେମାନେ ଏକମତରେ ଯେଉଁ ଭାବ ପ୍ରକାଶ କଲେ ତାହା ତହିଁର ସମ୍ପୂର୍ଣ୍ଣ ବିପରୀତ ଥିବାର ଜଣାଗଲା । ଯାହା ହେଉ ମୁସଲମାନସଭାର ଆବେଦନ ସଫଳ ହେଲା ଆନନ୍ଦର ବିଷୟ ମାତ୍ର ଏପରି ଆବେଦନର ବିବରଣ ଯାହା ସର୍ବସାଧାରଣ ଜାଣି ନ ପାରିଲେ ଅଭାଗ୍ୟର କଥା ଅଟଇ ।

---

ଶ୍ରୀମନ୍ଦିରସଂସ୍କାରଣୀ ସଭାର ଯେଉଁ ଅଧିବେଶନ ପୁରୀଠାରେ ଗତମାସରେ ହୋଇ ଥିଲା ତହିଁର ବିବରଣ ପ୍ରାପ୍ତ ହୋଇ ଆନନ୍ଦ ସହିତ ଅବଗତ ହେଲୁଁ ଯେ ମନ୍ଦିର ସଂସ୍କାର କାର୍ଯ୍ୟ ଆରମ୍ଭ ହୋଇ କ୍ରମଶଃ ଅଗ୍ରସର ହେଉ ଅଛି । ବଡ଼ଦେଉଳର ଦକ୍ଷିଣଭିତ ଯହିଁର ଉଚ୍ଚ ହା ୧୧ତ ଓ ବ୍ୟାସାର୍ଦ୍ଧ ହା ୭ ତ ଅଟଇ ତାହା ପ୍ରସ୍ତୁତ ହୋଇ ଅଛି କେବଳ ଚୂନ ଲଗିବାର ବାକି ଅଛି । କାଳଚକ୍ର ମଣ୍ଡପ ନିମନ୍ତେ ଦୁଇମହଣ ଓ ଜନର

Digitized by srujanika@gmail.com

ଗୋଟିଏ ଅଷ୍ଟଧାତୁର ଚନ୍ଦ୍ରକା ପ୍ରସ୍ତୁତ ହୋଇ ଅଛି ଗୋଟିଏ ଟ୍ରେ ୨୫ ର ଓ ଢକର ପ୍ରସ୍ତୁତ ହେଉଅଛି । ଏହା ଶେଷ ହେଲେ ନୀଳଚକ୍ରକାର୍ଯ୍ୟ ଶେଷ ହେବ । ଝୁଲନମଣ୍ଡପ ଭଙ୍ଗା ହୋଇଅଛି । ଏମାରମଠର ମହନ୍ତ ଶ୍ରୀ ରଘୁନନ୍ଦନ ରାମାନୁଜଦାସ ଏକାକେ ୬୨ ହଜାର ଟଙ୍କା ବ୍ୟୟରେ ତାହା ନୂତନ ପ୍ରସ୍ତୁତ କରି ଦେବାର ଭାର ନେଇ ଅଛନ୍ତି ଏବଂ ଏଥିଉପରେ ସାଧାରଣ ସମ୍ପାଦପାଣ୍ଠିରେ ଏକହଜାର ଟଙ୍କା ଦାନ କରି ଅଛନ୍ତି । ମେଘନାଦ ପ୍ରାଚୀର ବେଷ୍ଟିତ ବେଢ଼ା ମଧ୍ୟରେ ଥିବା ଅନ୍ୟାନ୍ୟ ମନ୍ଦିରମାନଙ୍କ ମଧ୍ୟରେ କେଉଁ ମନ୍ଦିରର କି ମରାମତି ଦରକାର ତାହା ତଦନ୍ତ କରି ଇଷ୍ଟିମେଟ ସହିତ ରପୋର୍ଟ କରିବା କାରଣ ଗୋଟିଏ ସବକମିଟୀ ଗଠିତ ହୋଇଅଛି ଏବଂ ଏହିପରି ଭୋଗରାଗ ମରାମତି ବିଷୟରେ ଅଉ ଗୋଟିଏ ଶାଖାକମିଟୀ ନିଯୁକ୍ତ ହୋଇଅଛି । ଏଥିରୁ ପାଠକମାନେ ଜାଣିବେ ଯେ ଦେବା ସମ୍ବନ୍ଧୀୟ ସଙ୍ଗେ ୨ ମରାମତି କାର୍ଯ୍ୟ ଯଥାସାଧ୍ୟ ତତ୍ପରତା ସହିତ ଲାଗି ଯାଇଅଛି । ଅତଏବ ଯେଉଁମାନେ ଦେବା ଦେବାକୁ ସମ୍ମତ ହୋଇ ଅଛନ୍ତି ସେମାନେ ଶୀଘ୍ର ଟଙ୍କା ପ୍ରଦାନ କରନ୍ତୁ ଏବଂ ଯେଉଁମାନେ ଏହି ଅତି ମହତ ଏବଂ ପୁଣ୍ୟ କାର୍ଯ୍ୟରେ ସାହାଯ୍ୟ କରିବାକୁ ଅଗ୍ରସର ସେମାନେ ଆଉ ବିଲମ୍ବ ନ କରନ୍ତୁ ।

---

ଏକାଳୀ ଅନ୍ତର୍ଗତ ଆଳ ମଧୁପୁର ପ୍ରଭୃତି ଇତ୍ୟାଦି କିଲାଜାତମାନଙ୍କର ଚିରସ୍ଥାୟୀ ବନ୍ଦୋବସ୍ତ ହୋଇ ଥିବାରୁ ବର୍ତ୍ତମାନର ନୂଆ ବନ୍ଦୋବସ୍ତରୁ ତାହା ସବୁ ଖାରଜ ପାଇବାର ବିଜ୍ଞାପନ ଏଥିପୂର୍ବେ କଲିକତାଗଜେଟରେ ପ୍ରକାଶ ହୋଇଥିଲା ଓ ଆମ୍ଭେମାନେ ତାହା ଯଥାସମୟରେ ଏ ପତ୍ରିକାରେ ଉଲ୍ଲେଖ କରିଥିଲୁଁ । କିନ୍ତୁ ବର୍ତ୍ତମାନ ଏକଥାର ବନ୍ଦୋବସ୍ତ କାର୍ଯ୍ୟ ପ୍ରଜାସ୍ୱତ୍ୱ ଆଇନର ଦଶମ ଅଧ୍ୟାୟ ଅନୁସାରେ ହେବାର ଗବର୍ଣ୍ଣମେଣ୍ଟ ସ୍ଥିର କରି କିଲ୍ଲା ଅଧ୍ୟାୟକୁ ଓଡ଼ିଶାରେ ଜାରି କରିବାର ଆଦେଶ ଦେଇ ଅଛନ୍ତି । ସେ ଅଧ୍ୟାୟରେ ପ୍ରଜାପତିଙ୍କ ସ୍ୱତ୍ୱାସ୍ୱତ୍ୱର ଅନୁସନ୍ଧାନ ହୋଇ ଲିପିବଦ୍ଧ ହେବାର ବିଧି ଅଛି । ସେ ବିଧି ଅନୁସାରେ କିଲାଜାତମାନ ଜରିପ ହୋଇ ସମସ୍ତଙ୍କର ସ୍ୱତ୍ୱାସ୍ୱତ୍ୱ ଲିପିବଦ୍ଧ ହେବା ବିଷୟ ଗବର୍ଣ୍ଣମେଣ୍ଟ ସ୍ଥିର କରିଥିବାର ଶୁଣାଯାଏ । ଗଜେଟରେ ଏଥିର ବିଜ୍ଞାପନ ପ୍ରକାଶ ହେବ । ଏତଦ୍ୱାରା ଯେ କିଲ୍ଲାଜାତର ପେଶକସି ଖଜଣା ବୃଦ୍ଧି ହେବ ଏମନ୍ତ ନୁହେ । ସରକାର ଯେଉଁଠାରେ ସେଥିର ଖଜଣା ଚିରସ୍ଥାୟୀ କରି ଅଛନ୍ତି ସେ ସ୍ଥଳେ ଆଉ ତାହା ଅନ୍ୟଥା ନ କରିବେ । ଏ ବିଷୟରେ କିଲାଜାତର ରଜାମାନଙ୍କ ଆଶଙ୍କାର କାରଣ ନାହିଁ । ଏତଦ୍ୱାରା କେବଳ ପ୍ରଜା ଇତ୍ୟାଦିଙ୍କ ଜମି ଜମା ଓ ସ୍ୱତ୍ୱାଧିକାର ନିରୂପଣ ହେବ । ଏ କାଗଜପତ୍ର ରଖିବା ଇତ୍ୟାଦି କାର୍ଯ୍ୟ ସକାଶେ ପଟୱାରୀମାନ କିଲ୍ଲାମାନଙ୍କରେ ନିଯୁକ୍ତ ହେବାର ଓ ଏଥିରେ ସରକାରଙ୍କର କିଛି ଲାଭ ନ ଥିବାରୁ ପଟୱାରୀର ଖର୍ଚ୍ଚ କିଲ୍ଲାଜାତ ଉପରେ ପଡ଼ିବାର ଶୁଣାଯାଏ । ଏଥିର ସବିଶେଷ ନିୟମ ଓ ବ୍ୟବସ୍ଥା ଜଣା ଯାଇ ନାହିଁ ବୋଧ ହୁଏ ଶୀଘ୍ର ସ୍ଥିର ହେଲାରୁ ଗଜେଟରେ ପ୍ରକାଶ ହେବ । ନିଶ୍ଚୟ ଜାଣିବାପର୍ଯ୍ୟନ୍ତ ଆମ୍ଭମାନଙ୍କର ମନ୍ତବ୍ୟ ସ୍ଥଗିତ ରଖିଲୁଁ ।

---

ବଙ୍ଗବାସୀର ବିପତ୍ତି ।

ଗତ ପୂର୍ବ ଶୁକ୍ରବାରଦିନ କଲିକତାର ମାଜିଷ୍ଟ୍ରେଟ ହେଣ୍ଡଲି ସାହେବଙ୍କ ଏଜଲାସରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ବାରିଷ୍ଟର ପିଉ ସାହେବ କଲିକତାର ପ୍ରସିଦ୍ଧ ବଙ୍ଗବାସୀ ସମ୍ବାଦପତ୍ରର ସମ୍ପାଦକ ଶ୍ରୀ କୃଷ୍ଣଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ, ଅଧିକାରୀ ଯୋଗେନ୍ଦ୍ରଚନ୍ଦ୍ର ବସୁ, ମ୍ୟାନେଜର ବ୍ରଜଗତି ବନ୍ଦ୍ୟୋପାଧ୍ୟାୟ ଓ ପ୍ରିଣ୍ଟର ଅରୁଣୋଦୟ ରାୟ, ଏହି ଚାରିଜଣଙ୍କ ନାମରେ ଭାରତବର୍ଷୀୟ ଦଣ୍ଡବିଧି ଆଇନର ଧା ୧୨୪ କ, ସ ଲିଖିତ ଗବର୍ଣ୍ଣମେଣ୍ଟଙ୍କପ୍ରତି ଲୋକଙ୍କ ଅଭକ୍ତି ଜନ୍ମାଇବାର ଅଭିଯୋଗ କରିବା ଅପରାଧରୁ ନାଲିସ କରି ଓ୍ୱାରେଣ୍ଟ ବାହାର କରିବାର ପ୍ରାର୍ଥନା କରିବାରୁ ମାଜିଷ୍ଟ୍ରେଟ ତଦନୁସାରେ ହୁକୁମ ଦେଲେ ଓ ତତ୍କ୍ଷଣାତ୍ ପୁଲିସର ଡେପୁଟୀ କମିଶନର, ଅବଶ୍ୟକୀୟ ଦଳବଳ ଘେନି ବଙ୍ଗବାସୀର ଅଫିସରେ ଉପସ୍ଥିତ ହୋଇ କାଗଜପତ୍ର ଜବତ କଲେ ଓ ପ୍ରିଣ୍ଟର ଛଡ଼ା ଅନ୍ୟ ଆସାମୀମାନେ ସେଠାରେ ନ ଥିବାରୁ ସେ ପ୍ରିଣ୍ଟରକୁ ଧରିଆଣି ୨ ଘଣ୍ଟା ସମୟରେ ଅଦାଲତରେ ଉପସ୍ଥିତ କରିବାରୁ ମାଜିଷ୍ଟ୍ରେଟ ଫରିୟାଦି ପକ୍ଷର ଦୁଇଜଣ ସାକ୍ଷୀଙ୍କ ଜୋବାନବନ୍ଦି ନେଇ ଆସାମିକୁ ହାଜତ ଦେଲେ । ତହିଁ ଆରଦିନ ଶନିବାର, ସମ୍ପାଦକ ଅଧ୍ୟକ୍ଷ ଓ ଅଧିକାରୀ ଏମାନେ ଅଦାଲତରେ ହାଜର ହେବାରୁ ଷ୍ଟେମଜନର ବାରିଷ୍ଟର, ବୁଲ ସାହେବ ଓ ଲାଲମୋହନ ଘୋଷ, ଜାମିନ ପାଇଁ ଆବେଦନ କଲେ ମାତ୍ର ଫରିୟାଦି ପକ୍ଷର ବାରିଷ୍ଟର ତହିଁରେ ଆପତ୍ତି କରିବାରୁ ମାଜିଷ୍ଟ୍ରେଟ ସାମନ୍ତର ପ୍ରାର୍ଥନା ଅଗ୍ରାହ୍ୟ କରି ଆସାମିମାନଙ୍କୁ ହାଜତକୁ ପଠାଇଲେ ।

---

ବୈଦ୍ୟନାଥ-କୁଷ୍ଠାଶ୍ରମ ।

ବୈଦ୍ୟନାଥରେ କୁଷ୍ଠରୋଗିଙ୍କ ଉପକାରାର୍ଥ ଗୋଟିଏ ଆଶ୍ରମ ସ୍ଥାପନ କରିବା କାରଣ ଅର୍ଥସଂଗ୍ରହ ହେଉଥିବା କାର୍ତ୍ତା ପାଠକମାନଙ୍କୁ ଏଥିପୂର୍ବେ ଜଣାଇ ଥିଲୁଁ ଏବଂ ଏପ୍ରକାର ସତ୍କାର୍ଯ୍ୟରେ ଦାନ କରିବା କାରଣ ସମସ୍ତଙ୍କୁ ଅନୁରୋଧ କରୁଅଛୁଁ । ଗତ କେତେକ ସପ୍ତାହର ସଞ୍ଜୀବନୀ ପଢ଼ି ଜାଣେ ଏବିଷୟରେ ଯେ ଯାହା ଦାନ କରୁ ଅଛନ୍ତି ତାହା ପ୍ରକାଶ ହେଉଥିଲେହେଁ ତହିଁର ପରିମାଣ ଊଣା ଦେଖି ଭୟ ହେଉଥିଲା ଯେ ଏହି ଶୁଭ କଥାଟି କାର୍ଯ୍ୟରେ ପରିଣତ ହେବାକୁ ବିଳମ୍ବ ହେବ । ମାତ୍ର ଗତ ସଞ୍ଜୀବନୀରୁ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ କଲିକତାର ସୁବିଖ୍ୟାତ ଡାକ୍ତର ମହେନ୍ଦ୍ରଲାଲ ସରକାର ଏହି ଆଶ୍ରମ ନିମନ୍ତେ ଦୁଇସହସ୍ର ଟଙ୍କା ଦାନ କରିବାକୁ ସ୍ୱୀକାର କରିଅଛନ୍ତି ଏବଂ ଏ ବିଷୟରେ ଦେଉଘର ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଯୋଗୀନ୍ଦ୍ରନାଥ ବସୁଙ୍କ ନିକଟକୁ ଯେଉଁ ପତ୍ର ଇଂରାଜୀରେ ଲେଖିଅଛନ୍ତି ସହଯୋଗୀ ତହିଁର ଏକ ଅଂଶ ବଙ୍ଗଳାରେ ଅନୁବାଦ କରି ସର୍ବସାଧାରଣଙ୍କୁ ଜଣାଇ ଅଛନ୍ତି । ଆମ୍ଭେମାନେ ଉତ୍କଳପାଠକମାନଙ୍କ ଅବଗତ ନିମନ୍ତେ ତାହା ଉତ୍କଳଭାଷାରେ ନିମ୍ନେ ପ୍ରକାଶ କରୁଅଛୁଁ ଯଥା;—କ ୫୦ ଣ କୁଷ୍ଠରୋଗିଙ୍କର ବାସୋପଯୁକ୍ତ ଗୃହନିର୍ମାଣ କରିବାକୁ ଆପଣଙ୍କର ଦୁଇସହସ୍ର ଟଙ୍କା ବ୍ୟୟ ହେବ । ଅସ୍ୱାସ୍ଥ୍ୟର ବର୍ତ୍ତମାନ ଦୁର୍ଗାବସ୍ଥାରେ ଆମ୍ଭର ନିଜର ବ୍ୟବସାୟ ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ ଉଦ୍ବେଗଜନକ କର୍ତ୍ତବ୍ୟରୁ ବେଳେ ୨ ବିଶ୍ରାମ ଲାଭ କରିବା ଆଶାରେ ଦେଓଘରରେ ଆମ୍ଭର ଗୋଟିଏ ଆଶ୍ରମ ନିର୍ମାଣ କରିବାର ଇଚ୍ଛା ଥିଲା । ମାତ୍ର କୁଷ୍ଠରୋଗିଙ୍କ ଅଭାବ ଆମ୍ଭର ନିଜର ଅଭାବ ଅପେକ୍ଷା ଗୁରୁତର ବିବେଚନାରେ ଆମ୍ଭେ ସେମାନଙ୍କ ସକାଶେ ଉକ୍ତ ସଂକଳ୍ପ ପରିତ୍ୟାଗ କରୁଅଛୁଁ । ଗୋଟିଏ ଆଶ୍ରମ ନିର୍ମାଣ କରିବାର ସମସ୍ତ ବ୍ୟୟ ନିର୍ବାହ କରି ପାରିଲେ ଏହା ଗୋଟିଏ

ହିତ ଅଧିକାର ମନେ କରୁଁ। ଯେବେ ଦେଓଘରବାସିଙ୍କର କୌଣସି ଆପତ୍ତି ନ ଥାଏ ତେବେ ଆମ୍ଭର ଇଚ୍ଛା ଏହି କି ଆମ୍ଭର ପତ୍ନୀର ନାମାନୁସାରେ ଆଶ୍ରମଟିର ନାମକରଣ ହେବ କି ଯାହାଙ୍କର ଅକ୍ଳାନ୍ତ ଏବଂ ସପ୍ରେମଯତ୍ନ ଓ ସେବାରେ ପରମେଶ୍ୱରଙ୍କ ଆଶୀର୍ବାଦରେ ଆମ୍ଭେ ସମ୍ପ୍ରତି ଆରୋଗ୍ୟ ଲାଭ କରିଅଛୁଁ।"

ଉପରଲିଖିତ ଉଦ୍ଧୃତାଂଶରୁ ସ୍ପଷ୍ଟ ପ୍ରକାଶ ପାଉଅଛି ଯେ ତାହାଙ୍କର ଦାନ ଯେମନ୍ତ ପ୍ରଶସ୍ତ ତାହାଙ୍କର ହୃଦୟ ତଦପେକ୍ଷା ଅଧିକ ଅଟଇ। ସତ୍କାର୍ଯ୍ୟରେ ଦାନ କରିବା ଯଦ୍ୟପି କି ସମସ୍ତଙ୍କ ଭାଗ୍ୟରେ ଘଟଇ ନାହିଁ ତଥାପି କୀର୍ତ୍ତି-ଇଚ୍ଛାରୁ ବହୁ୨ ଦାନ କରିବା ଅନେକ ଲୋକଙ୍କର ଦେଖାଯାଏ। ମାତ୍ର ଯେ ବ୍ୟକ୍ତି ପରରଦୁଃଖରେ କାତର ହୋଇ ଆପଣାର ସୁଖର ଉପାୟ କରିବାଠାରୁ ତାହାର ସାହାଯ୍ୟ କରିବା ଅଧିକ କର୍ତ୍ତବ୍ୟ ଜ୍ଞାନ କରି ତହିଁରେ ପ୍ରବୃତ୍ତ ହୁଅଇ ସେ ବ୍ୟକ୍ତି ଏ ଜଗତରେ ଧନ୍ୟ ଏବଂ ଏହିପରି ସ୍ୱାର୍ଥତ୍ୟାଗି ଲୋକଙ୍କ ହେତୁ ସଂସାରରେ ଧର୍ମ ରହିଅଛି। ଡାକ୍ତର ମହାଶୟଙ୍କ ବାସ ଗୃହର ଅଭାବ ମୋଚନ ହେଲା ଏଣିକି ଯେ ଯାହା ଦାନ କରିବେ ତଦ୍ୱାରା ରୋଗିଙ୍କର ବ୍ୟବହାରୀୟ ଜଳ ଏବଂ ଗ୍ରାସାଚ୍ଛାଦନ ଓ ଚିକିତ୍ସା ଯୋଗାଇବାର ବନ୍ଦୋବସ୍ତ ହେବ। ସୁତରାଂ ସାଧାରଣସାହାଯ୍ୟର ଆବଶ୍ୟକୀୟତା ଅବଧି ରହିଅଛି।

---*---

## ସାମ୍ୟବାଦୀସ୍କୁଲ।

ଏ ନଗରର ସାମ୍ୟବାଦୀ ସ୍କୁଲର ସ୍ୱତ୍ୱାଧିକାର ହସ୍ତାନ୍ତର ଉପଲକ୍ଷରେ ଗତ ରବିବାର ଉକ୍ତ ବିଦ୍ୟାଳୟରେ ଗୋଟିଏ ବୃହତ୍ ସଭା ହୋଇଥିଲା। ଅଧିକାଂଶ ସଭ୍ୟ ସ୍କୁଲଗୃହ ଓ ତହିଁମଧ୍ୟରେ ଦେଶୀୟ ଜମିଦାର ଓକିଲ ଅମଲାପ୍ରଭୃତି ଶ୍ରେଣୀର ଜ ୨୫୦ ଣ ଉପସ୍ଥିତ ଥିଲେ। ଅମ୍ଭମାନଙ୍କ ସବଜଜ ବାବୁ ବଳରାମମଲ୍ଲିକ ସଭାପତିପଦରେ ପୂର୍ବରୁ ବରଣ ହୋଇଥିଲେ। ସେ କାର୍ଯ୍ୟାରମ୍ଭ କରି କହିଲେ କି ବାବୁ ଲଳିତମୋହନଚକ୍ରବର୍ତ୍ତୀ ଆପଣାର କନ୍ୟା ସାମ୍ୟବାଦୀ ବିଦ୍ୟାଳୟକୁ ରାଜା ବୈଦ୍ୟନାଥ ପଣ୍ଡିତଙ୍କୁ ସମ୍ପ୍ରଦାନ କରିବାର ସ୍ଥିର କରି ଆମ୍ଭଙ୍କୁ ପୁରୋହିତର କାର୍ଯ୍ୟ କରିବାକୁ ଡାକିବାରୁ ଆମ୍ଭେ ଆନନ୍ଦସହିତ ସମ୍ମତ ହୋଇଅଛୁଁ। ଦାତା ଓ ଗ୍ରହୀତା ଆପଣା୨ ସମ୍ମତି ସଭାରେ ପ୍ରକାଶ କଲେ ଉତ୍ତାରୁ ଆମ୍ଭେ ଆପଣା କର୍ତ୍ତବ୍ୟକାର୍ଯ୍ୟ କରୁଁ। ସଭାପତିଙ୍କର ବିବାହ ଉପମାଟି ବଡ଼ ସୁନ୍ଦର ଓ ଆନନ୍ଦପ୍ରଦ ହୋଇଥିଲା। ବାସ୍ତବରେ ସଭାଗୃହଟି ପତ୍ର ଓ ଫଳ ଓ ନାନାବର୍ଣ୍ଣର କାଗଜରେ ବଡ଼ ସୁରୁଚିପୂର୍ବକ ସୁସଜ୍ଜିତ ହୋଇଥିଲା। କାଲୁବଜାର ସଡ଼କଠାରୁ ସଭାଗୃହପର୍ଯ୍ୟନ୍ତ ରାସ୍ତାର ଦୁଇପାଖରେ ତେଲର ସେସଲାଇ ପୋତା ହୋଇଥିଲା ଏବଂ ରାଜା ବୈଦ୍ୟନାଥ ପଣ୍ଡିତ ପହଞ୍ଚିବାମାତ୍ରେ ତୋପ ବାଜି ଗୋ ୫ ଟା ମରାଯାଇ ଥିଲା। ସୁତରାଂ ବିବାହ ଉତ୍ସବର ସମସ୍ତ ଉପକରଣ ଥିଲା କେବଳ ଲଗ୍ନକାଳର ବ୍ୟତିକ୍ରମ ଘଟିଥିଲା। ଅର୍ଥାତ୍ ବିଜ୍ଞାପନରେ ଘ ୭ ଟା ସମୟ ଲେଖାଥିଲା ଏବଂ ସେହି ସମୟରେ ସଭାଟି ପୂର୍ଣ୍ଣ ହୋଇଥିଲେ ହେଁ ବର ଓ ପୁରୋହିତ ପ୍ରାୟ ଘ ୮ ଟା ସମୟରେ ଉପସ୍ଥିତ ହୋଇଥିଲେ। ଏଥିରେ କେହି୨ ବିରକ୍ତ ହୋଇଥିଲେ ସୁଦ୍ଧା ଏହା ଧର୍ତ୍ତବ୍ୟ ନୁହଇ କାରଣ ଓଡ଼ିଶାରେ ବିବାହର ଲଗ୍ନକାଳପ୍ରତି ବଡ଼ ଆସ୍ଥା ନ ଥାଏ ଓ ସଚରାଚର ବିବାହରେ ରାତି ପାହିଯାଉଥିବା ସ୍ଥଳେ ଏକଘଣ୍ଟା ବିଳମ୍ବ ଅତି ସାମାନ୍ୟକଥା କେବଳ ଇଂରାଜୀଶିକ୍ଷା ଅଥବା ସୂନ୍ୟପତ୍ରର ବାହୁଲ୍ୟ ପ୍ରଚାରହେତୁ ଏହି ସାମାନ୍ୟ ବିଳମ୍ବକୁ କେହି୨ ଦୁଷ୍ଟ ମନେ କରନ୍ତି ନତୁବା ଏହା ଅସ୍ମଦ୍ଦେଶୀୟଙ୍କର ସ୍ୱଭାବର ବହିର୍ଭୂତ ନୁହଇ।

ସଭାପତିଙ୍କ ଅନୁରୋଧରେ ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ଏକ ସୁନ୍ଦର ବକ୍ତୃତାରେ ଯାହା ପ୍ରକାଶ କଲେ ତହିଁର ସାର ଏହି କି ସେ ଏହି ବିଦ୍ୟାଳୟ ସ୍ଥାପନ କରି ଏତେଦିନ ନିର୍ବାହ କରି ଆସିଲେ ମାତ୍ର ସରକାରଙ୍କଠାରୁ ସାହାଯ୍ୟ ନ ପାଇବାରୁ ଓ ନିଜେ ସବୁ ବ୍ୟୟ ଯୋଗାଇବାକୁ ଅକ୍ଷମ ହେବାରୁ ଆଉ ଏହାକୁ ରଖିପାରୁ ନାହାନ୍ତି। ସୁତରାଂ ଏହାକୁ ରାଜାମହୋଦୟଙ୍କୁ ସମ୍ପ୍ରଦାନ କରୁଅଛନ୍ତି। ରାଜା ମହୋଦୟ ଯେପରି ବଦାନ୍ୟତା ସହିତ ଅନ୍ୟାନ୍ୟ ସାଧାରଣ ହିତାନୁଷ୍ଠାନ ରକ୍ଷା କରୁଅଛନ୍ତି ଏହାକୁ ମଧ୍ୟ ସେହିପରି ରକ୍ଷା କରିବେ। ରାଜା ମହୋଦୟ ଏଥିର ଉତ୍ତରରେ କହିଲେ କି ସେ ଏ ବିଦ୍ୟାଳୟର ଭାର ନେଲେ ଏବଂ ସାଧ୍ୟାନୁସାରେ ଏହାର ସଂରକ୍ଷଣ ଏବଂ ଉନ୍ନତି ବିଷୟରେ ତ୍ରୁଟି କରିବେ ନାହିଁ କିନ୍ତୁ ଯେବେ ଏହାର ଆୟ ଏବଂ ଛାତ୍ରସଂଖ୍ୟା ନିତାନ୍ତ ଊଣା ହେବ ତେବେ ସେ ନାଚାର। ସଭାପତି ଏ ଉତ୍ତର ଶୁଣି ଯଥାର୍ଥ କହିଲେ ଯେ ତେବେ ଏ ବିବାହଟି ହିନ୍ଦୁବିବାହ ନ ହୋଇ ମୁସଲମାନଙ୍କ ଧର୍ମଶାସ୍ତ୍ରଲିଖିତ ଏକପ୍ରକାର ବିବାହ ହେଲା ଅର୍ଥାତ୍ ରାଜା ମହୋଦୟ ଏ କନ୍ୟାକୁ ପରୀକ୍ଷାସ୍ୱରୂପ ଗ୍ରହଣ କଲେ। ଭବିଷ୍ୟତକୁ ସନ୍ତୁଷ୍ଟ ହେଲେ ସମ୍ବନ୍ଧ ସ୍ଥିର ରହିବ ନତୁବା ତ୍ୟାଗ କରିବେ। ମାତ୍ର ପ୍ରଥମରୁ ଅଶୁଭକାମନା କରିବା ଭଲ ନୁହଇ ଏବଂ ସେ ଆଶା କରନ୍ତି କି ରାଜାସାହେବ ଏପରି ଅଶୁଭଚିନ୍ତାକୁ ମନରେ ସ୍ଥାନ ନ ଦେଇ ଏହାକୁ ସ୍ନେହ ଓ ଯତ୍ନସହିତ ପ୍ରତିପାଳନ କରିବାଦ୍ୱାରା ପୁଣ୍ୟଅର୍ଜନ କରିବେ ଯହିଁର ଫଳ ପରକାଳରେ ତାହାଙ୍କପାଇଁ ସଦନୁଗୁଣରେ ସ୍ୱର୍ଗରେ ସଞ୍ଚିତ ରହିଥିବ। ଏଥିଉତ୍ତାରୁ ସଭା ଭଙ୍ଗ ହେଲା।

---

## ପୁରୀରେ ପାନୀୟଜଳର ବ୍ୟବସ୍ଥା।

ପୁରୀର ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ କଲିକତାର ପୁରୀମନ୍ଦିରସଂସ୍କାରିଣୀ ସଭା ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନ ପତ୍ର ପଠାଇ ଅଛନ୍ତି ଏବଂ ଯହିଁର ସଂକ୍ଷେପ ପରିଚୟ ପାଠକମାନଙ୍କୁ ଦେଇଅଛୁଁ ତହିଁର ପ୍ରଧାନ ବିଷୟ ପୁରୀରେ ପାନୀୟଜଳ ଯୋଗାଇବାର ସୁବନ୍ଦୋବସ୍ତ କରିବା ଅଟଇ। ପୁରୀରେ ପାନୀୟଜଳର ନିତାନ୍ତ ଅଭାବ ଏବଂ ଏହାଇ ସେଠାରେ ବର୍ଷକୁବର୍ଷ ଅନେକ ଯାତ୍ରୀ ଓ ନିବାସିଙ୍କ ମୃତ୍ୟୁର ପ୍ରଧାନ କାରଣ ବୋଲି ଅନେକଦିନରୁ କର୍ତ୍ତୃପକ୍ଷଙ୍କର ଧାରଣା ହୋଇଅଛି ଏବଂ ବିଶୁଦ୍ଧ ଜଳ ଯୋଗାଇବାର ଉପାୟ ଚିନ୍ତା କରିବାରେ ମଧ୍ୟ ତ୍ରୁଟି ହୋଇ ନାହିଁ। ସମୁଦ୍ର କୂଳସ୍ଥିତ କୂଅଗୁଡ଼ା ଆଉ କୌଣସି କୂଅର ଜଳ ଭଲ ନୁହଇ ଏବଂ ତେତେ ଦୂରରୁ ପାନୀୟଜଳ ଆଣିବା ସମସ୍ତଙ୍କ ପକ୍ଷରେ ସହଜ ନୁହେ। ବିଶେଷତଃ ଯାତ୍ରୀ ଅଥବା ନଗରବାସିମାନେ ବିଶୁଦ୍ଧଜଳର ଆବଶ୍ୟକତା ଏତେ ବୁଝନ୍ତି ନାହିଁ ଯେ ବ୍ୟୟ ଓ ଶ୍ରମ ସ୍ୱୀକାର କରି ତାହା ଆଣାଇବେ। ନରେନ୍ଦ୍ରପୁଷ୍କରିଣୀର ଜଳକୁ ସମସ୍ତେ ଭଲ ବୋଲି ବିଶ୍ୱାସ କରନ୍ତି ମାତ୍ର ତାହା ସେପରି ନୁହଇ ଏବଂ ଗାଧୁଆ ଇତ୍ୟାଦି ସକଳକାର୍ଯ୍ୟ ତହିଁରେ ହେଉଥିବାରୁ ଜଳର ବିଶୁଦ୍ଧତା ରହି ପାରେ ନାହିଁ ଅଥଚ ଗାଧୁଆ ବନ୍ଦ କଲେ ଯାତ୍ରିମାନେ ନିତାନ୍ତ ଅସନ୍ତୁଷ୍ଟ ହେବେ। କାରଣ ଏହା ଗୋଟିଏ ତୀର୍ଥ ଅଟଇ। ଏହିସବୁ ବିବେଚନାରେ ଓଡ଼ିଶାର ଭୂତପୂର୍ବ କମିଶନର ମେଟକାଫସାହେବ କଳିକତା ପ୍ରଭୃତିପରି ପୁରୀରେ କଳଦ୍ୱାରା ଜଳ

Digitized by srujanika@gmail.com

Split by PDF Splitter



ଯୋଗାଇବାର ପ୍ରସ୍ତାବ କରି ଇଞ୍ଜିନିୟର ସାହେବଙ୍କ ପରାମର୍ଶ ନେଇ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ କରିଥିଲେ । ତାହାଙ୍କର କଳ୍ପନା ଏହି କି ମୁନାମଇ ନଦୀରୁ କଳଦ୍ୱାରା ଜଳ ଆଣି ମନ୍ଦିର ନିକଟରେ ଏକ ଭଣ୍ଡାରରେ ଜମା ହେବ ଏବଂ ସେଠାରୁ ନଗରର ଚତୁର୍ଦ୍ଦିଗକୁ ନଳଦ୍ୱାରା ଚାଳିତ ହେବ । ଏହି ଜଳକଳ ନିର୍ମାଣ ନିମନ୍ତେ ପ୍ରଥମେ ୩ ଲକ୍ଷ ଟଙ୍କା ମୂଲଧନର ପ୍ରୟୋଜନ ଏହାଛଡ଼ା କାର୍ଯ୍ୟ ନିର୍ବାହର ବାର୍ଷିକ ବ୍ୟୟ ୧୬।୧୭ ହଜାର ଟଙ୍କା ପଡ଼ିବ । ପୁରୀ ମିଉନିସିପାଲିଟୀର ଏପରି ବଳ ନାହିଁ ଯେ ଏତେ ବଡ଼ ବ୍ୟୟଶୀଳ କାର୍ଯ୍ୟଭାର ଏକାକେ ଗ୍ରହଣ କରିବ । ଏଥିପାଇଁ ମେଟକାଫସାହେବ ପ୍ରସ୍ତାବ କଲେ କି ଆବଶ୍ୟକୀୟ ମୂଳଧନ ୩ ଲକ୍ଷଟଙ୍କା ଭାରତବର୍ଷର ମହାରାଜା ରାଜା ଜମିଦାର ପ୍ରଭୃତି ବଡ଼ ବଡ଼ ଲୋକଙ୍କଠାରୁ ଦାନ ପ୍ରାର୍ଥନା କରିବା ଉଚିତ ଅଟଇ ଏବଂ ତହିଁରେ ଫଳ ନ ହେଲେ ସାଧାରଣ ଚେନ୍ଦାଦ୍ୱାରା ସଂଗୃହୀତ ହେବ । ବାର୍ଷିକ କାର୍ଯ୍ୟ ନିର୍ବାହର ବ୍ୟୟ ୧୬।୧୭ ହଜାର ଟଙ୍କା ମିଉନିସିପାଲିଟି ଓ ବସାଘର ଟିକସ ଇତ୍ୟାଦିରୁ ଅନାୟାସରେ ଦିଆଯାଇ ପାରିବ । ମେଟକାଫ ସାହେବ ବିଶ୍ୱାସ କରିଥିଲେ କି ପୁରୀ ସମସ୍ତ ଭାରତବର୍ଷର ପ୍ରଧାନ ତୀର୍ଥ ଓ ହିନ୍ଦୁ ବଡ଼ ବଡ଼ ଲୋକେ ଏଠାକୁ ଆସି ଏକ ଏକ ଜଣ ଏକ ଏକ ସମୟରେ ଲକ୍ଷେ ଟଙ୍କା ବା ତହିଁରୁ ଅଧିକ ବ୍ୟୟ କରୁଥିବା ସ୍ଥଳେ ଏମନ୍ତ ହିତକର ଅନୁଷ୍ଠାନର ଆବଶ୍ୟକତା ବୁଝିଲେ ତହିଁପାଇଁ ଅବଶ୍ୟ ମୁକ୍ତହସ୍ତରେ ଦାନ କରିବେ ଏବଂ ତାହା ହେଲେ ଅନାୟାସରେ ଏକାର୍ଯ୍ୟ ହୋଇଯିବ ଏବଂ ପୁରୀବାସିଙ୍କ ଉପରେ ଅତିରିକ୍ତ ଟିକସ ଭାର ପଡ଼ିବ ନାହିଁ । ସାହେବ ମହୋଦୟଙ୍କର ଏ ବିଶ୍ୱାସ ଅସଙ୍ଗତ ବୋଲାଯାଇ ନ ପାରେ । ଜଳଦାନ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ଧର୍ମକାର୍ଯ୍ୟ ଅନେକାନେକ ଟଙ୍କା ବ୍ୟୟ କରି ଏକ ଏକ ଧନୀ ହିନ୍ଦୁ ବୃହତ୍ ଜଳକୀର୍ତ୍ତିମାନ ସ୍ଥାପନ କରି ଯାଇଅଛନ୍ତି ଏବଂ ବର୍ତ୍ତମାନ ମଧ୍ୟ ଏହା ହିନ୍ଦୁଙ୍କ ସାହାଯ୍ୟ ଓ ବଦାନ୍ୟତାରେ ଏକ ଏକ ନଗରରେ କଳର ଜଳ ବସିଅଛି । ହିନ୍ଦୁଙ୍କ ବଦାନ୍ୟତାର ଏହି ସୁଖ୍ୟାତି ଏବଂ ପୁରୀବାସିନ୍ଦା ଓ ଅଧିକାଂଶ ଯାତ୍ରିଙ୍କର ଦରିଦ୍ରତାପ୍ରତି ଦୃଷ୍ଟି କରି ମେଟକାଫ ସାହେବ ସୁବିବେଚନାପୂର୍ବକ ଉପରଲିଖିତ ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କୁ ସନ ୧୮୮୭ ସାଲରେ ପଠାଇଥିଲେ ଅବଶ୍ୟ ତାଙ୍କ କଷ୍ଟର ହୋଇ ନାହିଁ ।

ମେଟକାଫ ସାହେବଙ୍କ ରିପୋର୍ଟ କରିବାର ଅଳ୍ପକାଳ ପରରୁ ଅର୍ଥାତ୍ ସନ ୧୮୮୭ ସାଲରେ କଲିକତା ଶ୍ୟାମବାଜାରନିବାସୀ ବିଖ୍ୟାତ ଧନୀ ମୃତ ରାଜେନ୍ଦ୍ରଲାଲ ମଲ୍ଲିକଙ୍କ ପରିବାରସ୍ଥ ଅନେକଲୋକ ବାବୁ ଯଦୁଲାଲ ମଲ୍ଲିକଙ୍କ ସଙ୍ଗରେ ପୁରୀ ତୀର୍ଥକୁ ଆସିଥିଲେ । ବଡ଼ଲୋକଙ୍କ ବ୍ୟବହାର ଯୋଗ୍ୟ ବସାଘର ପାନୀୟ ଜଳ ଓ ଖାଦ୍ୟଦ୍ରବ୍ୟାଦି ନ ପାଇ ବଡ଼ କଷ୍ଟ ଭୋଗକରି ସେଠା ମାଜିଷ୍ଟ୍ରେଟ ଏବଂ ଓଡ଼ିଶା କମିଶନର ମେଟକାଫ ସାହେବଙ୍କଠାରେ ଦୁଃଖ ଜଣାଇଲେ ମେଟକାଫ ସାହେବ ଜଳକଳ ସ୍ଥାପନ ସମ୍ପର୍କୀୟ ଆପଣାର ରିପୋର୍ଟ ଇତ୍ୟାଦି ତାହାଙ୍କୁ ଦେଖାଇ ଅର୍ଥସଂଗ୍ରହ ବିଷୟରେ ଯତ୍ନ କରିବାକୁ ଅନୁରୋଧ କରିଥିଲେ । ବୋଧ ହୁଏଇ ସାହେବ ମନେ କରିଥିଲେ ଜଣେ ବଡ଼ଲୋକ ପାଇଅଛନ୍ତି ଏହାଙ୍କଦ୍ୱାରା କାର୍ଯ୍ୟ ସିଦ୍ଧ ହେବପରା । ଯଦୁବାବୁ ଏତାବତକାଳ ନୀରବ ରହି ସମ୍ପ୍ରତି ଶ୍ରୀମନ୍ଦିରର ଜୀର୍ଣ୍ଣସଂସ୍କାରାର୍ଥ ଚେନ୍ଦା ସଂଗ୍ରହ ହେବାର ଆନ୍ଦୋଳନ ଲାଗିବାରୁ ଷ୍ଟେଟ୍ସମ୍ୟାନ ଇଂରାଜୀ ପତ୍ରିକା ବାହାର କରିଅଛନ୍ତି ଏବଂ ତହିଁରେ ସେ ପୁରୀରେ ଯେସବୁ କଷ୍ଟଭୋଗ କରିଥିଲେ ତାହା ଉଲ୍ଲେଖ ଓ ମେଟକାଫ ସାହେବଙ୍କ ଜଳକଳ ବସାଇବା ସମ୍ବନ୍ଧୀୟ କାଗଜପତ୍ର ପ୍ରକାଶ କରି ଏହି ମନ୍ତବ୍ୟ ଲେଖିଅଛନ୍ତି କି ସ୍ଥାନବିଶେଷର ସ୍ୱାସ୍ଥ୍ୟୋନ୍ନତି କାରଣ ସାଧାରଣଙ୍କଠାରୁ ଅର୍ଥସାହାଯ୍ୟ ଲୋଡ଼ିବା ଅନୁଚିତ । ଏକାର୍ଯ୍ୟଟି ସ୍ଥାନୀୟ ମିଉନିସିପାଲିଟୀର କର୍ତ୍ତବ୍ୟ ଅଟଇ ଓ ମିଉନିସିପାଲିଟୀ ଚେଷ୍ଟା କଲେ ଅନାୟାସରେ ତାହା ହୋଇପାରିବ । ତାହାଙ୍କର ପରାମର୍ଶ ଏହି କି ମିଉନିସିପାଲିଟୀ ୩ ଲକ୍ଷ ଟଙ୍କା ଋଣ କରିବେ ଓ ତାହା ବାର୍ଷିକ ଶତକଡ଼ା ୪ ଟଙ୍କା ସୁଧରେ ଅନାୟାସରେ ମିଳିପାରିବ । ଏହି ତିନିଲକ୍ଷ ଟଙ୍କାରେ ଯନ୍ତ୍ରାଦି ଖରିଦ ଓ ଘର ପ୍ରସ୍ତୁତ ହୋଇ କଳ ବସିବ । ଋଣର ସୁଧ ବାର୍ଷିକ ୧୫ ହଜାରଟଙ୍କା ଏବଂ କାର୍ଯ୍ୟନିର୍ବାହରେ ବାର୍ଷିକ ଖର୍ଚ୍ଚ ୧୬ ହଜାରଟଙ୍କା ଏବଂ ଭଙ୍ଗାଚୁରା ଇତ୍ୟାଦି ଆକସ୍ମିକ ବ୍ୟୟର ସଂସ୍ଥାନ ବାର୍ଷିକ ୯ ହଜାର ଟଙ୍କା ମୋଟ ୪୦ ହଜାର ଟଙ୍କାର ପ୍ରୟୋଜନ । ଏଥିକୁ ଯାତ୍ରିଙ୍କ ଉପରେ ଜଣପ୍ରତି ବାର୍ଷିକ ଆଠଅଣା ଏବଂ ପୁରୀ ବାସିନ୍ଦାଙ୍କ ଉପରେ ଜଣପ୍ରତି ଏକଟଙ୍କା ବାର୍ଷିକ କର ଧାର୍ଯ୍ୟ କଲେ ୨୦ ହଜାର ଅଧିବାସୀ ଓ ବାର୍ଷିକ ହାରାହାରି ୭୦ ହଜାର ଯାତ୍ରିଙ୍କଠାରୁ ବାର୍ଷିକ ୫୧ ହଜାର ଟଙ୍କା ଆୟ ହେବ ଓ ତହିଁରୁ ଉପରଲିଖିତ ୪୦ ହଜାର ଟଙ୍କା ବ୍ୟୟ ଯାଇ ୧୧ ହଜାର ଟଙ୍କା ଉଦ୍ବୃତ୍ତ ରହିବ ଏହି ଉଦ୍ବୃତ୍ତ ଟଙ୍କା ଏବଂ ବସାଭଡ଼ା ଟଙ୍କାରୁ ଋଣ ପରିଶୋଧ ଯାଇ ଅନାୟାସ ସ୍ୱାସ୍ଥ୍ୟୋନ୍ନତି ହୋଇ ପାରିବ । ମଲ୍ଲିକ ମହାଶୟଙ୍କର ଏହି ପ୍ରସ୍ତାବକୁ କଲିକତାର ପୁରୀମନ୍ଦିର-ସଂସ୍କାର କମିଟୀ ଅନୁମୋଦନ କରି କାର୍ଯ୍ୟକାରକ ହେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନପତ୍ରଦ୍ୱାରା ଅନୁରୋଧ କରିଅଛନ୍ତି । ଏ ବିଷୟରେ ଆମ୍ଭମାନଙ୍କର ଅଭିପ୍ରାୟ ଏପରେ ପ୍ରକାଶ କରିବାର ଇଚ୍ଛା ଅଛି ।

# ସାପ୍ତାହିକ ସମ୍ବାଦ ।

ଏଠାରେ ଗତ ସୋମବାର ପାଞ୍ଚଜଣ ରେଭେନ୍ୟୁ ଏଜେଣ୍ଟ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ଅର୍ଥାତ୍ ବାବୁ ଗଣେଶ୍ୱର ଦତ୍ତ ବାବୁ ଧ୍ରୁବଚରଣ ଦାସ୍ ପରୀକ୍ଷୋତ୍ତୀର୍ଣ୍ଣ ହେଲେ । ଏମାନଙ୍କର ସର ସାଜଗୁଡ଼ରେ ।

କଲିକତା-ଗେଜେଟ ।

ଖୋର୍ଦ୍ଧାର ଅଫିସିଏଟିଂ ତହସିଲଦାର ମୌଲବୀ ଦାବର-ଙ୍କୁ ତହସିଲଦାରକାର୍ଯ୍ୟରେ ବାହାଲ ହେଲେ ।

କଟକର ଡେପୁଟି ଓ ସେସନ୍ସ ଜଜ ମିଃ ବହାଦୁରଲାଲ ଗୁପ୍ତ ଅନ୍ୟାନ୍ୟ ପର୍ଯ୍ୟନ୍ତ ୧ମ ଗ୍ରେଡ୍‌କୁ ଉନ୍ନତ ପ୍ରାପ୍ତ ହେଲେ ।

କୃଷିବିଷୟକ କାର୍ଯ୍ୟବିଭାଗର ଡାଇରେକ୍ଟର ମିଃ ଫିନ୍ଲେ ନେକ୍ ଦୁଇମାସର ଛୁଟି ଗ୍ରହଣ କରିବାରୁ ତାଙ୍କ ସ୍ଥାନରେ ବଙ୍ଗଳାଦପ୍ତରର ଅସ୍ଥିର ସେକ୍ରେଟେରୀ ମିଃ ଡବ୍ଲିଉ ମଡ୍ ନିଯୁକ୍ତ ହେଲେ ।

ପୁରୀର ମୁନସଫ ବାବୁ ମହେନ୍ଦ୍ରନାଥ ମୁଖର୍ଜି ୨ୟ ଗ୍ରେଡ଼ର ମୁନସଫରେ ବାହାଲ ହେଲେ ।

ବାବୁ କୈଲାସନାଥ ଘୋଷଙ୍କ ସ୍ଥାନରେ ବାବୁ କ୍ଷେତ୍ର-ନାଥ ଅଡ୍ୟ ଗ୍ରସ ଡିଷ୍ଟ୍ରିକ୍ଟବୋର୍ଡର ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ।

---

ବଙ୍ଗଭାଷାଗଭର ଷାଠିଏଖିଆ ଜପଲଷରେ ପ୍ରାପ୍ତ ୫୦ ହଜାର ଟଙ୍କାରୁ ଭେଟକ ଓ ପଇସା ଦିଆ ହୋଇଅଛି ।—ବୋଲି କହନ୍ତି ତାଙ୍କ ।

କଲିକତା ଖିଦିରପୁର ଡକରେ କର୍ମ କରୁ କରୁ ଛଅଜଣ କୁଲି ଅଚଳା ଖସିପଡ଼ିବାରୁ ମାଟିରେ ପୋତି ହୋଇପଡ଼ିଲେ ସେମାନଙ୍କ ମଧ୍ୟରୁ ଏକଜଣର ପଞ୍ଚତ୍ୱ ପ୍ରାପ୍ତ ହେଲା ।

ବେଙ୍ଗଲ ଲିମିଟିଂ ଏଣ୍ଡ ଟ୍ରେଡିଂ କୋମ୍ପାନୀ ଲିମିଟେଡ୍ ଅର୍ଥାତ୍ ବଙ୍ଗଳାରେ ମୃତ କଳର କାରଖାନାସ୍ଥାପନାର୍ଥେ ଯେଉଁ କମ୍ପାନୀ ହୋଇଥିଲା ତହିଁର ମୂଳଧନ ଦଶଲକ୍ଷଟଙ୍କାରୁ ବର୍ତ୍ତମାନ ପ୍ରାୟ ସାତଲକ୍ଷଟଙ୍କା ନିଶ୍ଚିତ ହୋଇ ଅଛି ଏବଂ ଆଉ ଅବଶିଷ୍ଟ ଲକ୍ଷଟଙ୍କାର ଅଂଶ ବିକ୍ରୟାର୍ଥେ ବାକି ଅଛି ।

ଇଂରାଜମାନଙ୍କ ମିଶରଦେଶରେ ରହିବାପ୍ରତି ତାଙ୍କ ସ୍ୱତ୍ୱର ସେଠାର ବର୍ତ୍ତମାନ ଖେଦିବ ତଉଫିକପାଶା ସୋକାଘୋଷ କରିଥିବା ହେତୁ ତାଙ୍କୁ ପଦଚ୍ୟୁତ କରିବା କାରଣ ଫରାସି ଗବର୍ଣ୍ଣମେଣ୍ଟ ତୁରସ୍କର ସୁଲତାନଙ୍କୁ ପରାମର୍ଶ ଦେଉଅଛନ୍ତି । ପରିଣାମ କ ହେବ ତା ବର୍ତ୍ତମାନ କୁହାଯାଇ ନ ପାରେ ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବନ୍ଦୋବସ୍ତକର୍ମେଶ୍ବରଙ୍କହଜୁରରୁ ଓ୍ୟାସିଲବାକି ଓ ଭିଆଣପ୍ରଭୃତି କାଗଜାତ ତଲବ ଥିବାରୁ ଉକ୍ତକାଗଜାତ ପ୍ରସ୍ତୁତ କରିବାନିମନ୍ତେ ମାସିକ ଟ ୧୦୲ ଙ୍କା ବେତନରେ ଏକଜଣ ହେଡ଼ମୋହରର ଓ ମାସିକ ଟ ୮୲ଙ୍କା ବେତନରେ ଜ ୫ ଣ ମୋହରର ନିଯୁକ୍ତ ହେବାର ଆବଶ୍ୟକ ଯେଉଁମାନେ କୌଣସି ଜମିଦାରୀସିରସ୍ତା କମ୍ପାଖର୍ଦ୍ଦା, ଅନୁଗୁଳ ଓ ବାଙ୍କୀପ୍ରଭୃତି ବନ୍ଦୋବସ୍ତଅଫିସରେ କାର୍ଯ୍ୟ କରି ଆପଣା ଯୋଗ୍ୟତାନୁସାରେ ( Certificate ) ( ପ୍ରଶଂସାପତ୍ର ) ଲାଭ କରିଥିବେ ସେମାନେ ଏକସପ୍ତାହମଧ୍ୟରେ ଆପଣା ଦରଖାସ୍ତ ପ୍ରଶଂସାପତ୍ରର ନକଲସହ ଅମୃର ମ୍ୟାନେଜରଙ୍କ ଅଫିସ ଏନଗରସ୍ଥ କାଳିବଜାର ଶ୍ରୀଯୁତ ବାବୁ ନଗେନ୍ଦ୍ରନାଥରାୟ ଚୌଧୁରୀ ନାବାଳଗ ଜମିଦାରମହାଶୟଙ୍କ କୋଠାରେ ଦାଖଲ କରିବେ ।

Nilratan Mukherjee
*In charge manager*
to the Estate of minor Zemindar
Babu N. N. Rai Chowdhury.

## NOTICE.

A tutor is required for the minor Raja of Pal Lahera, on salary Rs. 25 per month with free quarters at Pal Lahera. Applications with copies of testimonials will be received by the undersigned up to the 15th proximo. A knowledge of English and Uriya is essential.

Office of Superintendent Try. Mehals Cuttack the 29th July, 1891.

Sd. G. TOYNBEE,
*Superintendent.*

## ବିଜ୍ଞାପନ ।

ବଡ଼ମ୍ବା-ବାଳିକାବିଦ୍ୟାଳୟ ନିମିତ୍ତ ଜଣେ ସ୍ତ୍ରୀ ଶିକ୍ଷକର ପ୍ରୟୋଜନ ଅଛି ମାସିକ ବେତନ ଟ ୧୦୲ ଙ୍କା ଆବେଦନକାରୀମାନେ ଆପଣା ଯୋଗ୍ୟତାର ନିଦର୍ଶନ ସହିତ ଦରଖାସ୍ତ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଅଗଷ୍ଟମାସ ତା ୨୫ରିଖମଧ୍ୟରେ ପଠାଇବେ । ୩୧।୭।୯୧

ଶ୍ରୀ ମଦନମୋହନ ପଟ୍ଟନାୟକ
ମାନେଜର । କ । ବଡ଼ମ୍ବା

## କିଲ୍ଲା କୁଜଙ୍ଗ ।

କିଲ୍ଲା କୁଜଙ୍ଗ ନିମନ୍ତେ ଟ ୨୦୲ ଦରମାରେ ୪ ଜଣ ତହସିଲଦାର ଏବଂ ଟ ୨୦୲ ଦରମାରେ ଦୁଇଜଣ ହେଡ଼ ମୋହରର ଏବଂ ଟ ୧୦୲ ଦରମାରେ ୧୨ ଜଣ ମୋହରର ଦରକାର । ଯେଉଁମାନେ କନିକା, କୁଜଙ୍ଗ, ବାଙ୍କୀ ବା ଅନୁଗୁଳ ତହାରଖି ହେଡ଼ମୋହରର କାର୍ଯ୍ୟ କରି ଅଛନ୍ତି, ଏବଂ ଜମିଦାରୀ ସେରସ୍ତାର କାର୍ଯ୍ୟ ଜାଣନ୍ତି, ଟ ୨୦୲ ଙ୍କାର କାର୍ଯ୍ୟରେ ଏହିପରି ଲୋକ ନିଯୁକ୍ତ ହେବେ । ଯେଉଁମାନେ ଏହିସବୁ ବନ୍ଦୋବସ୍ତରେ ଷଡ଼୍‌ମାସ ଅମିନ ବା ତହାରଖି ମୋହରର କାର୍ଯ୍ୟ କରି ଅଛନ୍ତି, ସେମାନଙ୍କୁ ଟ ୧୦୲ ଙ୍କାର କାର୍ଯ୍ୟ ଦିଆଯିବ । ଯେଉଁମାନଙ୍କୁ ଯେତେଟଙ୍କାର ନଗଦ ଜାମିନ ଦେବାକୁ ହେବ, ତାହା ଉକ୍ତ କଷ୍ଟାର ସବ୍‌ମ୍ୟାନେଜର ମହୋଦୟଙ୍କ ନିକଟରେ ଦରଖାସ୍ତ କଲେ ଜାଣି ପାରିବେ ।

ବର୍ତ୍ତମାନ ରାଜବାଟୀ ତା ୩୧ ଇଷ ଜୁଲାଇ ସନ୍ ୧୮୯୧

ଶ୍ରୀ ଏସ୍, ଦତ୍ତ
ଅଶିଷ୍ଟାଣ୍ଟ ମାନେଜର
ବର୍ଦ୍ଧମାନ ରାଜ

## ଶବ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଶବ୍ଦମାଳାର ଅର୍ଥପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେଙ୍କ ପ୍ରେସର ଓ ବାମଣ୍ଡା ସ୍ତଭାନପ୍ରେସର ମେନେଜରମାନଙ୍କ ନିକଟରେ ଦୁଇପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇସଅଟିକଟରେ ଖ ୧୨ ଖ୍ର ବହି ଡାକରେ ଯାଇ ପାରେ ।

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକରା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏନ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ଼ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ତଦନ୍ତ ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କୁ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଉପକୃତ ହେବାକୁ

Digitized by srujanika@gmail.com

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୁଲନ୍ତ ବା ନା, ରୋଗୀ ପୁରୁଷ ବା ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ ୦।୵ ନଭୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଟ ।

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ଫାଷ୍ଟବୁକର ମାନେ ବହି ( ସରଳ ଓ ପରିଶୁଦ୍ଧ ) ଟ ୦୵
ଧ୍ରୁବ ଚରିତ ଟ ୦ ୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଭୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟିଟ୍ୟୁଶନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

### ପ୍ରୟୋଜନୀୟଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସର କେଶତତ୍ତ୍ୱ ଅନ୍ୱେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥୂଳତା, କେଶର ଅକାଳଶୁଭ୍ରତା, ଅକାଳପତନ, ଏବଂ ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୂ ଓ ଖାଦ୍ୟ ବଳନ୍ତ ହୋଇ ତେଜ ଓ ମସ୍ତିଷ୍କ ଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁକୀଟ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡବାର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଶୂଳସଂହାରଣୀ—ଏହା ଯଥାବିଧି ସେବନ କଲେ ବା ପ୍ରାଚୀନ ବା ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତି ଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ନିବାରିତ ହୁଏ ।

ଏହା ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସଂହାରକ ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, କମ୍ପନ ଓ ଏକ ଜ୍ୱର, ପ୍ଳୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ଯଦି ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ସମସ୍ତ ରକ୍ତ ଦୂଷିତ ହୋଇ ନାନା ପ୍ରକାର କଷ୍ଟକର ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତ୍ୟନ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁ, ଗାତ୍ର, ଖଣ୍ଡ, ଗଣ୍ଡମାଳା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମ ଋତୁରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ କଣ୍ଡୁ ଓ ଖାଦ୍ୟ ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

## ଘଣ୍ଟିମରାମତି ।

ନାନାପ୍ରକାର ଘଣ୍ଟି ବଡ଼ ସୁଲଭରେ ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧୨ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦି, ସ୍ଲିଭ ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କ ଜମାଦେବାର ଓଗେର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ ୧୫।୧୧।୮୯. } ଶ୍ରୀ ଗୌରଶଙ୍କର ରାୟ

## ମେହରୋଗ ।

ଗୁହ୍ୟସ୍ଥାନରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ଉତ୍ପତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ଗୋଟି ଏତେବାର ଉଠିବ ନିତେ ସାମାନ୍ୟ ଅର୍ଥବ୍ୟୟ ନିକାଶେ ଜୀବନର ମାୟା ପରିତ୍ୟାଗ କରିଛନ୍ତି ।

ଏହି ଔଷଧ ଯଥାସମୟରେ ଏକପ୍ରାକ ସେବା କଲେ ନୂତନ ରୋଗ ଏବଂ ତିନ ବର୍ଷ ସୁଦ୍ଧା ପୁରାତନରୋଗ ଅତ୍ୟନ୍ତ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିରୁପାୟ ହୋଇଅଛନ୍ତି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶାସ୍ତ୍ର ଉତ୍ପତ୍ତିରେ ପଡ଼ିଲେ ନ ହେଲେ ଆଉ ଔଷଧ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତିକାକାରରେ ପ୍ରକାଶ ହେବ କଲିକତା ଅହିରୀଟୋଲା ନଂ ୩ ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧୵ ଟଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ ।

ଏହି ଉତ୍କଳଦୀପିକା ଏହିକ କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୨୬ ଭାଗ } ତା ୨୨ ଉଣ ମାହେ ଅଙ୍କ ୨୭ ଶ ୧୮୯୧ ଈଂ ... ୩୮ ସଂଖ୍ୟା } [illegible]

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ ; ଡାକମାସୁଲ ଟ ୬୯


## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ୪୫ ଆଇନ କ୍ରମାଗତ ସନ ୧୮୯୦ ସାଲର ଅଗଷ୍ଟ ମାସ ତା ୧ ରିଖପର୍ଯ୍ୟନ୍ତ ଯେସମସ୍ତ ଆଇନଦ୍ୱାରା ସଂଶୋଧନ ହୋଇଅଛି ତାହାସବୁ ମିଶି ଏକତ୍ରେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଟ ୧ ଓ ଡାକଖର୍ଚ୍ଚ ଟ ୦।୶ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରିବେ ।

---

ମାନ୍ଦ୍ରାଜର ଚିଙ୍ଗଲପଟ୍ଟ ଓ ଆରକଟ୍ଟ ଜିଲ୍ଲାମାନଙ୍କର ଅଳ୍ପବୃଷ୍ଟି ଉଣା ନ ପଡ଼ି ଜଳକଷ୍ଟ ହେବାରୁ ଅଧିକ ବାଢ଼ୁଅଛି । ପୁଷ୍କରିଣୀ ଓ କୂପମାନ ଶୁଷ୍କ ପଡ଼ିଅଛି ଓ ମନୁଷ୍ୟସଙ୍ଗେ ପଶୁ ପକ୍ଷୀ ମଧ୍ୟ ଜଳକଷ୍ଟରେ ଆର୍ତ୍ତ ହେଉଅଛନ୍ତି । ଅଦ୍ୟାପି ବର୍ଷାକାଳର ବୃଷ୍ଟି ସେଠାରେ ଜଣାପଡ଼ି ନାହିଁ । ସାହାଯ୍ୟପ୍ରାର୍ଥୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଅଛି । ମାନ୍ଦ୍ରାଜର ଗବର୍ଣ୍ଣର ଏସବୁ ସ୍ଥାନର ଅବସ୍ଥା ସ୍ୱୟଂ ଦେଖିବାକାରଣ ବାହାରିଅଛନ୍ତି ।

---

ଏଠା ଦେବାନୀ ଅଦାଲତର ନକଲ ସିରସ୍ତାର ହୋର୍ଟଫିସ ଅପହରଣ ବିଷୟରେ ଯେଉଁ ଦୁଇଜଣ ଅମଲା ଫଉଜଦାରୀସୁପର୍ଦ୍ଦ ହୋଇ ଥିଲେ ତହିଁ ମଧ୍ୟରୁ ଏକଜଣ ଅମଲା ଚନ୍ଦ୍ରାମଣି ମହାପାତ୍ରର ମୋକଦ୍ଦମା ଗତ ସୋମବାର ନିଷ୍ପତ୍ତି ହେଲା । ଇଣ୍ଟରଭର୍ଣ୍ଣ ବାବୁ ବ୍ରଜମୋହନ ରାଏ ବାହାଦୂର ଡେପୁଟୀ ମାଜିଷ୍ଟ୍ରେଟ ଆସାମିପ୍ରତି ୬ ମାସ କାରାବାସ ଏବଂ ଟ ୨୦୦ ଟଙ୍କା ଓ ତାହା ନ ଦେଲେ ଆଉ ମା ୮ ସ କାରାବାସର ଆଦେଶ ଦେଇ ଅଛନ୍ତି । ଅନ୍ୟ ମୋକଦ୍ଦମାଟି ଆଗାମୀ ସପ୍ତାହରେ ନିଷ୍ପତ୍ତି ହେବାର ସମ୍ଭବ ।

---

ରଙ୍ଗପୁର ଶିଳ୍ପବିଦ୍ୟାଳୟର କ୍ରମଶଃ ଉନ୍ନତି ହେଉଅଛି ଏବଂ ସେଠାରେ ଶିକ୍ଷା କରି ଏଥିମଧ୍ୟରେ କେତେକେଜଣ ଏବଂ ଶିଳ୍ପକାର୍ଯ୍ୟର ବ୍ୟବସାୟଦ୍ୱାରା ପଇଶ ରୋଜଗାର କରିବାକୁ ଆରମ୍ଭ କରିଅଛନ୍ତି । ଏହି ବିଦ୍ୟାଳୟର ସୁଫଳ ଦେଖି ପାବନାଜିଲ୍ଲାଅନ୍ତର୍ଗତ ତୋଷର ଜମିଦାର ପାବନାନଗରରେ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପନନିମିତ୍ତ ଦଶହଜାରଟଙ୍କା ଦାନ କରିବାରୁ ମାନ୍ୟବର ଲେଫ୍ଟେନାଣ୍ଟ ବର୍ତ୍ତମାନ ଗସ୍ତରେ ଉକ୍ତ ବିଦ୍ୟାଳୟର ଭିତ୍ତି ଦେଇ ଆସିଅଛନ୍ତି । ଏପରି ବିଦ୍ୟାଳୟ ପ୍ରତ୍ୟେକ ଜିଲ୍ଲାରେ ହେବାର ଉଚିତ ଏବଂ ସ୍ଥାନୀୟ ବୋର୍ଡଙ୍କର ଏଥିରେ ବିଶେଷ ମନୋଯୋଗୀ ହେବାର କର୍ତ୍ତବ୍ୟ ଅଟଇ ।

---

କାଶୀର ଦଙ୍ଗାହଙ୍ଗାମା ମୋକଦ୍ଦମାରେ ଜଜ ସାହେବ ଗିରଜାପ୍ରସାଦ ପ୍ରଭୃତି ଜମିଦାରଙ୍କ ଉପରେ ୪୫ ହଜାର ଟଙ୍କା ଜରିମାନା ଏବଂ ତିନିବର୍ଷ ଲେଖାଏ କାରାବାସ ଦଣ୍ଡବିଧାନ କରି ଥିଲେ । ଆପିଲରେ ଏଲାହାବାଦର ହାଇକୋର୍ଟ କେବଳ ଗିରଜାପ୍ରସାଦର ମିୟାଦ ଏବଂ ଜରିମାନା ୩ ହଜାର ଟଙ୍କା ବାହାଲ ରଖି ଆଉ ସମସ୍ତ ଆସାମିଙ୍କର ଜରିମାନା ସମୁଦାୟ ଏବଂ ମିଆଦରୁ ଅଧେ ଅଧେ କାଟି ଦେଲେ । ଜଜସାହେବଙ୍କର ଜରିମାନା ଦଣ୍ଡ ବେଆଇନ ଥିବାର ହାଇକୋର୍ଟ କହିଅଛନ୍ତି । ବାସ୍ତବରେ ହାଇକୋର୍ଟର ସୁବିଚାର ଇଂରାଜଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ ଗୌରବର ସ୍ଥଳ ଅଟଇ ।

---

ସ୍ୱର୍ଗୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଏବଂ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ଉଦ୍ଦେଶରେ ଗତ ରବିବାର ଅପରାହ୍ନ ସ ୫ ଘ ସମୟରେ ଏଠା କଲେଜଗୃହରେ ଗୋଟିଏ ସଭା ହୋଇ ଥିଲା ଏବଂ ଆମ୍ଭମାନଙ୍କର ଜଜ ଶ୍ରୀଯୁକ୍ତ ଗୁପ୍ତ ସାହେବ ସଭାପତିପଦରେ ବୃତ ହୋଇ ଥିଲେ । ମାତ୍ର ବିଜ୍ଞାପନ ଯଥୋଚିତରୂପେ ପ୍ରଚାରିତ ହୋଇ ନ ଥିବା ଏବଂ ଉକ୍ତ ସମୟରେ ମୋହରମର ଶେଷ ଅର୍ଥାତ୍ ଅଲବିଦା ଯାତ୍ରା ବାହାର ଥିବାରୁ ସଭାରେ ୩୦।୪୦ ଜଣରୁ ଅଧିକ ଲୋକ ଉପସ୍ଥିତ ହୋଇ ନ ଥିଲେ । ଏଥିପାଇଁ ଏହିନ ସଭାରେ କୌଣସି କାର୍ଯ୍ୟ ...

Digitized by srujanika@gmail.com

ହୋଇ ଅନ୍ୟଦିନକୁ ସ୍ଥଗିତ ରହିଥିଲା । ଅଦ୍ୟ ସେହି ସଭା ସେହିସ୍ଥାନରେ ଓ ସମୟରେ ହେବ ।

---

ଆମ୍ଭେମାନେ ଓଡ଼ିଶାର ଇନ୍‌ସ୍‌ପେକ୍ଟରଙ୍କ ଠାରୁ ଆନନ୍ଦ ସହିତ ଅବଗତ ହୋଇଅଛୁଁ କି ବାଲେଶ୍ୱର ଅନ୍ତର୍ଗତ ଦେହୁଦ୍‌ଦାର ଜମିଦାର ଶ୍ରୀଯୁକ୍ତ ବାବୁ କୈଳାଶଚନ୍ଦ୍ର ରାୟ ମହାଶୟ ମହୋଦୟ ଓଡ଼ିଶାରେ ସ୍ତ୍ରୀ ଶିକ୍ଷାର ଉନ୍ନତି ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଟ ୧୧୦୦୯ଙ୍କା ଗଚ୍ଛିତ କରି ଅଛନ୍ତି । ତହିଁରୁ ଯେ ବାର୍ଷିକ ଆୟ ଟ ୪୦୯ଙ୍କା ହେବ ତାହା ପ୍ରତିବର୍ଷ ପୁରସ୍କାର-ସ୍ୱରୂପ ସମ୍ମତି ଉପାଧି ପରୀକ୍ଷୋତ୍ତୀର୍ଣ୍ଣ ବାଲେଶ୍ୱର-ଜିଲ୍ଲାର ଛାତ୍ରୀମାନଙ୍କ ମଧ୍ୟରେ ସର୍ବୋଚ୍ଚସ୍ଥାନ ପ୍ରାପ୍ତ ଛାତ୍ରୀଙ୍କୁ ପ୍ରଦତ୍ତ ହେବ । ଉକ୍ତ ପୁରସ୍କାର "ଦେହୁଦ୍‌ଦାର ଶ୍ରୀମତୀ ଭଗବତୀ ଦାସୀଙ୍କ" ପୁରସ୍କାର ନାମରେ ଅଭିହିତ ହେବ । ବାଲେଶ୍ୱର ଜିଲ୍ଲାରେ କେହି ଉକ୍ତ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରୀ ନ ଥିଲେ ଓଡ଼ିଶାରେ ସର୍ବୋଚ୍ଚସ୍ଥାନ ପ୍ରାପ୍ତ ଛାତ୍ରୀଙ୍କୁ ତାହା ଦିଆଯିବ ।

---

କଥା ଜୁଡ଼ଙ୍ଗରୁ ସମ୍ବାଦ ଆସି ଅଛି ଯେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଗତମାସ ତା ୭-ରିଖରେ ତାଳଦଣ୍ଡାଠାରୁ ଉତ୍ତର ମୁହାଣକୁ ଦିବା ଦୁଇପ୍ରହର ସମୟରେ ଯାଇ ସେଠା ସବ-ମାନେଜରଙ୍କ ଅଫିସ ଓ ସୁନାଲୋ ତକଲ କାନୁନଗୋଇ ସିରସ୍ତା ତଦାରଖ ଏବଂ ପୋଷ୍ଟା-ଫିସ ପାଉଣ୍ଡ ଇତ୍ୟାଦି ପରିଦର୍ଶନ କରି ସନ୍ଧ୍ୟା-ସମୟରେ ତାଳଦଣ୍ଡାକୁ ଫେରି ଗଲେ । ପରି-ଦର୍ଶନର ଫଳ ସନ୍ତୋଷଜନକ ଜଣାଯାଏ । ପ୍ରତ୍ୟାଗମନବେଳେ ଦେଢ଼ କରଣୀଙ୍କଠାରୁ ସ୍କୁଲ-ସମ୍ବନ୍ଧ ଅନେକ କଥା ବୁଝି ଥିଲେ । ଉକ୍ତରର ସ୍କୁଲଟି ପ୍ରାୟ ଗୃହଅଭାବ ହେଲା ବନ୍ଦ ଥିବାରୁ ଭାଙ୍ଗିଯିବାର ହୋଇଯାଇ ପାରେ । ଏଥି ପୂର୍ବରୁ କଲେକ୍ଟର ସାହେବଙ୍କ ରିପୋର୍ଟମତେ ଶ୍ରୀଯୁକ୍ତ କମିଶନର ସାହେବ ଡେପୁଟି ଇନସ୍ପେକ୍ଟରଙ୍କ ସହିତ ପରାମର୍ଶ କରି ଏଠାରେ ଗୋଟିଏ ଛାତ୍ର ପ୍ରାଇମେରୀ ସ୍କୁଲ ସ୍ଥାପନର ଅନୁମତି ପ୍ରକାଶ କରି ଅଛନ୍ତି ଭରସା ହୁଅଇ କଲେକ୍ଟର ସାହେବ ଏ ଶୁଭ କାର୍ଯ୍ୟରେ ଅଉ ବିଳମ୍ବ କରିବେ ନାହିଁ ।

---

ବାଲେଶ୍ୱର ସମ୍ବାଦବାହିକା ଲେଖି ଅଛନ୍ତି କି ଯେଉଁମାନେ ବକ୍ତୃତା କରନ୍ତି "ସେମାନଙ୍କର ଏଥିକି ମନରେ ରଖିବା ଉଚିତ ଯେ ବକ୍ତୃତା-ସ୍ଥଳରେ ଅନ୍ୟକୁ ଉପଦେଶ ଦେବା ବେଳେ ସେମାନେ ଯେଉଁ ସବୁ କଥା କହନ୍ତି ଅଗ୍ର ସେମାନଙ୍କର ସେଥିର ଆଦର୍ଶ ହେବା ଉଚିତ, ତାହା ନୋହିଲେ ସେମାନଙ୍କର ଉପଦେଶ କାର୍ଯ୍ୟକର ହେବ ନାହିଁ" କହିବାଠାରୁ କରିବା ଶ୍ରେଷ୍ଠ ଏଥିରେ ଦ୍ୱିରୁକ୍ତି ନାହିଁ ଏବଂ ଯେ ବ୍ୟକ୍ତି ଯାହା ଉପଦେଶ ଦିଏ ତାହାର ଆଚରଣ ଯେବେ ତଦନୁସାର ହୋଇ ଥାଏ ତେବେ ତାହାର କଥାରେ ବିଶେଷ ଆସ୍ଥା ହେବ ଏଥି-ରେ ମଧ୍ୟ ସନ୍ଦେହ ନାହିଁ ବରଂ ସେପରି ବ୍ୟକ୍ତିର ଉପଦେଶ ଦେବା ବାହୁଲ୍ୟ ତାହାର ଚରିତ୍ର ଜୀବନ୍ତ ଉପଦେଶ ଅଟଇ । ଏହି ହେତୁ ମହାତ୍ମାମାନଙ୍କ ଜୀବନଚରିତ ପାଠ କରିବାକୁ ଲୋକଙ୍କୁ ଉପଦେଶ ଦିଆ ଯାଏ । କିନ୍ତୁ ଏହା ବୋଲି ଯାହାର ଚରିତ୍ର ଭଲ ନୁହଇ ସେ ଭଲ କଥା କହିଲେ ତାହା ଅବେଁ କାର୍ଯ୍ୟକର ହେବ ନାହିଁ ଏମନ୍ତ କଳ୍ପନା କରିବା ଆମ୍ଭମାନଙ୍କୁ ଠିକ ଏ ଅତିରିକ୍ତ ଜଣା ଯାଉଅଛି । ଜଣେ ମାଇକାର କହି ଅଛନ୍ତି କି ଯେ ସତ୍ପୁରୁଷ ହେବ ସେ ସଦୁପଦେଶ କାନ୍ଥରେ ଲେଖା ଥିଲେ ସୁଦ୍ଧା ତାହା ଗ୍ରହଣ କରିବ । ବାସ୍ତବରେ କେହି ଦୁର୍ବଳଚିତ୍ତ-ବଶତଃ ସୁମତି ଅନୁସରଣକୁ ଅକ୍ଷମ ହେବାରୁ ତହିଁପାଇଁ ଯଥାର୍ଥ ଅନୁତାପ ପ୍ରକାଶ କଲେ ତାହାର ବାକ୍ୟ ଅନ୍ୟ ଉପଦେଶଠାରୁ ଅଧିକ କାର୍ଯ୍ୟକର ହୁଅଇ । ଦୋଷଶୂନ୍ୟ ମନୁଷ୍ୟର ସଂସାରରେ ନାହିଁ ତେବେ କାହାରି ଉପଦେଶ ଶୁଣିବ ନାହିଁ ଅଥବା ଯେ ଯେଉଁ ଉପଦେଶକୁ କାର୍ଯ୍ୟରେ ଅନୁସୃତ କରିଅଛି ତାହାଠାରୁ କେବଳ ସେହି ଉପଦେଶ ଶୁଣିବ ଏପରି ହେଲେ ସାଧାରଣ ଲୋକ ଜ୍ଞାନ ଲାଭର ବ୍ୟାଘାତ ହେବ ଏବଂ ଚାଣକ୍ୟଙ୍କର "ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ" ଉପଦେଶଟି ବ୍ୟର୍ଥ ହୋଇଯିବ । ଅତଏବ ଆମ୍ଭମାନେ ବିବେଚନା କରୁଁ କି ବକ୍ତାର ଚରିତ୍ର ପ୍ରତି ଦୃଷ୍ଟି ନ କରି ବକ୍ତୃତାର ସାରଗ୍ରହଣ କରିବାକୁ ଚେଷ୍ଟା କରିବା ଉଚିତ । ଏବଂ ଏମନ୍ତ ବକ୍ତୃତା ସୁଦ୍ଧା ଅସମ୍ଭବ ନୁହଇ ଯେ ବକ୍ତା ଯାହା ସାଧନ କରିବାକୁ ଅକ୍ଷମ ହୋଇ ଅଛନ୍ତି ଶ୍ରୋତାଙ୍କ ମଧ୍ୟରୁ କେହି ତାହା ସାଧି ପାରେ ।

---

### ବଙ୍ଗବାସୀର ବିପଦ ।

ବଙ୍ଗବାସୀସମ୍ବାଦପତ୍ରଘଟିତ ମୋକଦ୍ଦମାର ତଦନ୍ତ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଗତ ପୂର୍ବ ସୋମବାର ଶେଷ କରି ଆସାମିମାନଙ୍କୁ ଦୌରା-ସୁପର୍ଦ୍ଦ କଲେ ଏବଂ ସେହିଦିନ ହାଇକୋର୍ଟରେ ଜାମିନର ପ୍ରାର୍ଥନା ହେବାରୁ ମାନ୍ୟବର ପ୍ରଧାନ ବିଚାରପତି ଉଭୟପକ୍ଷର କଥା ଶୁଣି ଆସାମି-ମାନଙ୍କୁ ପ୍ରତ୍ୟେକଠାରୁ ଦଶହଜାର ଟଙ୍କାର ମୁଚୁଲିକା ଓ ସେହି ପରିମାଣର ଦୁଇଜଣ ଲେଖାଏଁ ହାଜରଯାମିନ ନେଇ ଖଲାସ ଦେବାର ଆଦେଶ ଦେଲେ । ତଦନୁସାରେ ଆସାମିମାନେ ଯାମିନରେ ଖଲାସ ପାଇ ଅଛନ୍ତି । ଏ ମୋକଦ୍ଦମାର ବିଚାର ହାଇକୋର୍ଟରେ ଗତ ବୁଧବାର ଆରମ୍ଭ ହୋଇଥିବ । ବିଚାରର ଫଳ ଯାହା ହେଉ ପଛକେ ଗବର୍ଣ୍ଣରଙ୍କର ଏପରି ନାଲିସ କରିବାର ବିଚାରକୁ ପ୍ରାୟ ସମସ୍ତ ସମ୍ବାଦପତ୍ର ଏକମତରେ ନିନ୍ଦା କରୁଅଛନ୍ତି । ମିରର ନାମକ ସମ୍ବାଦପତ୍ରରେ ଏ ବିଷୟରେ ଗୋଟିଏ ଦୀର୍ଘ ପ୍ରବନ୍ଧ ପ୍ରକାଶିତ ହୋଇ ଥିବାରୁ ତଦ୍ୱାରା ହାଇକୋର୍ଟର ବିଚାରପତିମାନଙ୍କର ସୁବିଚାରର ବ୍ୟାଘାତ ହୋଇପାରେ ଏହି ହେତୁ ଦର୍ଶାଇ ସରକାର ଓକିଲ ହାଇକୋର୍ଟ ପ୍ରତି ଅସମ୍ମାନ ଦର୍ଶାଇବାର ଅଭିଯୋଗ ଉକ୍ତ ସମ୍ବାଦପତ୍ରର ସମ୍ପାଦକ ବାବୁ ନରେନ୍ଦ୍ରନାଥ ସେନଙ୍କ ନାମରେ କରିଥିଲେ । ନରେନ୍ଦ୍ରବାବୁଙ୍କ ଓକିଲ ସେଠାରେ ଉପସ୍ଥିତ ଥାଇ ଉକ୍ତ ପ୍ରବନ୍ଧରେ ସେପରି ଅପ-ରାଧର କୌଣସି ସୂଚନା ନ ଥିବାରୁ ଆପତ୍ତି କରିବାରୁ ଶେଷରେ ମାନ୍ୟବର ବିଚାରପତି ଏହିପରି ନିଷ୍ପତ୍ତି କଲେ କି ମୋକଦ୍ଦମାର ଶେଷ-ନିଷ୍ପତ୍ତି ପର୍ଯ୍ୟନ୍ତ ମିରରସମ୍ପାଦକ ଏ ବିଷୟରେ ଆଉ କିଛି ନ ଲେଖିବାର ଅଙ୍ଗୀକାରପତ୍ର ଲେଖି ଦେବେ ଏବଂ ତଦନୁସାରେ କାର୍ଯ୍ୟ ହେଲା । ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଏ ମୋକ-ଦ୍ଦମାରେ ଗବର୍ଣ୍ଣମେଣ୍ଟଙ୍କର ବଡ଼ ଅଧିକ ଜିଦ ଲାଗିଅଛି ।

ସହଯୋଗୀ ବଙ୍ଗବାସୀଙ୍କର ଏ ମୋକଦ୍ଦମା-ରେ ବାରିଷ୍ଟର ଓକିଲ ପ୍ରଭୃତିଙ୍କର ଫିସ ଓ ଆନୁଷଙ୍ଗିକ ଅନେକ ବ୍ୟୟ ପଡ଼ିବ ଏବଂ ସେଥି-ପାଇଁ ସେ ଆପଣାର ଗ୍ରାହକ ବର୍ଗ ଓ ଶୁଭା-କାଙ୍କ୍ଷିଙ୍କଠାରୁ ଅର୍ଥ ସାହାଯ୍ୟ ପ୍ରାର୍ଥନା କରିଅ-ଛନ୍ତି ଓ ଏଥିମଧ୍ୟରେ କେତେଲୋକ ସ୍ୱତଃ ପ୍ରବୃତ୍ତ ହୋଇ ଚାନ୍ଦା ପଠାଇଅଛନ୍ତି । ବଙ୍ଗ-ବାସୀର ଏପରି ବିପଦସମୟରେ ଅନେକଲୋକ ସାହାଯ୍ୟ କରିବେ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଯେଉଁ ପତ୍ରିକାର ଗ୍ରାହକସଂଖ୍ୟା ପ୍ରାୟ କୋ-ଡିଏହଜାର ତାହାର ଗୋଟିଏ ବିପଦକୁ

Split by PDF Splitter
Digitized by srujanika@gmail.com

ଆପଣାକୁ ରକ୍ଷାକରିବାର ଅର୍ଥବଳ ନ ଥିବାର ଦେଖି ଆମ୍ଭେମାନେ ବଡ଼ ଆଶ୍ଚର୍ଯ୍ୟ ହୋଇଅଛୁଁ ।

---

## ମୋହରମ ।

ଏନଗରରେ ଏପର୍ବର ପ୍ରଥମଦିନ ବୃଷ୍ଟିହେତୁ ଭାଙ୍ଗି ଅସୁଖରେ ଏବଂ ୨ୟ ଦିନ ଏକପ୍ରକାର ସୁବିଧାରେ ନିର୍ବାହ ହେବାର ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ଶେଷ ତିନଦିନ ମେଘ କ୍ଷମା କରିବାରୁ ଉତ୍ତମରେ କଟିଗଲା । କେବଳ ଶନିବାର ରାତି ଦୁଇପ୍ରହର ଉତ୍ତାରୁ ସାମାନ୍ୟ ମେଘ ହେବାରୁ କଟକସହରର ତାଜିଆମାନ ବିଳମ୍ବରେ ବାହାରି ଥିଲା । ମାତ୍ର ଗତ କେତେକବର୍ଷ ହେଲା ପ୍ରତିବର୍ଷ ଶେଷରାତ୍ରରେ ତାଜିଆ ବାହାରୁଥିବାରୁ ଉକ୍ତ ବିଳମ୍ବ ଧର୍ତ୍ତବ୍ୟ ନୁହଇ । ରବିବାର ସୂର୍ଯ୍ୟୋଦୟର ଏକଘଣ୍ଟା ପୂର୍ବରୁ ତାଜିଆ ଓ ଆଖଡ଼ାମାନ ବାହାରି ବେଳ ଘ ୧୦ ଟା ସମୟରେ କଦମରସୁଲଠାରେ ନିର୍ବିଘ୍ନରେ ଉପସ୍ଥିତ ହେଲେ ଏବଂ ଯାତ୍ରି ନିତାନ୍ତ ଅଧିକ ହୋଇ ନ ଥିଲେ କି ଊଣା ନ ଥିଲେ । କିନ୍ତୁ ଏଦିନ ସାୟଂକାଳରେ ତାଜିଆସବୁ ପାଣିକି ଯିବାବେଳେ ଅତି ଉତ୍ତମ ସମାରୋହ ହୋଇଥିଲା । ପଲଟନ ଓ ପୁଲିସ ସତର୍କତାସହିତ କାର୍ଯ୍ୟ କରିବାରୁ ଭିଡ଼ହେତୁ କୌଣସି ଅନିଷ୍ଟ ହୋଇ ନାହିଁ । ଯାତ୍ରାର ଦ୍ରବ୍ୟାଦି ବିକ୍ରୟର ଅନେକ ଦୋକାନ ବସିଥିଲା । ଏବଂ ରାତ୍ରି ଘ ୧୦ଟା ସୁଦ୍ଧା ଅଧିକାଂଶ ଦୋକାନ ଖୋଲିହେବାଦ୍ୱାରା ଯାତ୍ରି ଓ ଦୋକାନମାନଙ୍କର ପ୍ରଫୁଲ୍ଲତାର ପରିଚୟ ଦେଉଥିଲା । ସନ୍ଧ୍ୟା ସାତଘଣ୍ଟା ସମୟରେ ତାଜିଆମାନ ଗୋଷ୍ଠାନାଠାରେ ଏକତ୍ରିତ ହୋଇ ଅନବରତ ଆଖଡ଼ାଖେଳସହିତ ଧୀରେ୨ ନଦୀକୂଳକୁ ଅଗ୍ରସର ହୋଇ ପ୍ରାୟ ଘ ୧୧ ଟା ସମୟରେ ସେଠାରେ ପହଞ୍ଚିବାରୁ ଯାତ୍ରା ଶେଷ ହେଲା । ସେପର୍ଯ୍ୟନ୍ତ ଅଧିକାଂଶଯାତ୍ରୀ ରହିଥିଲେ । ସଂକ୍ଷେପରେ ଏବର୍ଷର ମୋହରମପର୍ବ ଏନଗରରେ ବଡ଼ ସୁଖ ଓ ଧମକରେ ନିର୍ବାହ ହୋଇଅଛି । ଯାତ୍ରା ଯେମନ୍ତ ସୁଖକର ତାଜିଆମାନ ମଧ୍ୟ ସେମନ୍ତ ପ୍ରୀତିକର ହୋଇଥିଲା ଅନ୍ୟାନ୍ୟ ବର୍ଷପରି ଏକାପ୍ରକାରର ନ ହୋଇ କେତୋଟି ତାଜିଆ ଏବର୍ଷ ନୂତନ କାରୁକୌଶଳରେ ନିର୍ମିତ ଏବଂ ବିବିଧବର୍ଣ୍ଣରେ ଭୂଷିତ ହୋଇଥିଲା ଓ ତାହା ସବୁ ଏଠା କାରିଗରଙ୍କର ଶିଳ୍ପଉନ୍ନତିର ସାକ୍ଷ୍ୟ ପ୍ରଦାନ କରୁଥିଲା । ପ୍ରାୟ ସବୁ ତାଜିଆରେ ନ୍ୟୁନାଧିକ ନୂତନତ୍ୱର ଚିହ୍ନ ପ୍ରତ୍ୟକ୍ଷ ହୋଇଥିଲା ଏବଂ ସବୁ ସୁରୁଚିପୂର୍ଣ୍ଣ ସୁସଜ୍ଜିତ ହୋଇଥିବାରୁ ବଡ଼ ସାନ ଚିହ୍ନିବାର ଅଧିକ ଅବକାଶ ନ ଥିଲା । ତଥାପି ବାଙ୍କାବଜାର, ନିମଚୌଡ଼ି, କମ୍ପୁବଜାର, ସୁତାହାଟ ଓ ବକ୍ସିବଜାର ଏବଂ ଓଡ଼ିଆବଜାର ତାଜିଆମାନ ଯଥାକ୍ରମେ ଯଥେଷ୍ଟ ପ୍ରଶଂସାଲାଭ କରିବାକୁ ସମର୍ଥ ହୋଇଥିଲେ । ପ୍ରଥମଲିଖିତ ସ୍ଥାନର ଅବରଣକାର୍ଯ୍ୟ ସମ୍ପୂର୍ଣ୍ଣ ନୂତନ ନ ଥିଲା । ସର୍ବସୁଦ୍ଧା ଗୋ ୧୬ ଟି ତାଜିଆ ହୋଇଥିଲା । ପଲଟନର ସିପାହିମାନେ ଏଥର ତଣ୍ଡ କରି ନାହାନ୍ତି କିନ୍ତୁ ପେନସନୀ ସିପାହିମାନେ ଗୋଟିଏ ସୁନ୍ଦର ତାଜିଆ ନିର୍ମାଣ କରିବାଦ୍ୱାରା ସେ ଅଭାବ ଦୂର କରି ଦେଇଥିଲେ ।

---

## ମଣିପୁର-ସମାଚାର ।

ମଣିପୁରର ଭୀଷଣକାଣ୍ଡର ଶେଷ ଫଳ ପ୍ରତ୍ୟକ୍ଷ ହେଲା । ରାଜା କୁଲଚନ୍ଦ୍ର ଏବଂ ଯୁବରାଜ ଟିକେନ୍ଦ୍ରଜିତଙ୍କପକ୍ଷରୁ ବାରିଷ୍ଟର ମନମୋହନ ଘୋଷ ଯେଉଁ ଆବେଦନପତ୍ର ପଠାଇଥିଲେ ତାହା ଅତ୍ୟନ୍ତ ଯୁକ୍ତିଯୁକ୍ତ ହୋଇଥିଲେ ହେଁ କାର୍ଯ୍ୟକର ହେଲା ନାହିଁ । ମହାମାନ୍ୟ ଗବର୍ଣ୍ଣର ଜେନରଲ ସମସ୍ତ ବିଷୟ ବିବେଚନା କରି ଶେଷନିଷ୍ପତ୍ତି ଏହିପରି କଲେ ଯେ ରାଜା କୁଲଚନ୍ଦ୍ର ଓ ବର୍ତ୍ତମାନର ସେନାପତି ଅନଙ୍ଗସେନ ଯାବଜ୍ଜୀବନ କାରାଦଣ୍ଡ ଭୋଗକରିବେ ଏବଂ ସେମାନଙ୍କର ସମସ୍ତ ସମ୍ପତ୍ତି ସରକାର କାଢ଼ିନେବେ । ପୂର୍ବ ସେନାପତି ଓ ବର୍ତ୍ତମାନ ଯୁବରାଜ ଟିକେନ୍ଦ୍ରଜିତ ଓ ମନ୍ତ୍ରି ଥୋଙ୍ଗାଲ ଜେନରଲ ପାଶି ପାଇବେ ଏବଂ ସ[illegible]ଦରବାରର ଅପର ସମସ୍ତ କର୍ମଚାରୀ କି ଯାହାଙ୍କୁ ମଣିପୁରର ରେସିଡେଣ୍ଟ ସାହେବ ବିଗ୍ରହରେ ନରହତ୍ୟାର ଦୋଷୀ କରି ପ୍ରାଣଦଣ୍ଡବିଧାନ କରିଥିଲେ ସେମାନେ ଗବର୍ଣ୍ଣମେଣ୍ଟଙ୍କର ଯେତେଦିନ ଇଚ୍ଛା ହେବ ସେତେ ଦିନ ଦ୍ୱୀପାନ୍ତର ଦଣ୍ଡଭୋଗ କରିବେ । ଏହି ନିଷ୍ପତ୍ତି ଏକ ଘୋଷଣାପତ୍ରଦ୍ୱାରା ଗତ ମାସ ତା ୧୩ ରିଖ ଗୁରୁବାରଦିନ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଇ ସେହିଦିନ ଅପରାହ୍ନକାଳରେ ଟିକେନ୍ଦ୍ରଜିତ ସିଂହ ଏବଂ ଥୋଙ୍ଗାଲ ଜେନେରଲଙ୍କୁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଯୋଡ଼ାଏ ପାଶିକାଠରେ ଏକ ସମୟରେ ଟଙ୍ଗାଇ ଦିଆଗଲା । ଟିକେନ୍ଦ୍ରଜିତ ଧୀରଭାବରେ ପାଶିକାଠରେ ଚଢ଼ିଲେ ମାତ୍ର ଥୋଙ୍ଗାଲ ବୃଦ୍ଧ ଓ ଦୁର୍ବଳ ହେତୁ ଚାଲିବାକୁ ଅସମର୍ଥ ଥିବାରୁ ତାହାଙ୍କୁ ଟେକିନେଇ ଚୌକିରେ ବସାଇ ପାଶି ଲଗାଇଦେଲେ । ପାଖଶତ ଗୁର୍ଖାସୈନ୍ୟ ପାଶିପଡ଼ିଆକୁ ଘେରି ରହିଥିଲେ । ଦର୍ଶକଙ୍କ ସଂଖ୍ୟା ଯେ ଅନେକ ଥିଲା କିନ୍ତୁ ସମସ୍ତେ ନିରସ୍ତ୍ର ଥିଲେ କେବଳ ଦଣ୍ଡିତବ୍ୟକ୍ତିଙ୍କର ପରିବାରସ୍ଥ କେତେକ ସ୍ତ୍ରୀଲୋକ ସେଥିମଧ୍ୟରେ ଉପସ୍ଥିତ ଥାଇଁ ଉଚ୍ଚସ୍ୱରେ କନ୍ଦାକଟା କରୁଥିଲେ । ପାଶିହେବାର ଏକଘଣ୍ଟା ଉତ୍ତାରୁ ମୃତବ୍ୟକ୍ତିଙ୍କର ଭାଇବନ୍ଧୁମାନେ ଶବମାନ ଘେନିଯାଇ ଯଥାବିଧିରେ ସତ୍କାର କଲେ । ଏବଂ ଭିଡ଼ ଭାଙ୍ଗିଗଲା । ରାଜାକୁଲଚନ୍ଦ୍ର ଓ ତାହାଙ୍କ ଭାଇ ଆଣ୍ଡାମାନଦ୍ୱୀପକୁ ପ୍ରେରିତ ହେବାର ସ୍ଥିର ହୋଇଅଛି । ମହାମାନ୍ୟ ଗବର୍ଣ୍ଣର ଜେନରଲ ଯେଉଁ ଆଦେଶ ପ୍ରଦାନ କଲେ ତାହା ପୂର୍ବରୁ ତାରଯୋଗେ ବିଲାତର ସେକ୍ରେଟେରୀଙ୍କଠାରୁ ମଞ୍ଜୁର କରାଇ ଆଣିଥିଲେ ସୁତରାଂ ପ୍ରାଣଭିକ୍ଷା ପାଇବାର ଆଶା କାହାରି ନ ଥିଲା ଏବଂ ଏଥିପାଇଁ ଶୀଘ୍ର ଆଦେଶ ପ୍ରତିପାଳିତ ହେଲା ।

ମଣିପୁରର ଭବିଷ୍ୟତ ଶାସନପ୍ରସଙ୍ଗ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସ୍ଥିର କରି ବିଲାତର ସେକ୍ରେଟେରୀଙ୍କ ନିକଟକୁ ପଠାଇଅଛନ୍ତି । ଶୁଣାଯାଏ ଯେ ଗବର୍ଣ୍ଣମେଣ୍ଟ ତାହାକୁ ବ୍ରିଟିଷରାଜ୍ୟଭୁକ୍ତ ନ କରି ରାଜପରିବାରସ୍ଥ କୌଣସି ପିଲାଙ୍କୁ ତାହା ଅର୍ପଣ କରିବାର ସ୍ଥିର କରିଅଛନ୍ତି । କିନ୍ତୁ ରାଜାଙ୍କ ନାବାଳଗି ସମୟରେ ସରକାରୀ କର୍ମଚାରୀଙ୍କଦ୍ୱାରା ସେଠାର ଶାସନକାର୍ଯ୍ୟ ନିର୍ବାହ ହେବ ଏବଂ ତଦ୍ୱାରା ରାଜ୍ୟ ଯେମନ୍ତ ଦୃଢ଼ ହେବ ତେମନ୍ତ ସେଠାଲୋକମାନେ ଗବର୍ଣ୍ଣମେଣ୍ଟଙ୍କ ଦୟା ଓ ସୁବିଚାରରେ ସନ୍ତୁଷ୍ଟ ହେବେ ।

---

## ସଂଶୋଧନୀ-ବିଦ୍ୟାଳୟ ।

ବଙ୍ଗପ୍ରଦେଶରେ ଅଳ୍ପବୟସ୍କ ଅପରାଧୀଙ୍କ ଚରିତ୍ର ସଂଶୋଧନ ଓ ଶିକ୍ଷାନିମିତ୍ତ ଯୋଡ଼ାଏ ବିଦ୍ୟାଳୟ ଅଛି ଅର୍ଥାତ୍ ଗୋଟିଏ ଅଲିପୁରରେ ଏବଂ ଅପରଟି ହଜାରିବାଗରେ । ଏ ସବୁ ବିଦ୍ୟାଳୟ ବା ଜେଲଖାନାର କାର୍ଯ୍ୟ ସନ ୧୮୯୦ ସାଲରେ ଯେରୂପେ ନିର୍ବାହ ହୋଇଥିଲା ତହିଁର ସଂକ୍ଷେପ ବିବରଣ ସରକାରୀରିପୋର୍ଟରୁ ନିମ୍ନଲିଖିତରୂପେ ସଙ୍କଳିତ ହେଲା ।

ଅଲିପୁରବିଦ୍ୟାଳୟ—ଏଠାରେ ବର୍ଷାରମ୍-

Split by PDF Splitter
Digitized by srujanika@gmail.com

Split by PDF Splitter



ରେ ଜଂ୦୮ଣ ଓ ବର୍ଷଶେଷରେ ଜଂ୧୩୫ଣ ପିଲ୍ଲ କଏଦ ଥିଲେ ଅର୍ଥାତ ବର୍ଷମଧ୍ୟରେ ଜ ୫୨ ଣ ବରତ ଓ ଜ ୨୪ ଣ ଖଲାସ ହୋଇଥିଲେ । ସ୍କୁଲରେ ଏମାନଙ୍କର ଚରିତ୍ର ପୂର୍ବାପେକ୍ଷା ଭଲ ଥିଲା ଯେହେତୁ ନିୟମଭଙ୍ଗର ଦଣ୍ଡ ଅଳ୍ପ ହୋଇଥିଲା କିନ୍ତୁ ସ୍ୱାସ୍ଥ୍ୟ କିଛି ମନ୍ଦ ଥିଲା । ଶିକ୍ଷା କରିବାକୁ ଅଧିକ ଆଗ୍ରହ ଦେଖାଇଥିଲେ ଏବଂ କଷ୍ଟରୁ ଅଧିକ ଅର୍ଜନ ମଧ୍ୟ କରିଥିଲେ । ଏଠା କାରଖାନାର ଲାଭ ଗତବର୍ଷ ଟ ୭୩୧୪୧୲ ଏବର୍ଷ ଟ୪୯୦୬୧ କା ହୋଇଥିଲା । ବଢ଼େଇ ଟିଣ ଓ ବେତର କାର୍ଯ୍ୟରେ ଲାଭ ଅଧିକ ଏବଂ ପୁସ୍ତକବନ୍ଧାଇ ଓ ଛାପା କାର୍ଯ୍ୟରେ ଊଣା ହୋଇଥିଲା । ଏହି ଜେଲଖାନାରୁ ଖଲାସ ହୋଇଥିବା ଜ୮୦ଣଙ୍କ ମଧ୍ୟରୁ ଜ ୧୦ ଣ ପୁନର୍ବାର ଅପରାଧ କରି ଫେର ଆସିଅଛନ୍ତି ଏକଜଣର ଚରିତ୍ର ଭଲ ନୁହଇ । ଅବଶିଷ୍ଟ ଜ୬୯ଣଙ୍କର ଚରିତ୍ର ଭଲ ଏବଂ ଏହିମାନଙ୍କ ମଧ୍ୟରୁ କେବଳ ଜ ୪୨ ଣ ସ୍କୁଲରେ ଶିଖିଥିବା ବ୍ୟବସାୟଦ୍ୱାରା ନିର୍ବାହ ହେଉଅଛନ୍ତି ।

ହଜାରିବାଗ ବିଦ୍ୟାଳୟ—ଏଠାରେ ବର୍ଷ ଆରମ୍ଭରେ ଜ ୨୬୨ ଓ ବର୍ଷ ଶେଷରେ ଜ ୨୧୧ ଣ କଏଦ ଥିଲେ । ଏମାନଙ୍କର ସ୍ୱାସ୍ଥ୍ୟ ପୂର୍ବବର୍ଷଠାରୁ ଭଲ ଥିଲା କିନ୍ତୁ ନିୟମଲଙ୍ଘନର ଦଣ୍ଡ କିଛି ବୃଦ୍ଧି ହୋଇଥିଲା । ଏଠାରେ ଅଳ୍ପବୟସ୍କ ପରି ପିଲାମାନେ ଦିବା ଭାଗରେ ଘ ୬ ଣ୍ଟା କାର୍ଯ୍ୟ କରନ୍ତି ଏବଂ ଏକଘଣ୍ଟା ପଢ଼ିବାକୁ ବାଧ । ରାତ୍ରରେ ସନ୍ଧ୍ୟାଠାରୁ ଘ ୮ ଣ୍ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ଯାହାର ଇଚ୍ଛା ହୁଏଇ ସେ ପଢ଼େ । କଥିତ ବର୍ଷରେ ସମସ୍ତ ଛାତ୍ର ଇଚ୍ଛାପୂର୍ବକ ପଢ଼ିଥିଲେ । ଏଠାରେ କାରଖାନାର ଆୟ ଟ ୨୭୪୬୧ କା ହୋଇଥିଲା । ଏହା ପୂର୍ବ ଦୁଇବର୍ଷଠାରୁ ଊଣା ଅଟଇ । ଏଥିର କାରଣ ଏହି କି କାରଖାନାରେ ଯେ ସମସ୍ତ ଦ୍ରବ୍ୟ ପ୍ରସ୍ତୁତ ହୁଅଇ ତହିଁର ଖରିଦଦାର ସେଠାରେ ନାହାନ୍ତି । ଯୋତା ପ୍ରସ୍ତୁତ କରିବା କାର୍ଯ୍ୟ ଚଳିଲା ନାହିଁ । ଲୁଗାବୁଣା କାର୍ଯ୍ୟ କିଛି ଲାଭକର ହୋଇଥିଲା । ଏ ବିଦ୍ୟାଳୟରୁ ଖଲାସ ହୋଇଥିବା ଜଂ୧୪ଣ ଛାତ୍ରଙ୍କ ସମ୍ବନ୍ଧରେ ଏବର୍ଷ ଅନୁସନ୍ଧାନଦ୍ୱାରା ଜଣାଯାଇଅଛି ଯେ ଜ ୫୨ ଣ ଛାତ୍ରଙ୍କର ଆଚରଣ ଭଲ ଜଂ୩ଣଙ୍କର ସନ୍ଧାନ ଅପ୍ରାପ୍ତ, ଜ୫ଣ ପୁନର୍ବାର କଏଦ ହୋଇଅଛନ୍ତି ଏବଂ ଜ୬ଣଙ୍କ ପ୍ରତି ପୁଲିସର ସନ୍ଦେହ ଅଛି ।

କେବଳ ଜ ୭ ଣ ସ୍କୁଲରେ ଶିକ୍ଷା କରିଥିବା ବ୍ୟବସାୟଦ୍ୱାରା ନିର୍ବାହ ହେଉଅଛନ୍ତି ।

ଉପରଲିଖିତ ବିବରଣରୁ ପ୍ରକାଶ ଯେ ଏ ବିଦ୍ୟାଳୟ ଦ୍ୱାରା ଅନେକ ଉପକାର ସାଧିତ ହେଉଅଛି । ମାତ୍ର ସ୍କୁଲରେ ଶିଖିବା ବ୍ୟବସାୟଦ୍ୱାରା ଅତି ଅଳ୍ପ ଲୋକ ଜୀବିକା ନିର୍ବାହ କରୁଥିବାରୁ ଆଶଙ୍କା ହେଉଅଛି କି କର୍ତ୍ତୃପକ୍ଷମାନେ ସ୍କୁଲରେ ଯେ ବ୍ୟବସାୟର ଶିକ୍ଷା ଦେଲେ ଭବିଷ୍ୟତରେ ପିଲାମାନଙ୍କର ଉପକାର ହେବ ତହିଁପ୍ରତି ଦୃଷ୍ଟି ନ ରଖି ଯଦ୍ଦ୍ୱାରା ବିଦ୍ୟାଳୟର ଆୟ ଆଶୁ ବୃଦ୍ଧି ହେବ ତହିଁପ୍ରତି ଅଧିକ ମନୋଯୋଗୀ ଅଟନ୍ତି । ଏ ସମ୍ବନ୍ଧରେ କାରଖାନାର କାର୍ଯ୍ୟାବଳୀ ପରିବର୍ତ୍ତନ କରିବାର ଆବଶ୍ୟକ ହେଉଅଛି । ଆମ୍ଭେମାନେ ଅନୁମାନ କରୁଁ କି ପିଲାମାନଙ୍କର ଜାତି ଅବସ୍ଥା ବାସସ୍ଥାନ ଇତ୍ୟାଦି ବିବେଚନାରେ ସେମାନେ ଯେଉଁ କାର୍ଯ୍ୟ କରି ନିର୍ବାହ ହେବାର ସମ୍ଭବ ତହିଁର ଶିକ୍ଷା ସେମାନଙ୍କୁ ଦେଲେ ଅଧିକ ଉପକାର ହେବ ।

---

## ବଙ୍ଗଳାର ସ୍ୱାସ୍ଥ୍ୟ ।

ବଙ୍ଗୀୟ ସ୍ୱାସ୍ଥ୍ୟକମିଶ୍ନରଙ୍କର ସନ ୧୮୯୦-ସାଲର ବାର୍ଷିକ ବିବରଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନେଣ୍ଟଙ୍କ ମନ୍ତବ୍ୟ ବାହାରିଅଛି । ସ୍ୱାସ୍ଥ୍ୟର ଅବସ୍ଥା ଜାଣିବାନିମନ୍ତେ ଜନ୍ମ ଓ ମୃତ୍ୟୁସଙ୍ଖ୍ୟା ନିଶ୍ଚିତରୂପେ ସ୍ଥିରକରିବା ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ୧୪୬ ମିଉନିସିପାଲିଟୀରେ ଜନ୍ମରେଜିଷ୍ଟ୍ରୀ ହେଉଅଛି । ଏସବୁ ମିଉନିସିପାଲିଟୀର ଲୋକସଙ୍ଖ୍ୟା ପ୍ରାୟ ୨୧ ଲକ୍ଷ ଅଟଇ । ଏଥିରୁ ଜନ୍ମ ଓ ମୃତ୍ୟୁ ସଙ୍ଖ୍ୟା ମିଶାଇ ଦେଖିଲେ ଏହିଫଳ ଲାଭ ହେଉଅଛି କି ଲୋକଗଣନା ଅନୁସାରେ ଗତ ଦଶବର୍ଷରେ ହଜାରପ୍ରତି ୬୦ ଜଣ ଲେଖାଁଏ ଲୋକସଙ୍ଖ୍ୟା ବୃଦ୍ଧି ହୋଇଥିବା ପ୍ରତ୍ୟେକ୍ଷେ ମିଉନିସିପାଲିଟୀମାନଙ୍କର ଜନ୍ମରେଜିଷ୍ଟ୍ରୀ ଅନୁସାରେ ହଜାରପ୍ରତି ଛନିଜଣ ଲେଖାଁଏ ଊଣା ହେବାର ପ୍ରକାଶ । ଏହି ଆଶ୍ଚର୍ଯ୍ୟଫଳରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଜନ୍ମରେଜିଷ୍ଟ୍ରୀ ଠିକରୂପେ ରଖାଯାଉ ନାହିଁ । ବାସ୍ତବରେ ବାର୍ଷିକ ଜନ୍ମ ହଜାରପ୍ରତି ୪୦ ଜଣ ଲେଖାଁଏ ଅଟଇ । ଉପରଲିଖିତ ୧୪୬ ମିଉନିସିପାଲିଟୀ ମଧ୍ୟରୁ କେବଳ ୭ ଟା ଏପରି ଫଳ ଦେଖାଇଅଛି । ୬୫ ଟାରେ ହଜାରପ୍ରତି ୨୦ ରୁ ୩୦ ପର୍ଯ୍ୟନ୍ତ ଫଳ ପଡ଼ିବାରୁ ସେସବୁର ଜନ୍ମରେଜିଷ୍ଟ୍ରୀ ଏକପ୍ରକାର ଠିକ ଲେଖା ହୋଇଅଛି ବୋଲିବାକୁ ହେବ ମାତ୍ର ୫୮ ଟାର ଫଳ ବଡ଼ ମନ୍ଦ ଅଟଇ । ଓଡ଼ିଶାର ମିଉନିସିପାଲିଟୀମାନଙ୍କର ଫଳ ଉତ୍କୃଷ୍ଟ କିମ୍ବା ନିତାନ୍ତ ଅଧମ ନୁହଇ । ଏହିପରି ମୃତ୍ୟୁରେଜିଷ୍ଟ୍ରୀ ମଧ୍ୟ ଠିକ ଲେଖା ହେଉ ନାହିଁ । ବଙ୍ଗଳାର ମୃତ୍ୟୁ ସଙ୍ଖ୍ୟା ହଜାରପ୍ରତି ପ୍ରାୟ ୩୪ ଜଣ ଧରାଯାଇପାରେ । ଏଥିରୁ ୫୧ ମିଉନିସିପାଲିଟୀର ରେଜିଷ୍ଟ୍ରୀ ଅନୁସାରେ ହଜାରପ୍ରତି ୧୫ ଜଣରୁ ଊଣା ପଡ଼ିଅଛି । ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀମାନ ଠିକରୂପେ ଲେଖିବା କାରଣ ପୁନଃ୨ ତାକିଦ ହେଲେ ସୁଦ୍ଧା ମିଉନିସିପଲ କମିଶ୍ନରମାନେ ଭଲ ବନ୍ଦୋବସ୍ତ କରିପାରି ନାହାନ୍ତି । ଏଣିକି ସ୍ୱାସ୍ଥ୍ୟକମିଶ୍ନରଙ୍କ ପ୍ରତି ଆଦେଶ ହୋଇଅଛି କି ସେ ବାର୍ଷିକ ଗସ୍ତସମୟରେ ନଗରର ଏକ୨ ଅଂଶର ଘରଦୁଆର ବୁଲି ପିଲାମାନଙ୍କର ଜନ୍ମ ରେଜିଷ୍ଟ୍ରୀ ହୋଇଅଛି କି ନାହିଁ ପରୀକ୍ଷା କରି ଦେଖିବେ ଓ ତହିଁର ଫଳ ଜଣାଇବେ । ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରୀ କରାଇବାକୁ ହେଳା କଲେ ତହିଁ ନିମିତ୍ତ ଫଉଜଦାରୀ ଅଦାଲତରେ ମୋକଦ୍ଦମା ହୋଇ ତ୍ରୁଟିକରିବା ବ୍ୟକ୍ତିର ଦଣ୍ଡ ହେବାର ନିୟମ ଅଛି । କେଉଁଠାରେ କେତେ ଲୋକ ଦଣ୍ଡ ପାଇଅଛନ୍ତି ବାର୍ଷିକବିବରଣରେ ଲେଖିବାକୁ ହେବ । ଅମ୍ଭେମାନେ ଅନୁମାନ କରୁଁ କି ମିଉନିସିପଲ କମିଶ୍ନରମାନେ ଅପଣା୨ ବିଭାଗରେ ବର୍ଷରେ ଦୁଇଥର ଅର ତିନି୨ ଜନ୍ମରେଜିଷ୍ଟ୍ରୀ ମିଶାଇ ଦେଖିଲେ ଅଧିକ ସୁବିଧା ଲାଭ ହେବ ଓ ତ୍ରୁଟିକରିବା ବ୍ୟକ୍ତିମାନେ ଦଣ୍ଡିତ ହେଲେ ଲୋକେ ଅପଣା ଦାୟିତ୍ୱ ବୁଝିପାରି ଭବିଷ୍ୟତରୁ ସତର୍କ ହେବେ ।

ଶିଶୁମାନଙ୍କ ମୃତ୍ୟୁସଙ୍ଖ୍ୟା ଏଦେଶରେ ବଡ଼ ଶୋଚନୀୟ ଅଟଇ । ଇଂଲଣ୍ଡରେ ପ୍ରତିହଜାରରେ ୧୬୭ ଶିଶୁ ମରିବାର ଦେଖାଯାଏ କିନ୍ତୁ କଲିକତାରେ ହଜାରପ୍ରତି ୩୧୩ ପଡ଼ିଅଛି । ଡାକ୍ତର ଗ୍ରିମଙ୍କ ମତରେ ଏଦେଶର ସ୍ତ୍ରୀମାନେ ଅଳ୍ପବୟସରେ ପିଲା ଜନ୍ମକରିବାରୁ ଏତେ ଶିଶୁ ନଷ୍ଟ ହୁଅନ୍ତି ।

କଥିତବର୍ଷରେ ଓଲାଉଠାରୋଗରେ ଦେଢ଼ ଲକ୍ଷ ଅର୍ଥାତ ହଜାରପ୍ରତି ୨ । ବସନ୍ତରୋଗରେ ୧୬୬୧୯ ଏବଂ ଜ୍ୱରରୋଗରେ ୧୧ ୫ ଲକ୍ଷ ଅର୍ଥାତ ହଜାରପ୍ରତି ୧୭ ୫ ମୃତ୍ୟୁ ଘଟିଥିଲା । ପ୍ରଥମ ରୋଗର ପ୍ରାଦୁର୍ଭାବ ଗତବର୍ଷରୁ ଊଣା ଏବଂ ଅନ୍ୟ ଦୁଇଟିର ଅଧିକ ଥିଲା । ଟିକା ଦେବା କାର୍ଯ୍ୟରେ ଗତବର୍ଷ ଅପେକ୍ଷା ଅଳ୍ପ ଟିକା ଏବର୍ଷ

Digitized by srujanika@gmail.com

ଖର୍ଚ୍ଚ ହୋଇଥିବାରୁ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଯେଉଁ ମିଉନିସିପାଲିଟୀର ବଜେଟରେ ଟଙ୍କା ଦେବାଖର୍ଚ୍ଚା ଲଣା ହୋଇଥିବ । କମିଶନର ସାହେବ ସେ ବଜେଟ ମଞ୍ଜୁର କରିବେ ନାହିଁ ।

କଲିକତାରେ ଗୋଟିଏ ସରକାରୀ ସ୍ୱାସ୍ଥ୍ୟ ସମିତି ବସିଅଛି ଏବଂ ଏହି ସମିତି ପାନୀୟ ଜଳ ଯୋଗାଇବା ଏବଂ ବର୍ଷାଜଳ ବାହାରିଯିବାର ନାଳଖୋଲାଇବା ବିଷୟ ବିବେଚନା କରୁଅଛନ୍ତି । ଅନ୍ୟାନ୍ୟ ବିଷୟମଧ୍ୟରେ ପୁଷ୍କର ନାଳ ବିଷୟ ଏହି ସମିତି ବିବେଚନା କରି ଗୋଟିଏ ପ୍ରସ୍ତାବ ଉପସ୍ଥିତ କରିବାରୁ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରିଅଛନ୍ତି ।

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଏଠାରେ ଛଅ ଦିନ ମାତ୍ର ସାମାନ୍ୟ ଏକ ଥର ବୃଷ୍ଟି ହୋଇଥିଲା ତହିଁମଧ୍ୟରେ ଗତ ବୁଧବାର ସନ୍ଧ୍ୟା ଲାଗି ଏକଘଣ୍ଟାକାଳ ଏପରି ବୃଷ୍ଟି ହୋଇଥିଲା ଯେ ଏବର୍ଷ ସେମନ୍ତ ଆଉ ହୋଇ ନାହିଁ । ଏଥିସଙ୍ଗେ ଗୋଟାଏ ଚଡକ ପଡିଥିଲା ।

ଅସ୍ମାକଙ୍କର ଜଜ ସାହେବ ଗତ କାଲି ବାଲେଶ୍ୱର ସେସନ ନିମନ୍ତେ ଯାତ୍ରା କଲେ ।

ଏଠା କଲେକ୍ଟର ଶ୍ରୀଯୁକ୍ତ ଚାଉଲ ସାହେବ ଏକ ଅପିଲ ଦରଖାସ୍ତ ଲାଟ କମିଶନରରେ ଦାଖଲ ହୋଇଥିଲା । ତହିଁରେ ଜଣେ ପ୍ରାର୍ଥନା ଓ ଆଶ୍ରା ଭାବରେ ସାହାଯ୍ୟ ବାହାରେ ଲେଖା ହୋଇ ଥିଲା କିନ୍ତୁ ଏହି ପ୍ରସଙ୍ଗ ସେହି କଥାରୁଲି ଯିବାରୁ କମିଶନରଙ୍କ ମିତ୍ରଭାବରେ ବାବୁ ସ୍ୟାମସୁନ୍ଦର ଉଡତଙ୍କୁ କମିଶନର ସାହେବ ସସପେଣ୍ଡ କରି ସବ ଡେପୁଟି କଲେକ୍ଟର ଦାସ ବାହାଦୁରଙ୍କ ତଦାରଖରେ ଦେଇ ସେଠାରେ ସେ କଲେକ୍ଟର କଚେରୀରେ ଅଛି, ବୁଧବାର ଅନୁସନ୍ଧାନ କରିଥିଲେ ଫଳ ଜଣା ପଡି ନାହିଁ ।

ଏଠା ମ୍ୟୁନସିପ ମହକୁମାର ଡିକ୍ରିଜାରି ଅମଲ କରିଆସୁ ହୋଇଅଛି । ଗତ ଗ୍ରୀଷ୍ମକାଳରେ ଶ୍ରୀଯୁକ୍ତ ଜଜ ସାହେବ ଏ ମହକୁମା ଉଠାଇଣ କରିବା ସମୟରେ ତାହାର କାର୍ଯ୍ୟରେ ଅନେକ ଗୋଳମାଳ ପ୍ରକାଶ ପାଇଥିଲା ।

ପୁରୀର ଶ୍ରୀ ମନ୍ଦିର ସଂସ୍କାର ପାଣ୍ଠିର ସାହାଯ୍ୟାର୍ଥେ ଚାଁଦା ଖାତାରେ ଏକତ୍ର ହୋଇ ଟ ୩୦୦୦ଙ୍କା ଲେଡୀଙ୍କ ସ୍ଥାପିତ ହେବା ଏବଂ ମୋଫସଲରୁ ପତ୍ର ଲେଖା ଯିବାର କଥା ପତ୍ରପ୍ରେରକଙ୍କ ଠାରୁ ଅବଗତ ହେଲୁଁ ।

## କଟକଜିଲା-ଗେଜେଟ ।

ଓଡିଶା କମିଶନରଙ୍କ ଅଫିସିଏଟିଂ ପର୍ସୋନାଲ ଆସିଷ୍ଟାଣ୍ଟ ବାବୁ ଈଶ୍ୱରଦାସ ଦାସଙ୍କ ସଡକାଳ ମାହାଲର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇ ସେହି ମାହାଲ ମାନଙ୍କରେ ଡେପୁଟୀ କଲେକ୍ଟରଙ୍କ ଓ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

ମୁନସି ସଯଦ ମହମ୍ମଦଅଲି କେନ୍ଦ୍ରାପଡାର ସ୍ଥାନୀ ସବ୍ ରେଜିଷ୍ଟ୍ରାର କାର୍ଯ୍ୟରେ ବାହାଲ ହେଲେ ।

---

ଫରାସିଗ୍ରଜ୍ୟର ପାଲ୍ଲମେଣ୍ଟରେ ଗୋଟିଏ ଦଳ ଗ୍ରହମାନଙ୍କମଧ୍ୟରେ ଥିବା ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାର ଚେଷ୍ଟା କରୁଅଛି । ସେ ମୃତ୍ୟୁକାଳରେ ୪୦ ହଜାର ଟଙ୍କା ରଖି ଯାଇଅଛନ୍ତି । ତାଙ୍କର ଅଭିପ୍ରାୟ ଏହିକି ଗ୍ରହମାନଙ୍କ ମଧ୍ୟରେ ବିଶେଷତଃ ମଙ୍ଗଳନାମକ ଗ୍ରହରେ ବାସ କରୁଥିବା ଲୋକଙ୍କ ସମ୍ବାଦ ଯେ ଦେବ ସେ ଏହି ଟଙ୍କା ପୁରସ୍କାର ପାଇବ । ଏତଦ୍ୱାରା ବୈଜ୍ଞାନିକ ଅବସ୍ଥାର କୌତୁହଳ ।

ମଣିପୁରର ନାଗାମାନେ ଦୁଇଜଣ ଡାକହରକରାଙ୍କୁ ମାରିପକାଇଅଛନ୍ତି ।

ଜବଲପୁରର ପାଦ୍ରୀ ହାର୍ଟସାହେବ ଇନ୍‌କମ୍ ଟିକସ ଉପରେ ଜମାଖରଚ ଖାତାରେ ଗୋଳମାଳ କରିଥିବାରୁ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି ।

ବାଙ୍କାପୁରର ଡାକ୍ତର ଗଙ୍ଗାଧରଙ୍କ ଅଶ୍ଳୀଳ ପୁସ୍ତକ ପ୍ରଣୟନ ଦୋଷରୁ ମାଜିଷ୍ଟ୍ରେଟ ପ୍ରାହେବ ଏକଶହଟଙ୍କା ଜରିମାନା କରିଥିଲେ ହାଇକୋର୍ଟ ଅପିଲରେ ଜରିମାନା ରଦ୍ ହୋଇଅଛି ।

ପଶ୍ଚିମ ଦେଶୀୟ ପ୍ରାତ୍ୟହିକ ପତ୍ରିକା "ଇଣ୍ଡିଆନମିରର" ସୁଯୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ବାବୁ ନରେନ୍ଦ୍ରନାଥ ସେନ ଅଦାଲତର ଅବମାନନା ଅପରାଧରେ ଅଭିଯୁକ୍ତ ହୋଇଥିଲେ । ଅଭିଯୋଗର ନିଷ୍ପତ୍ତିରେ ଆମ୍ଭେମାନେ ସୁଦର୍ଶନ ହେବାର ଦେଖି ସୁଖୀ ହୋଇଲୁଁ । ଗତ ବୃହସ୍ପତିବାର ଅପରାହ୍ନ ସମୟରେ କୌନ୍ସିଲପିଲ ସାହେବ ହାଇକୋର୍ଟ ବେଞ୍ଚରେ ଉପସ୍ଥିତ ହୋଇ ଉପରୋକ୍ତ ସମ୍ପାଦକଙ୍କ ବରୁଦ୍ଧରେ ଏହି କୋଳି ଅଭିଯୋଗ ଆଣନ୍ତି ଯେ ନରେନ୍ଦ୍ରବାବୁ ବିଚାରାଧୀନ "ବଙ୍ଗବାସୀ" ମୋକଦ୍ଦମାର ଦୋଷଗୁଣ ସମ୍ବନ୍ଧରେ "ମିରର" ପତ୍ରିକାରେ ସ୍ୱ ମତାମତ ପ୍ରକାଶକରି ଅଦାଲତର ଅବମାନନା କରିଅଛନ୍ତି । କାରଣ ଉକ୍ତ ମତାମତ ଜୁରିମାନଙ୍କ ମତ ବିରୁଦ୍ଧରେ ବଦଳି ଯାଇପାରେ । ଯାହାହେଉ ଓଡ଼ିଶା ପ୍ରବର ମନମୋହନ ଘୋଷ ବ୍ୟାରିଷ୍ଟରଙ୍କୁ ପ୍ରଧାନ ବିଚାରପତି ଉତ୍ତରରେ ସ୍ଥିରକଲେ ଯେ ମୋକଦ୍ଦମା ଶେଷ ନ ହେଲେ କାହାରି ମତାମତ ପ୍ରକାଶ କରିବାର ଅଧିକାର ନାହିଁ ମାତ୍ର ତାହା ବୋଲି ପ୍ରକାଶ କଲେ ଯେ ଅଦାଲତର ଅବମାନନା ହେବ ତାହା ନୁହେ । ଏଥିରେ ପିଲସାହେବଙ୍କ ଗ୍ଲାନିଲତା ପ୍ରକାଶ ପାଇଅଛି ।

କଟେକିଭ ଔଷଧବିକ୍ରେତାର ଔଷଧରେ ୧୬ ଗୁଣ ସ୍ପିରିଟ ଥିବାରୁ ସେଣ୍ଟ୍ରିଲ ଟ ୨୦୦ ଙ୍କା ଜରିମାନା ହୋଇଅଛି ।

କଲିକତାର ଜେଷ୍ଠ ପିନ୍ସଲ ମୁଖର କୋମ୍ପାନି ଉପରେ ଗତ ବର୍ଷର ଇନ୍‌କମ୍ ଟିକସ ଏକପାଞ୍ଚଲ ବାକି ଥିବାରୁ ସଥାସମୟରେ ଦିଆଯିବା ହାଜର ହୋଇ ଗଣ୍ଡିଏ କେସ୍ବାର ଓ ଅନ୍ୟାନ୍ୟ ଜିନିଷପତ୍ର ସେଠା ଟଣାଟଣି ହୋଇ ଥିଲା ।

ପ୍ରତ୍ନତତ୍ତ୍ୱବିତ୍ ସ୍ୱର୍ଗୀୟ ରଜା ରାଜେନ୍ଦ୍ରଲାଲ ମିତ୍ର ପ୍ରାଚୀନ ହସ୍ତଲିଖିତ ପୋଥିର ସଂଗ୍ରହ କରିବା ନିମନ୍ତେ ଏସିଆଟିକ୍ ସୋସାଇଟୀରୁ ବାର୍ଷିକ ଟ ୩୬୦୦ ଙ୍କା ପାଉଥିଲେ । ପଣ୍ଡିତ ଶ୍ରୀ ହରପ୍ରସାଦ ଶାସ୍ତ୍ରୀ ସେହି କାର୍ଯ୍ୟରେ ନିଯୁକ୍ତ ହେଲେ ।

କୌଣସି କପଡାଏଣ୍ଟ ପାଟନାଠାରୁ ରେଲଗାଡ଼ିରେ କଲିକତାକୁ ଗୋଟାଏ ବାକସ ଉପରେ "ପିଏନ୍, କୋମ୍ପାନି ଲିମିଟେଡ୍, ତୁଳସୀନଳ ପାଉଣ୍ଡ ବୋତଲ" ଏହିପରି ଏକ ପ୍ରକାର ଲେଖି ପଠାଇ ଦେଲା । ହାବଡ଼ା ଷ୍ଟେସନରେ ବାକସ ଓହ୍ଲାଇବାବେଳେ ତହିଁରୁ ଦୁର୍ଗନ୍ଧ ବାହାରି ସନ୍ଦେହ ହେବାରୁ ଫିଟାଇବାରେ ଗୋଟିଏ ମୁସଲମାନ ରମଣୀର ଅଙ୍ଗ-

ହୀନଶୂନ୍ୟ ମୃତଦେହ ବାହାରିଲା । ହତ୍ୟାକାରୀ ପାଟନାର ଜଣେ ନିଜ ସୌଦାଗରର ଲୋକ ଅବଲମ୍ବରେ ଧୃତ ହୋଇ ଅଛି ।

ବ୍ରଣୀଗଞ୍ଜଠାରେ ଗୋଟିଏ ଗିର୍ଜାଘରର ହେତୁ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଘୋର ମନାନ୍ତର ଘଟିଅଛି ।

ନୂଅଲିଗଣ୍ଡେଲ ସୋସାଇଟୀର ବିଗତ ଅଧିବେଶନରେ ଗୋଟିଏ ଶ୍ୱେତ ବ୍ୟାଘ୍ର ପ୍ରଦର୍ଶିତ ହୋଇ ଥିଲା । ମେଜର ଡିଓ ଭଜସନ ସାହେବ ଅହିସ୍ୱା ପାହାଡ଼ରୁ ତାହାକୁ ଶିକାର କରି ଆଣିଥିଲେ । ଶ୍ୱେତହସ୍ତୀ, ଶ୍ୱେତଭଲ୍ଲୁକ ଦେଖା ଯାଇ ଥିଲା ଏଣିକି ଶ୍ୱେତବ୍ୟାଘ୍ର ମଧ୍ୟ ଦେଖା ଗଲା ।

ପୀତସାଗରର ଯେଉଁ ଶାଖାଟି ଚୀନଦେଶର ଦକ୍ଷିଣରେ ଆଗ୍ରେ ପ୍ରବେଶ କରି ଅଛି ତାହା ଉପରେ ମାଇଲ ଦୀର୍ଘର ଗୋଟିଏ ବିଶ୍ୱ ସେତୁ ଅଛି । ଏହାର ନାମ ସିଙ୍ଗ ସେତୁ । ପୃଥିବୀରେ ଏରୂପ ସୁଦୀର୍ଘସେତୁ ଆଉ ନାହିଁ । ସନ ୧୬୯୭ ସାଲରେ ଚୀନସମ୍ରାଟ୍ କାଂଲଙ୍ଗଙ୍କ ଆଦେଶରେ ଏହି ସେତୁ ନିର୍ମିତ ହୋଇ ଥିଲା । ପାଣି ଉପରେ ୨୦ ଫୁଟ ଉଚ୍ଚରେ ୩୦୦ ପ୍ରକାଣ୍ଡ ପଥରର ଖିଲାନୋପରି ୨୧ ଫୁଟ ଲେଖାଏ ଦୀର୍ଘ ଗୋଟିଏ ପଥରର ସିଂହମୂର୍ତ୍ତି ଥିବାରୁ ଏହାର ନାମ ସିଂହସେତୁ ।

ବମ୍ବେଇର ନୂତନ ପ୍ରତିଷ୍ଠିତ ଶିଳ୍ପବିଦ୍ୟାଳୟର ଛାତ୍ରସଂଖ୍ୟା କ୍ରମଶଃ ବୃଦ୍ଧି ହୋଇ ୧୭୩ ପର୍ଯ୍ୟନ୍ତ ଉଠିଅଛି । ଏଥିମଧ୍ୟରେ ଅନେକ ଉଚ୍ଚଶ୍ରେଣୀର ହିନ୍ଦୁ ଅଛନ୍ତି ।

କାଶ୍ମୀର ରାଜ୍ୟର ମୋଟ ଆୟ ୪୬ ଲକ୍ଷ ଟଙ୍କା ଏବଂ ତହିଁମଧ୍ୟରୁ ଏକା ସୈନିକବ୍ୟୟ ୧୮ ଲକ୍ଷ ଅଟଇ ।

ସନ ୧୮୮୭।୮୮ ରେ କାଶ୍ମୀରରୁ ୧୨୫ ଲକ୍ଷ ଟଙ୍କାର ଶାଲ ରପ୍ତାନି ହୋଇଥିଲା କିନ୍ତୁ ଗତବର୍ଷ କେବଳ ୨ଲକ୍ଷର ଶାଲ ଯାଇଅଛି । ଦେଶୀୟ ଶିଳ୍ପର କେମନ୍ତ ଅବନତି ହେଉଅଛି ଏଥିରୁ ପାଠକମାନେ ଅନୁମାନ କରିବେ ।

ତତ୍ରସ୍ଥ ରାଜ୍ୟର ଜଣେ ଲୋକ ଓ ତାହାର ନାମ ମିରଜା କାଦଅଙ୍ଗ 'ଅଟଲ ଆପଣାକୁ ଜଗତର ଉଦ୍ଧାରକର୍ତ୍ତା ଯୀଶୁଖ୍ରୀଷ୍ଟ ବୋଲି କହି ପଞ୍ଜାବର ନାନାସ୍ଥାନରେ ବୁଲୁଅଛି ଏବଂ କଥିତ ଅଛି ଅନେକ ଖ୍ରୀଷ୍ଟିୟାନ ତାହାର ଶିଷ୍ୟ ହୋଇଅଛନ୍ତି ।

କଲିକତାର ହାଇକୋର୍ଟ ଆଗତ ସେପ୍ଟେମ୍ବରମାସ ତା ୩ ରିଖଠାରୁ ନବମ୍ବରମାସ ତା ୧୦ ରିଖପର୍ଯ୍ୟନ୍ତ ଦଶହରାପର୍ବ ଉପଲକ୍ଷରେ ବନ୍ଦ ହେବ ।

ମହାମାନ୍ୟ ବଡ଼ଲାଟ ଆଗାମୀ ଶୀତକାଳରେ ବ୍ରହ୍ମରାଜ୍ୟ ଦେଖିବାକୁ ଯିବେ । ଏଥିପାଇଁ ଗବର୍ଣ୍ଣମେଣ୍ଟ ଷ୍ଟିମରରେ ଶୀଘ୍ର ବାହାରି ଅସିବାର ସ୍ଥିର କରିଅଛନ୍ତି ।

ଇଣ୍ଡୋରୁ ଦୁଇବ୍ୟକ୍ତି ଦୁଇଜଣ ସ୍ତ୍ରୀକୁ ଫୁସଲାଇ ଆଣି ଏକ ସମୟରେ ରେଲଗାଡ଼ିରେ ଏଲାହାବାଦରେ ଉପସ୍ଥିତ ହୋଇ ଏକ ଧର୍ମଶାଳାରେ ବସାକରି ଦେଖିଲେ ଯେ ପରସ୍ପରର ସ୍ତ୍ରୀଙ୍କୁ ପରସ୍ପର ନିଶାଇ ଆଣିଅଛନ୍ତି । ତହୁଁ ଦୁଇଜଣ ପିଟାପିଟି ହେଲେ ମାତ୍ର ପୋଲିସ ସମ୍ବାଦ ପାଇଁ ଦୁଇଜଣଙ୍କୁ ଗିରଫ୍ତାର କରିଅଛି ।

କାଶ୍ମୀରର ଭୂତପୂର୍ବ ସଦର ଶ୍ରୀଯୁକ୍ତ ଜାଲାମ୍ବର ମୁଖୋପାଧ୍ୟାୟ ୬/ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସ୍ମରଣାର୍ଥ ସଂସ୍କୃତ ଲେଖିବାବାଲଣ ଟ ୫୦୦ ଙ୍କା ପୁରସ୍କାର ଦାନ କରିବାର ଘୋଷଣା ଦେଇଅଛନ୍ତି ।

ମନୁଷ୍ୟ ହତ ହେଲେ ହତ୍ୟାକାରୀ ବ୍ୟକ୍ତି ହତବ୍ୟକ୍ତିର ଚକ୍ଷୁରେ ପ୍ରତିବିମ୍ବିତ ହୋଇ ରହିଯାଏ ଏହି ତତ୍ତ୍ୱଟୋ ଦାର ଫଟୋଗ୍ରାଫଦ୍ୱାରା ସାଭୁକର ଛବି ଉଠାଇ ରଖିଅଛି ଫଟୋଗ୍ରାଫିକ ପ୍ରଦର୍ଶନରେ ଏହିପରି ଚକ୍ଷୁସ୍ଥିତର ବହୁ ଫଟୋଗ୍ରାଫମାନ ପ୍ରଦର୍ଶିତ ହେଉଅଛି ।

Split by PDF Splitter
Digitized by srujanika@gmail.com

ପାରସଠାରୁ ସମ୍ବାଦ ମିଳଇ ଯେ ଗତ ଜୁଲାଇମାସ ତା ୨୬ ରିଖ ସନ୍ଧ୍ୟାସମୟରେ ସେଣ୍ଟମଣ୍ଡଠାରେ ଗୋ ୨ ଟି ରେଲଗାଡ଼ି ଧକ୍କା ଖାଇବାରୁ ଅନେକ କ୍ଷତି ହୋଇଅଛି। ଜ ୪୯ ଣ ଲୋକ ତତ୍କ୍ଷଣାତ୍ ମୃତ୍ୟୁ ପଡ଼ିଲେ ଏବଂ ତତୋଧିକ ଲୋକେ ବିଶେଷ ପୀଡ଼ା ପାଇଅଛନ୍ତି ଏମନ୍ତ କି କେତେକ ଲୋକଙ୍କର ବଞ୍ଚିବାର ଆଶା ନାହିଁ। ଏହିଗାଡ଼ି ଧକ୍କାପ୍ରାପ୍ତ ଓ ୩ ଗ୍ର ଗାଡ଼ିରେ ଅଗ୍ନି ଲାଗିଗଲା ଏବଂ ଅନେକ ବାଟୋଇ ପୋଡ଼ିମଲେ।

କଲିକତା ସ୍ମଲ କାଜକୋର୍ଟର ଓକିଲ ବାବୁ ବଙ୍କ ବିହାରୀ ଘୋଷାଲ ଜଣେ ପଲିତକେଶବିଶିଷ୍ଟ ମୋଗଲକୁ ଚଟକଣା ମାରି ତାହାର ପଗଡ଼ି ମୁଣ୍ଡରୁ ପକାଇ ଦେଇଥିବାରୁ ସେ ମୋଗଲ ଓକିଲଙ୍କ ନାମରେ ଫୌଜଦାରୀରେ ନାଲିସ ଦାଏର କରିଥିଲା। ହାକିମ ମୋଗଲକୁ ପ୍ରଥମେ ସ୍ମଲ କାଜକୋର୍ଟର ବିଚାରପତିଙ୍କ ନିକଟରେ ଅବେଦନ କରିବା କାରଣ ବୁଝାଇ ଦେଲେ।—କଥା ସଭ୍ୟ ହେଲେ ଓକିଲଙ୍କର ଏପରି ଆଚରଣ ଅତ୍ୟନ୍ତ ନିନ୍ଦନୀୟ ଅଟଇ।

ହାବଡ଼ାର ଜଣେକ ଡାକ୍ତର ପ୍ରମଥନାଥ ଦାସ ଖଣ୍ଡିଏ ମାସିକପତ୍ରିକାର ପ୍ରକାଶକ ବାବୁ କହ୍ନାଇଲାଲଦତ୍ତଙ୍କ ନାମରେ ଅପବାଦର ଅଭିଯୋଗ ଆଣିଥିଲେ। ପ୍ରକାଶକ ମହାଶୟ ଅଦାଲତରେ କ୍ଷମାପ୍ରାର୍ଥନା କରିବାରୁ ଡାକ୍ତରବାବୁ ମୋକଦ୍ଦମା ଛାଡ଼ି ଦେଲେ।

ରୁଷିୟାର ବାଣିଜ୍ୟବିଦ୍ୟାଳୟମାନଙ୍କରେ ତୁର୍କିସ୍ଥାନର ସୀମାନ୍ତ ଓ ତନ୍ନିକଟବର୍ତ୍ତି ସ୍ଥାନମାନଙ୍କରେ ବାଣିଜ୍ୟ ଚଳାଇବା କାରଣ ତଦ୍ଦେଶୀୟ ଭାଷାମାନଙ୍କର ଶିକ୍ଷା ପ୍ରଦତ୍ତ ହେବାର ବନ୍ଦୋବସ୍ତ ହୋଇଅଛି।—ବାଣିଜ୍ୟ ସମ୍ବନ୍ଧେ ସ୍ୱଦେଶରେ କେବେ ଯତ୍ନ ହେବ ନାହିଁ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ କୃତବିଦ୍ୟ ପାଠକମାନଙ୍କ ନିକଟରେ ନିମ୍ନଲିଖିତ ପ୍ରଶ୍ନ ପ୍ରକାଶ କରିଇଂ ତହିଁର ଉତ୍ତର ପ୍ରକଟ କରାଇଲେ ପରମୋପକାର ଲାଭ କରିବୁଁ।

ଏକ ବ୍ରାହ୍ମଣ ଅପୁତ୍ରିକ ଥିବାରୁ ସେ ତାହାର ଆତ୍ମୀୟ ଏକ ବ୍ରାହ୍ମଣଠାରୁ ଗୋଟିଏ ପୋଷ୍ୟପୁତ୍ର କରି ନେଇଥିଲା, ଅର୍ଥାତ୍ ସେହି ସନ୍ତାନ ଜନ୍ମହେବାର ଦୁଇଦିନ ପରେ ଅନୁଡ଼ୀଶାଳାରୁ ତାହା ପିତାମାତାଙ୍କ ସମ୍ମତି ଅନୁସାରେ ପୋଷ୍ୟପୁତ୍ର କରି ନେଇ ତାହାର ନାମକରଣ କରାଇଁ ଏବଂ ସତ୍ୟନାରାୟଣ ପୂଜା କରାଇବାଦ୍ୱାରା ସମସ୍ତ ଜ୍ଞାତୀୟ ଓ ବିଜାତୀୟ ଗ୍ରାମବାସିମାନଙ୍କ ନିକଟରେ ପୋଷ୍ୟପୁତ୍ର କରିନେବାର ପ୍ରମାଣ କରାଇଥିଲା। ସେହିପୁତ୍ର ଦୁଇବର୍ଷ ପରେ ସର୍ପାଘାତ ଯୋଗେ ବିନାଶ ହୋଇଯିବାରୁ ଗ୍ରାମବାସିମାନଙ୍କ ମଧ୍ୟରୁ କେତେକବ୍ୟକ୍ତି ଜନ୍ମଦାତା ପିତାମାତା ସେହି ମୃତଶିଶୁର ମୃତାଶୌଚ ପାଳିବାପାଇଁ କହନ୍ତି ଯେହେତୁ ପୋଷ୍ୟପୁତ୍ର କରି ନେଇଥିବା ପିତା ତାହାର ଉପନୟନାଦି କିଛି କରି ନାହିଁ। ଆଉ କେହି କେହି କହନ୍ତି କି ଯେ ପୁତ୍ରକରି ନେଲା ତାହାର ସେହିଦିନଠାରୁ ସେ ସନ୍ତାନ ହେଲା ସୁତରାଂ ସେହିବ୍ୟକ୍ତି ଉକ୍ତ ଅଶୌଚପାଳନର ଦାୟୀ ହେବ। ଅତଏବ ପ୍ରଶ୍ନ ଏହି କି ଏସ୍ଥଳେ ଉକ୍ତ ଅଶୌଚର ଗ୍ରାହକ କେଉଁବ୍ୟକ୍ତି ହେବ।

ଆଉ ଏକକଥା ଏହିକି ଗୋଟିଏ ବିଧବା ସ୍ତ୍ରୀ ବିଟପୁରୁଷ ସଂସର୍ଗରେ ନଷ୍ଟା ହୋଇ ଭ୍ରୂଣ-ହତ୍ୟା ପର୍ଯ୍ୟନ୍ତ କରି ଅଛି। ଏପରି ସ୍ଥଳରେ ସେହି ବିଧବାକୁ କୁଳଦ୍ୱୁ ତ୍ୟାଗକରିବା କର୍ତ୍ତବ୍ୟ କି ନା? ଯେବେ ତ୍ୟାଗ କରିବାକୁ ହେବ ତେବେ ତାହାକୁ ତ୍ୟାଗ କରି ପଶ୍ଚାଦ୍ଦାହପ୍ରଭୃତି କରାଯିବ କି ନା? ଯେବେ ପଶ୍ଚାଦ୍ଦାହ କରା ନ ଯାଏ ତେବେ ଉକ୍ତ ବିଧବା ମଲାବେଳେ ତାହାପାଇଁ ବଂଶୀୟମାନେ ଅଶୌଚ ପାଳି ଶୁଦ୍ଧ ହେବେ କି ନା? ଆଉଯେବେ ସେହି ବିଧବାର ପୁତ୍ର ଥିବ ତେବେ ସେ ଆପଣା ମାତାର ଶୁଦ୍ଧିକ୍ରିୟା କେବେ ପ୍ରତିପାଳନ କରିବ। ଇତି।

୧୦।୮।୯୯ । ନା । । ଜି । ଧର୍ମତତ୍ତ୍ୱାନୁସନ୍ଧୀ ।

---

ମହାଶୟ !

ଏହିକି ଯେ ଆପଣଙ୍କ ପତ୍ରିକାରେ ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନଦାନ ଦେଇ ବାଧିତ କରିବା ହେବେ।

ଗତ ଅଗଷ୍ଟମାସ ତା ୪ ରିଖରେ ଆମ୍ଭମାନଙ୍କର ମାନନୀୟ ନୂତନ କମିଶ୍ନର ଟୈଏନବ ସାହେବ ମହୋଦୟ ଏହି ଢେଙ୍କାନାଳ ରାଜ୍ୟକୁ ସେସନ୍ ମୋକଦ୍ଦମା ବୁଝିବା ନିମନ୍ତେ ବିଜୟ-ମାନ କରିଥିଲେ। ଉକ୍ତ ମୋକଦ୍ଦମା ନ ୭ ମର ଥିଲା। ଏ ମୋକଦ୍ଦମାମାନ ସାହେବ ମହୋଦୟ ଯେପରି ଭାବରେ ବିଚାର କରି ଯେ, ଯେଉଁ ବନ୍ଦୀ ଯେଉଁଯୋଗ୍ୟ ତାହାକୁ ସେ ଶାସ୍ତିମାନ ପ୍ରଦାନ କଲେ। ତହିଁରେ ବୋଧ ହେଉଅଛି ଯେ, ସେ ମହାଶୟ ଜଣେ ଉତ୍ତମ ଦୟାଶୀଳ ଓ ସୁବିଚାରକ ଅଟନ୍ତି।

ସେସନ୍ ମୋକଦ୍ଦମା ବିଚାର ପର ଏକଷାସ୍ତ୍ର କଚେରି, ଥାନା, ଜେଲଖାନା ଓ ଡାକ୍ତରଖାନାମାନ ସନ୍ଦର୍ଶନ କରି ଖୁସି ହେବାର ବୋଧ ହେଲା। ଅସନ୍ତୋଷ ହେବାର କିଛି କାରଣ ନ ଥିଲା।

ଢେଙ୍କାନାଳରାଜାଙ୍କ ଶିକ୍ଷକ ନିଯୁକ୍ତ ବିଷୟ ଦୀପିକାରେ ଅବଗତ ହୋଇଥିଲୁଁ। ଏଠାରେ ସାହେବ ମହୋଦୟଙ୍କ ଇଚ୍ଛାରୁ ଜଣାଗଲା ଯେ ସେ ଏଠାବାସିନା ଉପାଧିଧାରୀ କୌଣସି ଏକ ଯୋଗ୍ୟବ୍ୟକ୍ତିଙ୍କୁ ଉକ୍ତ ଶିକ୍ଷକପଦ ଅନ୍ୟବାଧା କିଛି ନ ଥିଲେ ପ୍ରଦାନ କରିବେ।

ଭୂତପୂର୍ବ ମାନନୀୟ ରେବନଶା ସାହେବ ମହାଶୟ ଯେରୂପ ଗଡ଼ଜାତସ୍ଥିତ ମନୋଯୋଗୀ ହୋଇ କାର୍ଯ୍ୟ କରନ୍ତି ଏ ମହୋଦୟଙ୍କ କାର୍ଯ୍ୟକଳାପରୁ ସେପରି ବୋଧ ହେଉଅଛି।

ତା ୭ ରିଖରେ ମାଇନରସ୍କୁଲର ପୁରସ୍କାର ବଣ୍ଟନକରି ପ୍ରୀତ ହୋଇ ଛାତ୍ରମାନଙ୍କୁ ଉପଦେଶ ଦେଲେ। ଆମ୍ଭେ ତୁମ୍ଭମାନଙ୍କୁ କ୍ରିକେଟ୍ ଖେଳର ସମସ୍ତ ଆୟୋଜନ କରାଇ ତହିଁର ଆବଶ୍ୟକୀୟ ଖେଳନା, ଓ ଅନ୍ୟାନ୍ୟ ଉପକରଣମାନ ଆଣାଇ ଦେବୁଁ। କାରଣ ମାନସିକ ପରିଶ୍ରମ ସଙ୍ଗେ ଶାରୀରିକ ପରିଶ୍ରମ ଛାତ୍ରମାନଙ୍କପକ୍ଷେ ଅତ୍ୟାବଶ୍ୟକ ଓ ତାହା ଯେଉଁ ଉପାୟଦ୍ୱାରା ପରିବର୍ଦ୍ଧିତ ଓ ସଂସାଧିତ ହୋଇପାରେ ତାହା କରିବାର ଉଚିତ।

ବଗିଶ୍ ବଙ୍ଗଳା ନିକଟରେ ଯେଉଁ ପଡ଼ିଆ ଅଛି ତହିଁରେ ତୁମ୍ଭେମାନେ ନାବାଳକରାଜାଙ୍କ ସହିତ ଖେଳା କରିବ ମଧ୍ୟ ସମୟ ସମୟରେ ପୁଲିସ-ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଡଣ୍ଡାସାହେବ ମହାଶୟ ତୁମ୍ଭମାନଙ୍କୁ ନାନାବିଧ ବ୍ୟାୟାମଶିକ୍ଷା ଦେବେ ତୁମ୍ଭେମାନେ ଆମ୍ଭେ ଆଉ ଥରେ ଆସିଲା ସମୟକୁ ଖେଳ ଶିକ୍ଷା କରିଥିବାର ଦେଖାଇଲେ ଆମ୍ଭେ ଅତ୍ୟନ୍ତ ପ୍ରୀତ ହେବୁଁ।

ତହୁଁ ଅରଦନ ବାଳିକାବିଦ୍ୟାଳୟର ପୁରସ୍କାର ବଣ୍ଟନ କରିବା ନିମନ୍ତେ ଶ୍ରୀଯୁକ୍ତ ନାବାଳକରାଜା ମହାଶୟ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଙ୍କ ସମଭିବ୍ୟାହାରରେ ଶୁଭାଗମନ କଲେ। ଛଜଣ ବାଳିକା ଅଭ୍ୟସ୍ତ କରିଥିବା ଗୀତମାନ ପଠନ କଲେ। ପ୍ରଶଂସିତ ସାହେବ ମହୋଦୟ ବଡ଼ ଖୁସି ହେଲେ ଓ ବାର୍ଷିକ ରିପୋର୍ଟ ଶ୍ରବଣକରି କହିଲେ ଏଥିରେ ଯେ ପୁରସ୍କାର ଟଙ୍କା ବିଷୟ ଉଲ୍ଲେଖ ହୋଇଅଛି ଆମ୍ଭେ ତାହା ମଞ୍ଜୁର କରିଅଛୁଁ।

ଛାତ୍ରୀମାନେ ନିଜହସ୍ତଦ୍ୱାରା ପ୍ରସ୍ତୁତ କରିଥିବା ମୌଜା, କମ୍ଫୋର୍ଟ, ଟୋପି ଓ ଦସ୍ତାନାମାନ ଦେଖି କହିଲେ କି ଏଥିରେ ଆମ୍ଭେ ଅଧିକ

Digitized by srujanika@gmail.com

ସନ୍ତୋଷ ହେଲୁ ନାହିଁ । ଶିକ୍ଷୟିତ୍ରୀଙ୍କୁ ଉପଢ଼ୌକନ ଦେଲେ । ଦେଶୀୟ ଲୁଗାରେ ଫୁଲପକାଇ ଥିଲେ ଏହା ଦେଖି ଉପସ୍ଥିତ ଅନନ୍ଦ ହେଲୁ ।

ସାହେବ ମହୋଦୟ ମନ୍ତବ୍ୟ ପ୍ରକାଶ କଲେ କି ବୈଦେଶିକ କଦାକାର ମୌଲିଆଦ ନମୁନା ଦେଖି ପୁଷ୍ପାଦି କାର୍ଯ୍ୟ ଶିକ୍ଷାଦେବାଠାରୁ ଦେଶୀୟ ଦରକାରୀ ଅତ୍ୟାବଶ୍ୟକୀୟ କାର୍ଯ୍ୟମାନ ବାଳିକାମାନେ ଶିକ୍ଷାକଲେ ତାହା ପ୍ରକୃତ ପକ୍ଷେ ଉପକାରୀ ହେବ । ଏଠାକର୍ତ୍ତୃପକ୍ଷମାନେ ଏ ବିଷୟରେ ପରେ ଯତ୍ନ କରିଥିଲେ ଓ ଭବିଷ୍ୟତ୍‌ରେ କରିବା ପକ୍ଷେ ସାହେବ ମହୋଦୟ ଏଥି ଅନୁରୋଧ କଲେ ।

ଏଠାରେ ତାଙ୍କର ପ୍ରଥମ ଶୁଭାଗମନର ଫଳ ଅତୀବ ପ୍ରୀତିକର ହୋଇଅଛି ଓ ଆମ୍ଭେମାନେ ଜଗଦୀଶ୍ୱରଙ୍କଠାରେ ଏହି ପ୍ରାର୍ଥନା କରୁଅଛୁଁ ଯେ ସାହେବ ମହୋଦୟ ଓଡ଼ିଶାରେ ସ୍ଥାୟୀ ହୋଇ ଆମ୍ଭମାନଙ୍କର ଉତ୍ତରୋତ୍ତର ନାନାପ୍ରକାର ଉନ୍ନତି ସାଧନ କରନ୍ତୁ । ଇତି ।

ବର୍ଷା ବୃଷ୍ଟି ହୋଇଥିଲା କିନ୍ତୁ ଯଥେଷ୍ଟ ହୋଇ ନାହିଁ । ଏଠାରେ ଅଳ୍ପପରିମାଣରେ ବୃଷ୍ଟି ହୋଇଅଛି ବର୍ତ୍ତମାନ ଫସଲ ନଷ୍ଟ ହେବାର ସମ୍ଭାବନା ନାହିଁ ।

୧୨।୮।୯୧ ଢେଙ୍କାନାଳ } ଶ୍ରୀ ଗୌରାଙ୍ଗ ଗଡ଼ନାୟକ ହେଡ଼ପଣ୍ଡିତ

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବଂଶୀମୋହନ ସେନ | ପୁରୀ | ଟ ୩୧ |
| „ ରାଧାନାଥ ରାୟ | | ଟ ୧୧ |
| ଶ୍ରୀ ଗଡ଼ନାଇ ରଜପତି ନାରାୟଣ ଦେବ | ପାର୍ଲା ସେନ୍ଟ୍ର | ଟ ୩୧ |
| ବାବୁ ମାର୍କଣ୍ଡ ଚୌଧୁରୀ | ଯୋରନ | ଟ ୨୮ |
| ଶ୍ରୀ ଦେବକ ମିଶ୍ର | ଦାମୋଦରପୁର ସ୍କୁଲ | ଟ ୧୧ |
| ବାବୁ ଦାମୋଦର ଦାସ | ଅଠଗଡ଼ | ଟ ୧୧ |

## ବିଜ୍ଞାପନ ।

ବଡ଼ାମ୍ବ–ବାଳିକାବିଦ୍ୟାଳୟ ନିମନ୍ତେ ଜଣେ ସୀ ଶିକ୍ଷକର ପ୍ରୟୋଜନ ଅଛି ମାସିକ ବେତନ ଟ ୧୦୧ ଙ୍କା ଆବେଦନକାରୀମାନେ ଆପଣା ଯୋଗ୍ୟତାର ନିଦର୍ଶନ ସହିତ ଦରଖାସ୍ତ ନିମ୍ନସ୍ବାକ୍ଷରକାରୀଙ୍କ ନିକଟକୁ ଅଗଷ୍ଟମାସ ତା ୨୫ରିଖ ମଧ୍ୟରେ ପଠାଇବେ । ୩୧।୭।୯୧

ଶ୍ରୀ ମଦନମୋହନ ପଟ୍ଟନାୟକ
ମାନେଜର । ଭ । ବଡ଼ାମ୍ବା

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବନ୍ଦୋବସ୍ତ କର୍ମଚାରୀଙ୍କ ହଜୁରରୁ ଓୟାସିଲବାକୀ ଓ ଇଆଣପ୍ରଭୃତି କାଗଜାତ ତଳବ ଥିବାରୁ ଉକ୍ତକାଗଜାତ ପ୍ରସ୍ତୁତ କରିବା ନିମନ୍ତେ ମାସିକ ଟ ୧୦୧ ଙ୍କା ବେତନରେ ଏକଜଣ ହେଡ଼ମୋହରର ଓ ମାସିକ ଟ ୮୧ଙ୍କା ବେତନରେ ନ ୨ ଣ ମୋହରର ନିଯୁକ୍ତ ହେବାର ଆବଶ୍ୟକ ଯେଉଁମାନେ କୌଣସି ଜମିଦାରୀସିରସ୍ତା କମାଖର୍ଚ୍ଚା, ଅନୁଗୁଳ ଓ ବାଙ୍କୀ-ପ୍ରଭୃତି ବନ୍ଦୋବସ୍ତଅଫିସରେ କାର୍ଯ୍ୟ କରି ଆପଣା ଯୋଗ୍ୟତାନୁସାରେ ( Certificate ) ( ପ୍ରଶଂସାପତ୍ର ) ଲାଭ କରିଥିବେ ସେମାନେ ଏକସପ୍ତାହମଧ୍ୟରେ ଆପଣା ଦରଖାସ୍ତ ପ୍ରଶଂସାପତ୍ରର ନକଲ ସହ ଆମ୍ଭର ମ୍ୟାନେଜରୀ ଅଫିସ ଏକଗରସ୍ତ କୋଜବଜାର ଶଯୁକ୍ତ ବାବୁ ନଗେନ୍ଦ୍ରନାଥରାୟ ଚୌଧୁରୀ ନାବାଳଗ ଜମିଦାର-ମହାଶୟଙ୍କ କୋଠାରେ ଦାଖଲ କରିବେ ।

Nilratan Mukherjee
*In charge manager*
*to the* Estate of minor Zemindar
Babu N. N. Rai Chowdhury.

### ଶବ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଶବ୍ଦମାଳାର ଅର୍ଥ-ପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେବ ପ୍ରେସର ଓ ବାମଣ୍ଡା ସ୍ୱଉଲ-ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇ-ପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇସଅଷ୍ଟିକଟରେ ଖ ୧୬ ଣ୍ଡ ବହି ଡାକରେ ଯାଇ ପାରେ ।

## ହଟ୍‌ଟକା ଭଣ୍ଡାର ।



ସଦର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଙ୍ଗ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ଼ ବା ଦୁଇପଇସିଆ ଷ୍ଟାମ୍ପ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ସେମାନଙ୍କ ତରକାରୀ ଓ ଔଷଧ ପ୍ରେରଣ କରିବା ସକାଶେ ପତ୍ର ପାଉଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଉପକୃତ ହେବାକୁ

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ମୂଳକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବର ମାସର ମଧ୍ୟରେ ଗ୍ରାହକ ହେଲେ ମୂଲ୍ୟ ଟ ୦ ୵ ନଚେତ୍ ପରେ ମୂଲ୍ୟ ବୃଦ୍ଧି ହେବ ।

Ditto An Abridged Edition ୫ ୴

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ଫାଷ୍ଟବୁକର ମାନେ ବହି ( ସ୍ୱଳ୍ପ ଓ ପରିଶୁଦ୍ଧ ) ଟ ୦ ୵

ଧ୍ରୁବ ଚରିତ ଟ ୦ ୵

କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଏବଂ ବାବୁ ରାମସୁନ୍ଦର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଣୀ ଇନଷ୍ଟିଟ୍ୟୁଶନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

### ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସରୁ ଗବେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ କେଶଶୁନ୍ୟତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ପ୍ରଭୃତି ନିବାରିତ, ମସ୍ତକର ଉଷ୍ଣ ଓ ଦାହ ଦୂର ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ଚିକ୍କଣ, କୋମଳ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ହୁତାଶନ—ଦାନ୍ତ ହୁତାଶନ ପରି ଦନ୍ତ ରୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ବହୁଦିନ ପରେ ହୁତାଶନ ରୂପେ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ନଷ୍ଟ କରେ, ଦନ୍ତରେ ଆଉ ରୋଗ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦନ୍ତ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି କୌଟାର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଶଙ୍ଖଦ୍ରାବଣୀ—ଏହା ଯଥାବିଧି ସେବନ କଲେ ନୂତନ ବା ପ୍ରାଚୀନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଅମ୍ଳବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନଷ୍ଟ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ନୂତନ ବା ପ୍ରାଚୀନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ପ୍ଲୀହା, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ନିବାରିତ ହୁଏ ।

ଏହି ଉଦ୍ଭେଦ ବଟିକା । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ବ୍ରହ୍ମଜ୍ୱରର ଅବଲେହ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବପ୍ରକାର ପାଳିଜ୍ୱର, ପ୍ରଳାପ, ବମନ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ସ୍ୱାସ୍ଥ୍ୟର କ୍ଷତି ହୋଇପାରେ ନାହିଁ । କିନ୍ତୁ ଯଦି ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତାହିଁରୁ କ୍ରମେ କ୍ରମେ ଶରୀରର ଭାବତ୍ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଚର୍ମବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ପ୍ରଭୃତି ହେତୁ ଶରୀରର ରକ୍ତ ଦୂଷିତ ହୋଇ କୁଷ୍ଠ ଏବଂ ନାନାପ୍ରକାର କ୍ଷତ, ଖଣ୍ଡୁଆ, ଗାଢ଼, କଣ୍ଡୁ, ସନ୍ଧିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତିଖିତ ଉପଦ୍ରବମାନ ଦୂରୀଭୂତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମଋତୁରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ନାଡ଼ୀ ବ୍ରଣ ଓ ଘାଆ ଏହା ସେବନେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଳୁବଜାର, କଟକ ଔଷଧାଗାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.


Watches! Clocks! Time pieces!
Repaired by an efficient workman the premises of the Cuttack Printing Company. Charge moderate.

## ଘଡ଼ିମରମତି ।

କାଳାପ୍ରକାର ଶ୍ରେଷ୍ଠ ବଡ଼ ଛୁଆଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ନୋଟିସ

ଘଡ଼ିର ଚେଇନ ଜେଣ୍ଟ, ମୁଦି, ସ୍ପେକ୍ଟେକଲ ଓ ଇନ୍ସପେକ୍ଟରଙ୍କର କମରବନ୍ଧ ଓ ଗେରଛାଳ, (ଚମାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ଗେର ଅଳଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ ୧୫।୧୧।୮୯ } ଶ୍ରୀ ଗୌରଶଙ୍କର ରାୟ

## ମେହରୋଗ ।

ଗ ୨୫ ଖାନଷରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ଉପଶମ ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାଇଁ ଦୁଇଁ ଶବ୍ଦବାକୁ ଉଚିତ ନୁହେ ସାମାନ୍ୟ ଅଚିକିତ୍ସା ଯାହାରେ ଜୀବନର ମାୟା ପରିତ୍ୟାଗ କରନ୍ତି ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଖାଇବା ବସ୍ତୁଗୁଡ଼ିକରେ ପରହେଜ ନ ହେଲେ ଅଚଳ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଦିନରେ ପୁସ୍ତକାକାରରେ ପ୍ରକାଶ ହେବ କଲିକତା ଅହେରିଟୋଲ ୬ ନମ୍ବର ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୵ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।


ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ, ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୬ ଶ । ସଂଖ୍ୟା ୩୩ | ତା ୨୯ ରଣ ମାହେ ଅଗଷ୍ଟ ସନ ୧୮୯୧ ଶନିବାର । ମୁ। ଶ୍ରାବଣ ୧୪ ଦିନ ସନ ୧୨୯୮ ସାଲ | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩।୦ ଡାକ ଦେୟ ଟ ୦।୮


## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଅ ୪୫ ଆଇନ ଠିମାଗଇ ସନ ୧୮୯୦ ସାଲର ଅଗଷ୍ଟ ମାସ ତା ୧ ରଖପର୍ଯ୍ୟନ୍ତ ଯେସମସ୍ତ ଆଇନଦ୍ୱାରା ସଂଶୋଧନ ହୋଇଅଛି ତାହାସବୁ ମିଶି ଏକତ୍ରେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ ଡାକଖର୍ଚ୍ଚା ଟ ୦।୵ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରବେ ।

---

ସଞ୍ଜୀବନୀ ଲେଖିଅଛନ୍ତି କି ଶିକ୍ଷାବିଭାଗର ଡାଇରେକ୍ଟର ମହାଶୟ ସ୍କୁଲଇନ୍‌ସ୍ପେକ୍ଟରମାନଙ୍କ ନିକଟକୁ ଏହି ମର୍ମରେ ଏକ ସରକ୍ୟୁଲର ଆଦେଶ ପଠାଇଅଛନ୍ତି କି ଡିଷ୍ଟ୍ରିକ୍ଟ ବୋର୍ଡର ଅଧୀନ କୌଣସି ବିଦ୍ୟାଳୟରେ ବୃତ୍ତିଧାରୀଛାତ୍ରଙ୍କଠାରୁ ଶତକରା ଜ * ଶରୁ ଅଧିକ ଅବୈତନିକ ଛାତ୍ର ପଢ଼ିପାରିବେ ନାହିଁ । ଏକଥା ଯେବେ ସତ୍ୟ ହୁଏ ତେବେ ଭାରି ଅନ୍ୟାୟର କୋଲି ବାକୁ ହେବ ଏବଂ ଗରିବ ଲୋକଙ୍କ ଶିକ୍ଷାର ନିତାନ୍ତ ବ୍ୟାଘାତ ହେବ ସନ୍ଦେହ ନାହିଁ ।

---

ଢାକାରେ ଗୋଟିଏ ଖୁଣମୋକଦ୍ଦମାରେ ଯେଉଁ କୁଛି ବସି ଥିଲେ ସେମାନଙ୍କମଧ୍ୟରୁ ଏକଜଣ ଛଡ଼ା ଆଉ ସମସ୍ତେ ଆସାମିକୁ ନିର୍ଦ୍ଦୋଷୀ କହିବାରୁ ଆସାମୀ ଖଲାସ ପାଇଲା । ବର୍ତ୍ତମାନ କଥିତ ହୁଅଇ ଯେ ଆସାମିର ଉକିଲ ବା.ବ ଆନନ୍ଦଚନ୍ଦ୍ରରାୟ କୁଛିମାନଙ୍କୁ ଉତ୍କୋଚ ଦେବାରୁ ସେମାନେ ଏପରି ରାଏ ଦେଇଥିବାର ପ୍ରକାଶ ପାଇବାରୁ ମାଜିଷ୍ଟ୍ରେଟ ସାହେବ ଉକିଲଙ୍କଉପରେ ସମନ ଜାରି କରିଅଛନ୍ତି ଏବଂ ଏହି ମାମଲା ଯୋଗୁଁ ଢାକାରେ ଭାରି ଗହଳ ପଡ଼ି ଯାଇଅଛି ।

---

ସଞ୍ଜୀବନୀରେ ପାଠକଙ୍କ ଜ ଯେମନ୍ତ ଭାରତବର୍ଷର ରାଜପୁତାନା ଓ ସିନ୍ଧୁପ୍ରଦେଶରେ ସଦ୍ୟଜାତ କନ୍ୟା ବଧ କରିବାର ପ୍ରଥା ଥିଲା ଓ ଗବର୍ଣ୍ଣମେଣ୍ଟଙ୍କ ଆଇନଦ୍ୱାରା ରହିତ ହେଲା ତେମନ୍ତ ଅଦ୍ୟାବଧି ଚୀନରାଜ୍ୟରେ ବାଳିକାବଧ ରୀତି ପ୍ରଚଳିତ ଅଛି । ସେଠାଲୋକେ ସଦ୍ୟଜାତ କନ୍ୟାକୁ ଗୋଟିଏ ଘଟମଧ୍ୟରେ ପକାଇଦେଇ କିମ୍ବା କାଗଜରେ ମୋଡ଼ି ନଦୀ ସ୍ରୋତପାଖରେ ରଖିଦେଇ ବଧକରନ୍ତି । ଖ୍ରୀଷ୍ଟୀୟାନମାନଙ୍କର ଏହି କନ୍ୟାମାନଙ୍କୁ ରକ୍ଷାକରିବା ସକାଶେ ଗୋଟିଏ ଆଶ୍ରମ ଅଛି । ଗତ ବ ୨୦ ବର୍ଷରେ ଏହି ଆଶ୍ରମରେ ୪୦ ହଜାର ଶିଶୁ ରକ୍ଷା ପାଇଅଛନ୍ତି । କ ନିଷ୍ଠୁର ବ୍ୟାପାର ତଥାପି ଚୀନରାଜ୍ୟ ଅଦ୍ୟାପି ରହିଅଛି !

---

ଯେଉଁ ନକଲି କାଗଜ ସମ୍ପର୍କରେ ତଦାରଖ ଲାଗି ଥିବା କଥା ଗତସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁଁ ସେମାମଲା ଶେଷ ହୋଇଅଛି । ରାଏ ନନ୍ଦକିଶୋର ଦାସ ବାହାଦୁରଙ୍କ ରିପୋର୍ଟ ପାଇ ଶ୍ରୀଯୁକ୍ତ କମିଶନର ସାହେବ ସିଦ୍ଧାନ୍ତ କଲେ କି ତାହାଙ୍କ ସିରସ୍ତାଦାର ବାବୁ ସାମସନ ସାହେବ ପ୍ରଥମେ ଅସାବଧାନତା କରି ପଛକୁ ଭ୍ରମ ସ୍ୱୀକାର ନ କରି ଘୋଡାଇବାର ଚେଷ୍ଟା କରି ଥିଲେ । ଏଥିପାଇଁ ସେ ଯେତେଦିନ ସସପେଣ୍ଡ ଥିଲେ ସେତେଦିନର ବେତନ ଜରିମାନା କରି ସସପେଣ୍ଡ ଆଦେଶ ରହିତ କଲେ ଓ ଏସମ୍ପର୍କରେ କଲେକ୍ଟରି ମହକୁମାରେ କିଛି ଗୋଳ ହୋଇ ଥିବାରୁ ତହିଁର ଉଚିତ ବିଚାର କରିବା କାରଣ କଲେକ୍ଟର ସାହେବଙ୍କୁ ଆଦେଶ ଦେଲେ ।

— ୦ ॥ ※ ॥ ୦ —

ମଣିପୁରର ରାଜା କୁଳଚନ୍ଦ୍ର ଓ ତାହାଙ୍କ ଭାଇ ଅନଙ୍ଗସେନ ଯାବଜ୍ଜୀବନ କାରାବାସଦଣ୍ଡ ପାଇବାରୁ ଆଣ୍ଡାମାନ ଦ୍ୱୀପକୁ ପ୍ରେରିତ ହେବାର ଆଦେଶ ହୋଇଥିଲା । ସେମାନଙ୍କୁ ମଣିପୁରରୁ ଘେନି ଆସିବାବେଳେ କାଳେ କିଛି ଗୋଳମାଳ ହେବ ଏଥି ପାଇଁ ସେମାନଙ୍କୁ ଅତି ଗୋପନଭାବରେ ଗତ ରାଖିପୂର୍ଣ୍ଣିମାର ଯୋଚ୍ଛନା ରାତ୍ରରେ ସେଠାରୁ ବିଦାୟ କରିବାର ବନ୍ଦୋବସ୍ତ ହୋଇ ଥିଲା । ତଦନୁସାରେ ଏକଦଳ ଗୁରଖା ସୈନ୍ୟ ରାଜାଙ୍କୁ ବେଗେ ଗୁଳିବା କାରଣ ଏକଘୋଡ଼ାରେ ଚଢ଼ାଇ ଆଣିଲେ । ଘୋଡ଼ାର ବାଗ

ଜଣେ ସିପାହି ଧରି ଥିଲା ଓ ଆଉ ଦୁଇଜଣ ସିପାହି ରାଜାଙ୍କ ଦୁଇ ପାଖରେ ଥିଲେ । ଅନ୍ୟ ଦୁଇ କଏଦିଙ୍କୁ ହାତକଡ଼ିରେ ବାନ୍ଧି ଆଣିଥିଲେ । ରାଜାଭାଇଙ୍କୁ ଏତେସବୁ ଅପମାନ କରିବାର କିଛି ଆବଶ୍ୟକ ନ ଥିଲା । କପାଳ ସବୁ କରାଏ !

---

ଏଲାହାବାଦରେ ପ୍ରକାଶ ହେଉଥିବା ମର୍ଣ୍ଣିଂ ପୋଷ୍ଟ ନାମକ ଇଂରାଜୀସମ୍ବାଦପତ୍ରରେ ଲେଖାଅଛି ଯେ ଆମ୍ଭମାନଙ୍କର ଗବର୍ଣ୍ଣର ଜେନରଲ ମହାମାନ୍ୟ ଲର୍ଡ ଲାନସଡାଉନ ଭାରତାଭିଯୋଗେ ବିଲାତସ୍ଥ ଭାରତୀୟ ମନ୍ତ୍ରୀଙ୍କ ନିକଟକୁ ଲେଖିଥିଲେ ଯେ ଟିକେନ୍ଦ୍ରଜିତ ଓ ଥୋଙ୍ଗାଲ ଜେନେରଲଙ୍କ ପ୍ରାଣଦଣ୍ଡ ଆଦେଶ ଯେବେ ମନ୍ତ୍ରୀ ମହୋଦୟ ରହିତ କରିବେ ତେବେ ସେ ଗବର୍ଣ୍ଣର ଜେନରଲ ପଦ ତ୍ୟାଗ କରିବେ । ଏ ସମ୍ବାଦ ସତ୍ୟ ବୋଲି ବିଶ୍ୱାସ କରିବା ବଡ଼ କଠିନ ଅଟଇ କାରଣ ନ୍ୟାୟବିଚାରର ଗୌରବ ରକ୍ଷାନିମନ୍ତେ ହାକିମ ଯେତେବେଳେ ପ୍ରାଣଦଣ୍ଡ ଦେବାକୁ ବାଧ୍ୟ ମାତ୍ର ଏହା ବୋଲି କେହି ପ୍ରାଣଦଣ୍ଡ ଦେବା କାରଣ ଜିଦ କରିବ ଏକଥା କଳ୍ପନାକୁ ସୁଦ୍ଧା ଆସୁ ନାହିଁ । ଅଥଚ ଖଣ୍ଡିଏ ଇଂରାଜୀସମ୍ବାଦପତ୍ରରେ ଏପରି ଲେଖାଅଛି । ଯାହା ହେଉ ଏ ସମ୍ବାଦ ମିଥ୍ୟା ଥିବାର ଇଂଲିସମ୍ୟାନରେ ପାଠକରି ଆନନ୍ଦିତ ହେଲୁଁ । ଯେଉଁବ୍ୟକ୍ତି ମିଥ୍ୟା କଥା ରଟାଇଅଛି ତାହାକୁ ଦଣ୍ଡ ଦିଆଇବା ନିତାନ୍ତ ଉଚିତ ହେଉଅଛି ।

---

ଟିକେନ୍ଦ୍ରଜିତ ଓ ଥୋଙ୍ଗାଲ ଜେନେରଲଙ୍କର ଫାଶୀ ହୋଇଗଲା । ଟିକେନ୍ଦ୍ରଜିତଙ୍କ ସପକ୍ଷରେ ବାରିଷ୍ଟର ମନମୋହନ ଘୋଷ ଯେଉଁ ସ୍ୱଯୁକ୍ତିପୂର୍ଣ୍ଣ ଆବେଦନପତ୍ର ପଠାଇଥିଲେ ମହାମାନ୍ୟ ଗବର୍ଣ୍ଣରଜେନରଲ କିପ୍ରକାରେ ତାହାସବୁ ଖଣ୍ଡନ କଲେ ଓ ତାହାଙ୍କୁ ଫାଶୀଦେବାର ଉପରୁ ସ୍ଥିର ହେଲା ମହାମାନ୍ୟଙ୍କ ରାଏ ପ୍ରକାଶ ନ ହେବାପର୍ଯ୍ୟନ୍ତ ବୋଲିଯାଇ ନ ପାରେ । ଥୋଙ୍ଗାଲ ଜେନେରଲଙ୍କ ଆଦେଶରେ କୁଇଣ୍ଟନ ପ୍ରଭୃତି ସାହେବମାନେ ବଧ ହୋଇଥିଲେ ଏ କଥା ବୃତ୍ତାନ୍ତରୂପେ ପ୍ରମାଣିତ ହୋଇଅଛି ଓ ତହିଁପାଇଁ ସେ ପ୍ରାଣଦଣ୍ଡର ଯୋଗ୍ୟ ସନ୍ଦେହ ନାହିଁ । ମାତ୍ର ସେ ଅତ୍ୟନ୍ତ ବାର୍ଦ୍ଧକ୍ୟ ହେତୁ ଏମନ୍ତ ଶକ୍ତିହୀନ ହୋଇଥିଲେ ଯେ ଉଠି ବସି ପାରୁ ନ ଥିଲେ ଓ ଫାଶୀଦେବାବେଳେ ତାହାଙ୍କୁ କଏଦଖାନାରୁ ଡୋଲିଆଣି ଚୌକିରେ ବସାଇ ତାହାଙ୍କ ଗଳାରେ ଫାଶୀ ଦିଆଗଲା । ଏପରି ବୃଦ୍ଧଲୋକକୁ ଜେଲଖାନାର ନିୟମାନୁସାରେ କଏଦରୁ ଖଲାସ ହେବାର ବୟସ ଥିବା ପ୍ରତ୍ୟେକ୍ଷେ ଏହାଙ୍କୁ କିପରି ଫାଶୀ ଦିଆଗଲା ଆମ୍ଭେମାନେ ବୁଝିପାରୁ ନାହୁଁ ।

---

ସମ୍ବଲପୁର ଅଞ୍ଚଳର ବିଦ୍ୟାଳୟମାନ ପ୍ରତିବର୍ଷ ଜୁଲାଇମାସ ଆଦ୍ୟରୁ ଛଅସପ୍ତାହ ବନ୍ଦ ହୁଅଇ । ତହିଁର ଅଭିପ୍ରାୟ ଏହି କି ବାଳକମାନେ ଏ ସମୟରେ କୃଷିଶିକ୍ଷା କରିବେ ଏବଂ ଶିକ୍ଷକମାନେ ଆପଣା୨ ଗୃହର ଏବଂ ବନ୍ଧୁବାନ୍ଧବଙ୍କର ତତ୍ତ୍ୱ ନେବେ । ଏହି ସୁଯୋଗରେ କେତେବର୍ଷ ହେଲା ଶିକ୍ଷକସମ୍ମିଳନୀ ସଭା ବସିବାର ନିୟମ ଲାଗି ଆସୁଅଛି । ସମ୍ବଲପୁରହିତୈଷିଣୀରୁ ଅବଗତହେଲୁଁ ଯେ ଏଥର ଉକ୍ତ ସଭାର ଅଧିବେଶନ ହୋଇ ଚଳିତମାସ ତା ୧୯ରିଖରେ ଶେଷ ହେଲା । ସେଦିନ ଡେପୁଟୀକମିଶ୍ନର ସଭାରେ ଉପସ୍ଥିତ ହୋଇ ଉତ୍ସାହପୂର୍ଣ୍ଣ ବାକ୍ୟଦ୍ୱାରା ଶିକ୍ଷକମାନଙ୍କୁ ଅପ୍ୟାୟିତ କରିଥିଲେ ଏବଂ ଓଡ଼ିଆଭାଷାରେ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରି ନ ପାରିବାରୁ ଦୁଃଖ ପ୍ରକାଶ କରି ଆଗାମୀ ଅଧିବେଶନରେ ଓଡ଼ିଆ କହିପାରିବେ ବୋଲି ଆଶା ଦେଲେ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଡେପୁଟୀ କମିଶ୍ନର ସାହେବ ଆପଣା ଅଧୀନସ୍ଥ ରାଜ୍ୟଖଣ୍ଡର ଉନ୍ନତିସକାଶେ ବିଶେଷ ଯତ୍ନବାନ୍ ।

---

ବଙ୍ଗବାସୀର ବିପଦ ଏହି ଶିରୋନାମାଙ୍କିତ ଖଣ୍ଡିଏ ବିଜ୍ଞାପନ କଲିକତାରେ ପ୍ରଚାରିତ ହୋଇଅଛି । ତହିଁରେ ଲେଖାଅଛି କି ବଙ୍ଗବାସୀ ହିନ୍ଦୁଧର୍ମ ରକ୍ଷା କରିବାକୁ ଯାଇ ବିପଦଗ୍ରସ୍ତ ହୋଇ ଅଛନ୍ତି । ହାଇକୋର୍ଟରେ ପ୍ରାୟ ଆଠ ଦଶଦିନ ମୋକଦମାର ବିଚାର ହେବ ଏବଂ ବାରିଷ୍ଟର ଓ ଏଟର୍ଣ୍ଣି ଖର୍ଚ୍ଚା ଅନେକ ପଡ଼ିବ । ଏହି ଖରଚ ଦେବାକାରଣ ସାମାନ୍ୟ କୁଟିରବାସିଠାରୁ ମୁକୁଟଧାରି ରାଜା ପର୍ଯ୍ୟନ୍ତ ସମସ୍ତ ହିନ୍ଦୁଙ୍କୁ ପ୍ରାର୍ଥନା ହୋଇ ଅଛି । ସରକାରଙ୍କ ବାରିଷ୍ଟର ଫିଲ୍ ସାହେବ ଏହି ବିଜ୍ଞାପନ ଚିଫଜଷ୍ଟିସଙ୍କ ନିକଟରେ ଉପସ୍ଥିତ କରିବାରୁ ବଙ୍ଗବାସୀଙ୍କ ବାରିଷ୍ଟର କହିଲେ କି ବଙ୍ଗବାସୀପକ୍ଷରୁ ଏପରି ବିଜ୍ଞାପନ ଦିଆଯାଇ ନାହିଁ । ଏଥିକୁ ସଞ୍ଜୀବନୀ କହନ୍ତି କି କେତେକେ ବଙ୍ଗବାସୀନାମରେ କେହି ପ୍ରତାରକ ଲୋକଙ୍କଠାରୁ ଟଙ୍କା ଠକିନେବା ଅଭିପ୍ରାୟରେ ଏପରି କାର୍ଯ୍ୟ କରିଅଛି । କିନ୍ତୁ ଯେ ସ୍ଥଳେ ବଙ୍ଗବାସୀର ଏକ ସଂଖ୍ୟାରେ ଏଥିପୂର୍ବେ ଅର୍ଥ ସାହାଯ୍ୟର ପ୍ରାର୍ଥନା ହୋଇଥିଲା । ସେସ୍ଥଳେ ଏ ବିଜ୍ଞାପନ ପ୍ରତି ଅନେକଙ୍କର ବିଶ୍ୱାସ ହେବ । ଯାହା ହେଉ ଏ ଉଦ୍ଦେଶ୍ୟ ମନ୍ଦ ନୁହଇ ।

---

ଏଠା ମିଉନିସିପାଲିଟୀର ହେଳାରୁ ନଗରବାସୀ ଲୋକମାନଙ୍କର କଷ୍ଟ ହେବାର ଦେଖି ବଡ଼ ଦୁଃଖିତ ହେଲୁ । ଜଣେ ବନ୍ଧୁଙ୍କର ଅନୁରୋଧରେ ଗତସପ୍ତାହର [illegible] ଉତ୍ତାରୁ ଭଗବାନ ମହାଦେବଙ୍କ ଅଞ୍ଚଳକୁ ଭ୍ରମଣ କରିବାକୁ ଯାଇ ଦେଖିଲୁଁ ଯେ ଏକସ୍ଥାନରେ ସଡ଼କପାଖରେ ଜଳ ଜମା ହୋଇ ଏକବ୍ୟକ୍ତିର ଘରର କାନ୍ଥ ପଡ଼ି ଯାଇଅଛି ଏବଂ ଆଉ ଏକସ୍ଥଳରେ ବାଟଉପରେ ଅନେକ ଦୂରଯାଏ ବସ୍ତିର ଜଳ ଜମା ହୋଇଅଛି । ଏ ପାଣି ସେହିଠାରେ ମରିଥିବ । ଏବଂ ତହିଁର ଦୁର୍ଗନ୍ଧ ରୋଗର ପ୍ରାଦୁର୍ଭାବ ହୋଇ ବାସିନ୍ଦାଙ୍କୁ କେତେ କଷ୍ଟ ଦେବ ସହଜରେ ଅନୁମାନ ହୋଇପାରେ । ଯଥାସମୟରେ ନାଳମାନ ମରାମତ ନ ହେବାରୁ ଏ ଅନିଷ୍ଟ ଘଟିଅଛି । ଏଠାଲୋକେ ନିତାନ୍ତ ଗରିବ ଓ ଅଜ୍ଞ । ତେଣୁ ଯଥାପୂର୍ବକ ନାଲିସ କରିବାର ଜାଣନ୍ତି ନାହିଁ ଆପଣା ଦୁଃଖ ମିଉନିସିପାଲିଟୀକି ଲେଖି ଜଣାଇବାକୁ ସୁଦ୍ଧା ଚେଷ୍ଟା କରନ୍ତି ନାହିଁ । ଏ ଅବସ୍ଥାରେ ମିଉନିସିପାଲିଟୀର ଅଧିକ ମନୋଯୋଗୀ ହେବା ଉଚିତ । ସ୍ଥାନୀୟଲୋକମାନେ କମିଶ୍ନର ହୋଇ ଯେବେ ଲୋକଙ୍କ କଷ୍ଟ ନିବାରଣପ୍ରତି ଅଧିକ ମନୋଯୋଗୀ ନ ହେଲେ ତେବେ ଆତ୍ମଶାସନପ୍ରଣାଳୀ ପ୍ରଚଳ ହେବାଦ୍ୱାରା ଅର୍ଥ କି ହେଲା ।

---

ଏବର୍ଷ ବର୍ଷାକାଳ ପଛକୁ ଘୁଞ୍ଚିବାରୁ କୃଷିକାର୍ଯ୍ୟର ବଡ଼ ବ୍ୟାଘାତ ହୋଇଥିଲା । ଗତ ଜୁଲାଇମାସ ଶେଷଭାଗରେ ଯେଉଁ ବଡ଼ ବର୍ଷା ଓ ବଢ଼ି ହେଲା ସେହି ପାଣିରେ ଲୋକେ ବିଲ ବେହୁଣା କାର୍ଯ୍ୟ କଲେ । ତହିଁ ପରେ ଆକାଶର ଜଳ ଅଭାବରୁ ନାଳକୂଳୀୟମାନେ ନାଳ ଜଳଦ୍ୱାରା ବେଉଷଣ କାର୍ଯ୍ୟ ଅନାୟାସରେ ଶେଷ କରି ପାରିଥାନ୍ତେ ମାତ୍ର ପ୍ରଜାମାନେ ପୁନଃ ପ୍ରାର୍ଥନା କରି ସୁଦ୍ଧା ପ୍ରଚୁର ନାଳଜଳ ପାଇଲେ ନାହିଁ । ଅନ୍ତତଃ କେନ୍ଦ୍ରାପଡ଼ାନାଳର କର୍ମଚାରୀ ଜଳ ଯୋଗାଇବାରେ ନିତାନ୍ତ କୃପ-

Digitized by srujanika@gmail.com

Split by PDF Splitter



ଣତା କରଥିବାର ପ୍ରଜାମାନେ ଗୁହାରି କରନ୍ତି। ଏହି ଗୁହାରି ଆମ୍ଭମାନଙ୍କର କଲେକ୍ଟର ସାହେବଙ୍କ କର୍ଣ୍ଣଗୋଚର ହେବାରୁ ସେ ବର୍ତ୍ତମାନ ମୋଫସଲରେ ଗସ୍ତକରି ସ୍ୱୟଂ ଏଥିର ଅନୁସନ୍ଧାନ କରୁ ଅଛନ୍ତି। କଲେକ୍ଟର ସାହେବଙ୍କର ଏ କାର୍ଯ୍ୟଟି ଉତ୍ତମ ଅଟଇ ଏବଂ ଏଥିପାଇଁ ପ୍ରଜାମାନେ ତାହାଙ୍କଠାରେ ବଡ଼ କୃତଜ୍ଞ ହୋଇ ଅଛନ୍ତି। ଜଳକର ଦେବାକୁ ପ୍ରଜାମାନେ ଅଦୌ ଅସ୍ୱୀକାର ମନେ କରନ୍ତି ଯେବେ ତହିଁ ଉପରେ ଯଥା ସମୟରେ ଜଳ ନ ପାଇବେ ଓ ତଦ୍ଦ୍ୱାରା କ୍ଷେତ କଟିବାର ବ୍ୟାଘାତ ହେବ ତେବେ ସେମାନଙ୍କ ମନ ଉପର ହେବ ଅନାୟାସରେ ଅନୁମାନ କରି ଯାଇ ପାରେ। ବାସ୍ତବରେ ଯଥା ସମୟରେ ଜଳ ପାଇଲେ ପ୍ରଜାମାନଙ୍କର ଜଳକର ଦେବା ଗୁହାରି ଅଧେ ଊଣା ହୋଇ ଯିବ ଓ ତାଲକୁ କାଳପ୍ରାୟ ନ ମଣି ଆଦର କରିବେ। ଆମ୍ଭେମାନେ ଆଶା କରୁଁ କି ଏଣିକି ଯଥାସମୟରେ ଜଳ ଯୋଗାଇବାର ବିହିତ କଟକଣା ହେବ।

ଏଉତ୍ତରୁ ଆମ୍ଭେମାନେ ଅବଗତ ହେଲୁଁ ଯେ କେନାଲ୍‌କର୍ମାଧ୍ୟକ୍ଷ ଶ୍ରୀଯୁକ୍ତ ରବର୍ଟସାହେବଙ୍କ ବିଶେଷ ଯତ୍ନରେ ଏ ଅନୁସନ୍ଧାନର ସୂତ୍ରପାତ ହେଲା। ଜଳକର ଆଦାୟ କରିବା ଯାହାଙ୍କର କାର୍ଯ୍ୟ ଲୋକେ ପ୍ରୟୋଜନାନୁସାରେ ଜଳ ପାଇଲେ କି ନା ଏହା ବୁଝିବା ତାଙ୍କର ଅତ୍ୟନ୍ତ ଆବଶ୍ୟକ ଅଟଇ ଏବଂ ଶ୍ରୀଯୁକ୍ତ ରବର୍ଟସାହେବ ଆପଣା ଦାୟିତ୍ୱ ଓ କର୍ତ୍ତବ୍ୟପ୍ରତି ଯଥାର୍ଥ ଦୃଷ୍ଟି ରଖିବାରୁ ଧନ୍ୟବାଦର ପାତ୍ର ହୋଇ ଅଛନ୍ତି।

---

କଲିକତା ନିକଟ କାଶୀପୁରଠାରେ "ପ୍ରାକ୍‌ଟିକାଲ ଇନଷ୍ଟିଚ୍ୟୁସନ" ନାମରେ କୃଷି ଓ ଫଳଫୁଲର ଉଦ୍ୟାନ ସମ୍ବନ୍ଧୀୟ ଶିକ୍ଷାଦେବା କାରଣ ଗୋଟିଏ କାର୍ଯ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ତହିଁର ତୃତୀୟବାର୍ଷିକ ବିବରଣୀ ଏବଂ କାର୍ଯ୍ୟାଳୟର ନିୟମାବଳୀ କୃତଜ୍ଞତା ସହିତ ପ୍ରାପ୍ତିସ୍ୱୀକାର କରୁଅଛୁଁ। ଏହି କାର୍ଯ୍ୟାଳୟ ୧୮୮୬ ସାଲରେ ବାବୁ ହେମଚନ୍ଦ୍ର ମିତ୍ରଙ୍କଦ୍ୱାରା ଅନୁଷ୍ଠିତ ହୋଇ ଅବଧି କ୍ରମଶଃରୂପେ ଚାଲୁଅଛି ଏବଂ ଏଠାରେ କେତୋଟି ଛାତ୍ର ଗ୍ରାସାଚ୍ଛାଦନ ଓ ମାସିକ ଟ ୧୦୯ ଙ୍କା ଲେଖାଁଏ ବୃତ୍ତି ପାଇ କାର୍ଯ୍ୟଶିକ୍ଷା କରୁ ଅଛନ୍ତି। ଏହି କାର୍ଯ୍ୟାଳୟସଙ୍ଗେ ଗୋଟିଏ ପୁସ୍ତକାଗାର ସ୍ଥାପିତ ହୋଇ ତହିଁରେ ଉଦ୍ଭିଦବିଦ୍ୟାର ଅତିଉତ୍କୃଷ୍ଟ ଏବଂ ଅପୂର୍ବ ପୁସ୍ତକମାନ ସଂରକ୍ଷିତ ହୋଇଅଛି। ଏହି କାର୍ଯ୍ୟାଳୟ ସଂଲଗ୍ନରେ ଉଲଟଡଙ୍ଗା ଏବଂ ଦମଦମାରେ ବିସ୍ତୀର୍ଣ୍ଣ ଭୂମିଖଣ୍ଡ କ୍ରୟ ହୋଇ ତହିଁରେ ଫଳ-ପୁଷ୍ପର ବୃକ୍ଷମାନ ପ୍ରସ୍ତୁତ ଓ ନାନାପ୍ରକାର କୃଷିର ପରୀକ୍ଷା ହେଉଅଛି। ଗତବର୍ଷରେ ଟ ୨୫୦୯ ଙ୍କାର ମଞ୍ଜି ନିକଟବର୍ତ୍ତୀ କୃଷିମାନଙ୍କୁ ବିନା ମୂଲ୍ୟରେ ବିତରିତ ହୋଇଥିଲା ଏବଂ ଫଳ ଓ ପୁଷ୍ପର ପ୍ରଦର୍ଶନୀ ହୋଇ ପ୍ରଦର୍ଶକମାନଙ୍କୁ ଯୋଗ୍ୟତାନୁସାରେ ପୁରସ୍କାର ଦିଆଯାଇଥିଲା। ଗତ ୧୮୯୬ ସାଲରେ ଫଳ ଓ ଫୁଲ ଗଛ ଓ ମଞ୍ଜି ବିକ୍ରୟରେ ପ୍ରାୟ ୩ ହଜାର ଏକଶତ ଟଙ୍କା ଏବଂ ଫଳ ବିକ୍ରୟରେ ଟ ୧୫୦୯ ଙ୍କା ଗାଏ ଟ ୩୨୫୬୯ ଙ୍କା ଆୟ ମାତ୍ର ଟ ୨୭୨୫୦୯ ଙ୍କା ବ୍ୟୟ ହୋଇଥିଲା। ଅବଶିଷ୍ଟ ୩୫ ଶତଟଙ୍କା ହେମଚନ୍ଦ୍ର ବାବୁ ଆପଣା ହାତରୁ ଦେଇଥିଲେ। ସ୍ୱଦେଶର ଉନ୍ନତି ନିମିତ୍ତ ହେମବାବୁଙ୍କର ଏପ୍ରକାର ବ୍ୟୟ ବଡ଼ ପ୍ରଶଂସାର ବିଷୟ ଅଟଇ। ଯେତେଦିନ କାର୍ଯ୍ୟାଳୟଟି ଆପଣାର ବ୍ୟୟ ନିର୍ବାହ କରିବାକୁ ସମର୍ଥ ହୋଇ ନାହିଁ ତେତେଦିନ ସେ ଏହିପରି ସାହାଯ୍ୟ ଦେବାକୁ ସଙ୍କଳ୍ପ କରିଅଛନ୍ତି। ଓଡ଼ିଶାର ଧନୀ ଜମିଦାରମାନଙ୍କୁ ହେମବାବୁଙ୍କର ଏହି ଉଦାର ଦେଶହିତକରକାର୍ଯ୍ୟର ଅନୁଗାମୀ ହେବା କାରଣ ଆମ୍ଭେମାନେ ଅନୁରୋଧ କରୁଁ। ସେମାନଙ୍କ ମଧ୍ୟରୁ କେହି କାଶୀପୁର କାର୍ଯ୍ୟାଳୟର ସଭ୍ୟ ହୋଇ ସେଠାରୁ କଲମ ଓ ମଞ୍ଜି ଆଣାଇଁ ସେହି ନିୟମରେ କାର୍ଯ୍ୟ କଲେ ଅନେକ ଉପକାର ହେବ। ଅପର ଯେଉଁମାନଙ୍କର ସମୟ୨ରେ କଲମ ଗଛ ଓ ମଞ୍ଜିର ପ୍ରୟୋଜନ ହୁଅଇ ଏହି କାର୍ଯ୍ୟାଳୟରୁ କ୍ରୟକରି ଏହାଙ୍କୁ ସାହାଯ୍ୟ କରିବା ସକାଶେ ସେମାନଙ୍କୁ ଅନୁରୋଧ କରୁଅଛୁଁ।—

---

## ସ୍ମରଣାର୍ଥ-ସଭା।

ସ୍ୱର୍ଗୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ସ୍ମରଣାର୍ଥ ଏଠା କଲେଜଗୃହରେ ଗତ ରବିବାର ଅପରାହ୍ନକାଳରେ ହୋଇଥିଲା। ଏସଭା ତହିଁ ପୂର୍ବଦିନ ହେବାର ଥିଲା ବୋଲି ଆମ୍ଭେମାନେ ଭ୍ରମରେ ଗତସପ୍ତାହରେ ଲେଖିଥିଲୁଁ ସୁଖର ବିଷୟ ଯେ ପୃଥକ୍ ବିଜ୍ଞାପନ ପ୍ରଚାରିତ ହୋଇଥିବାରୁ ଉକ୍ତ ଭ୍ରମହେତୁ କିଛି କ୍ଷତି ହୋଇ ନାହିଁ। ଅବଶ୍ୟ ତହିଁପୂର୍ବ ରବିବାର ଯେଉଁ ସଭା ହୋଇଥିଲା ଓ ମୋହରମ ହେତୁ ଅଳ୍ପଲୋକ ଉପସ୍ଥିତ ହେବାରୁ ସ୍ଥଗିତ ହେଲା ଓ ତହିଁର ଦ୍ୱିଗୁଣ ଲୋକ ଏଥର ଉପସ୍ଥିତ ହୋଇଥିଲେ ହେଁ ଏ ନଗରପ୍ରତି ଏହାକୁ ବଡ଼ସଭା ବୋଲିଯାଇ ନ ପାରେ। ତହିଁର କାରଣ ଆମ୍ଭେମାନେ ବୋଧ କରୁଁ କି ଉକ୍ତ ମହାତ୍ମାମାନେ ଇଂରାଜୀ ଶିକ୍ଷିତ ଓ ବିଦ୍ୱାନ୍ ମଣ୍ଡଳୀରେ ବିଶେଷରୂପେ ପରିଚିତ। ସେହିଲ ଲୋକର ସଂଖ୍ୟା ଏ ନଗରରେ ଅଳ୍ପ ଏବଂ ତହିଁମଧ୍ୟରୁ କେତେଲୋକ ସାଧାରଣ ବିଷୟରେ ଉଦାସୀନ ଏବଂ ରେଲବାଟର ଅଭାବହେତୁ କଟକ ଓ କଲିକତାମଧ୍ୟରେ ଅଧିକ ମିଶାମିଶି ଜଣାଶୁଣାର ସୁବିଧା ନାହିଁ। ନତୁବା ଯେଉଁ ମହାତ୍ମାମାନଙ୍କ ସ୍ମରଣାର୍ଥ ଏ ସଭା ହୋଇଥିଲା ତାହାଙ୍କଦ୍ୱାରା ଓଡିଶା ଉପକୃତ ହୋଇଥିବାସ୍ଥଳେ ଅଳ୍ପଲୋକ ହେବାର କାରଣ ନ ଥିଲା। ଯାହା ହେଉ ନଗରବାସୀ କେତେକଜଣ ପ୍ରଧାନ ଭଦ୍ରଲୋକ ସମାଗତ ହୋଇଥିଲେ ଏବଂ ସଭାର କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକରୂପେ ନିର୍ବାହ ହେଲା।। ବାବୁ ଜଗନ୍ମୋହନ ରାୟ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ବାବୁ ବଳରାମ ମଲ୍ଲୀକ, ବାବୁ ମଧୁସୂଦନ ଦାସ, ବାବୁ ହରବଲ୍ଲଭ ବସୁ, ବାବୁ ନନ୍ଦକିଶୋର ଦାସ ରାୟ ବାହାଦୂର, ବାବୁ ଅବିନାଶଚନ୍ଦ୍ର ଚଟ୍ଟୋପାଧ୍ୟା, ବାବୁ ଯୋଗେଶଚନ୍ଦ୍ର ରାୟ, ବାବୁ କପିଳଚନ୍ଦ୍ର ମିତ୍ର ଓ ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟା ମୃତ ମହାତ୍ମାମାନଙ୍କର ଗୁଣଗାୟନ ଏବଂ ତାହାଙ୍କ ପ୍ରୀତରେ ଉପଯୁକ୍ତ କୀର୍ତ୍ତି ସ୍ଥାପନ ବିଷୟରେ ବକ୍ତୃତାମାନ କରିଥିଲେ। ଏ ମହାତ୍ମାମାନଙ୍କ ମୃତ୍ୟୁରେ ସଭା ଅତ୍ୟନ୍ତ ଦୁଃଖିତ ଥିବା ଓ ତାହାଙ୍କ ପରିବାରସ୍ଥ ବ୍ୟକ୍ତିଙ୍କ ନିକଟକୁ ସାନ୍ତ୍ୱନା ଓ ସହାନୁଭୂତିସୂଚକ ପତ୍ର ପଠାଯିବା ଓ କୀର୍ତ୍ତିସ୍ଥାପନର ଉପାୟଚିନ୍ତା ଏବଂ ସଭାର ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରିବାନିମନ୍ତେ କାର୍ଯ୍ୟକାରିଣୀ ସଭା ଗଠିତ ହେବାର ପ୍ରସ୍ତାବମାନ ଧାର୍ଯ୍ୟ ହୋଇ ସଭା ଭଙ୍ଗହେଲା। କିପ୍ରକାର କୀର୍ତ୍ତିସ୍ଥାପନ ହେବ ଏକଥା ସେଦିନ ଅନେକ ତର୍କବିତର୍କ ସଭାରେ ହୋଇଥିଲା। କେହି କହିଲେ ଯେ ସ୍ମରଣ-ଚିହ୍ନସ୍ୱରୂପ ଚିତ୍ରପଟ ଲେଖାଇବା, ପ୍ରସ୍ତରମୂର୍ତ୍ତି ଗଢି ରଖିବା ଉପଯୁକ୍ତ ଉପାୟ ନୁହଇ କାରଣ ତହିଁରେ କେବଳ ବାହ୍ୟରୂପ ଦୃଷ୍ଟିହୁଅଇ ଅନ୍ତରର କଥା ପ୍ରକାଶପାଏ ନାହିଁ। ମୃତ ମହାତ୍ମାମାନେ ଦେଖିବାକୁ ସୁନ୍ଦର ନ ଥିଲେ କିନ୍ତୁ ସେମାନଙ୍କ

Digitized by srujanika@gmail.com

ମସ୍ତିଷ୍କ ଏବଂ ଅନ୍ତଃକରଣ ହେତୁ ଜଗତରେ ପୂଜନୀୟ ହୋଇଅଛନ୍ତି ଯାହାକ କୌଣସି ଶିଳ୍ପିକର ପ୍ରକାଶ କରି ନ ପାରେ । ସେମାନଙ୍କ ଜୀବନଚରିତ ବାହୁଲ୍ୟରୂପେ ପ୍ରସ୍ତୁତ ହେଲେ ତାହାଙ୍କ ଉପଯୁକ୍ତ କୀର୍ତ୍ତି ହେବ । ଅନ୍ୟ କେହି୨ ଏକଥା ଯୁକ୍ତିଯୁକ୍ତ ଥିବାର ସ୍ୱୀକାର କରି କହିଲେ କି ଏପରି ଲୋକଙ୍କର ଜୀବନଚରିତର ଅଗ୍ରାହ ହେବ ନାହିଁ ଓ ପ୍ରସ୍ତର ବା ପାଷାଣ ମୂର୍ତ୍ତିଦ୍ୱାରା ସ୍ମରଣଚିହ୍ନ ରଖିବା ମଧ୍ୟ ସଭ୍ୟସମାଜର ପ୍ରଚଳିତ ରୀତି ଅଟଇ ଏବଂ ସେସବୁର ଉଦ୍ଦେଶ୍ୟ ଉକ୍ତ ବ୍ୟକ୍ତିମାନଙ୍କର ବାହ୍ୟିକ ସୌନ୍ଦର୍ଯ୍ୟ ଦେଖାଇବା ନୁହଇ ମାତ୍ର ସର୍ବସାଧାରଣଙ୍କର ତାହାଙ୍କପ୍ରତି ସେହି ସମ୍ମାନ ଓ କୃତଜ୍ଞତା ଦେଖାଇବା ଅଟଇ । ଅନ୍ତରର ଗୁଣ ବାହ୍ୟରୂପରେ ପ୍ରକାଶ ନ ପାଇଲେ ହେଁ ରୂପ ଦେଖିଲେ ଗୁଣ ଆପେ୨ ମନେ ପଡେ ଏବଂ ଗୁଣହେତୁ ରୂପ ପୂଜିତ ହୁଅଇ । ଆଉ କେହି କହିଲେ କି ମୃତମହାତ୍ମାମାନେ ଯେ ସବୁ କାର୍ଯ୍ୟ ବିଶେଷ ସୁଖକର ମଣୁଥିଲେ ସେ ସବୁ କାର୍ଯ୍ୟ କରି ଗଲେ ଅର୍ଥାତ୍ ସେମାନଙ୍କ ନାମରେ ଗରିବ ଛାତ୍ରମାନଙ୍କୁ ବିଦ୍ୟାଦାନ କିମ୍ବା ଅନାଥା ବିଧବା ବା ଦରିଦ୍ରମାନଙ୍କୁ ଅନ୍ନଦାନର ବ୍ୟବସ୍ଥା କଲେ ଉତ୍ତମରୂପେ କୀର୍ତ୍ତି ସ୍ଥାପନ ହେବ । କାର୍ଯ୍ୟକାରିଣୀ ସଭାର କର୍ତ୍ତୃପକ୍ଷମାନଙ୍କୁ ଏସବୁ ସଙ୍କେତ ପ୍ରଦତ୍ତ ହେଲା । ଉକ୍ତ ସଭାରେ ଯୋଗ୍ୟ ବ୍ୟକ୍ତିମାନେ ଅଛନ୍ତି ସେମାନେ ପାତ୍ରର ଅବସ୍ଥା ଓ ଦେଶର ପ୍ରୟୋଜନ ଦୃଷ୍ଟିରେ ଉଚିତ କୀର୍ତ୍ତିସ୍ଥାପନର ବ୍ୟବସ୍ଥା କରିବେ । ଆମ୍ଭମାନଙ୍କ ବିବେଚନାରେ ଏ ପ୍ରଦେଶର ଦରିଦ୍ରତା ଓ ଶିକ୍ଷାର ଅବନତି ଦୃଷ୍ଟିରେ ପ୍ରସ୍ତର ବା ପାଷାଣମୂର୍ତ୍ତି ପ୍ରଭୃତି ସ୍ଥାପନର ବ୍ୟବସ୍ଥା କଲେ ଅଧିକ ଉପକାର ହେବ । ମୃତମହାତ୍ମାମାନେ ଆପଣା କୀର୍ତ୍ତି ଆପେ ରଖିଯାଇ ଅଛନ୍ତି ଓଡ଼ିଶାର ଦୁର୍ଭିକ୍ଷବର୍ଷଯୁକ୍ତ ଇତିହାସ ଏବଂ ମେଟ୍ରୋପଲିଟନ କଲେଜଠାରୁ ବଡ଼ କିଛି ହୋଇ ନ ପାରେ । କେବଳ ଅଂଶୀମାନଙ୍କୁ ବୁଝାଇବା ଓ ସେମାନଙ୍କପ୍ରତି ସମ୍ମାନ ଦେଖାଇବା ଆବଶ୍ୟକ ଅତଏବ ଆମ୍ଭେମାନେ ଅନୁରୋଧ କରୁଁ ଯେ ଏହି କର୍ତ୍ତବ୍ୟ କାର୍ଯ୍ୟରେ ସାହାଯ୍ୟ ଦେବାକୁ ସର୍ବସାଧାରଣ ଅଗ୍ରସର ହେବେ ।

---

## ବଙ୍ଗବାସୀର—ମୋକଦ୍ଦମା ।

ଗତ ତା ୧୯ ଖ ବୁଧବାର କଲିକତା ହାଇକୋର୍ଟର ସେସନରେ ବଙ୍ଗବାସୀର ମୋକଦ୍ଦମା ଆରମ୍ଭ ହେଲା । ସ୍ୱୟଂ ଚିଫ୍‌ଜଷ୍ଟିସ ସର୍ କୋମରପିଥେରାମ ବିଚାରାସନ ଅଧିକାର କରିଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କପକ୍ଷରେ ଉଡ୍‌ରଫ, ଇଭାନ୍‌ସ, ପେଜ୍ ଓ ଡ଼ନ ସାହେବମାନେ ଏବଂ ବଙ୍ଗବାସୀପକ୍ଷରେ ଜାକସନ, ଗ୍ରାହାମ, ଏସ, ପି, ସିଂହ ଏବଂ ଏନ, ଏନ, ଘୋଷ ସାହେବମାନେ କାଉନ୍‌ସଲ ନିଯୁକ୍ତ ହୋଇଅଛନ୍ତି । ପ୍ରଥମେ ଜାକସନ ସାହେବ ଆସାମିପକ୍ଷରୁ ଏ ମୋକଦ୍ଦମା ଅନ୍ୟସେସନର ଅଧିବେଶନପର୍ଯ୍ୟନ୍ତ ଅଥବା ନିତାନ୍ତପକ୍ଷରେ ଦ ୧୦ ଦିନ ମୁଲତବୀ ରଖିବାର ପ୍ରାର୍ଥନା କଲେ । ଅପରପକ୍ଷ ତହିଁରେ ଆପତ୍ତି କରି କହିଲେ କି ମୁଲତବୀର କିଛି କାରଣ ନାହିଁ ଓ ମୋକଦ୍ଦମାର କାଗଜପତ୍ର ଯଥାସମୟରେ ଆସାମିଙ୍କୁ ଦିଆଯାଇଅଛି ଏପରି ମୋକଦ୍ଦମା ସ୍ଥଗିତ ରହିଲେ ସାଧାରଣ ଅନିଷ୍ଟ ହେବ । ବିଚାରପତି ମୋକଦ୍ଦମା ସ୍ଥଗିତ ରଖିବାର ପ୍ରାର୍ଥନା ଅଗ୍ରାହ୍ୟ କରିବାରୁ ଶ୍ରୀଯୁକ୍ତ ଜାକସନ ସାହେବ ମାନହାନିର ଅଭିଯୋଗ ଅଗ୍ରାହ୍ୟ କରିବାର ପ୍ରାର୍ଥନା କଲେ । ସେ କହିଲେ କି ଆଇନାନୁସାରେ ମାନହାନି ଅପରାଧ ରକ୍ଷାଯୋଗ୍ୟ କିନ୍ତୁ କାହାର ମାନହାନି ହୋଇଅଛି ତାହା ସ୍ପଷ୍ଟ ପ୍ରକାଶ ନ ହେବାରୁ ଆସାମି କାହାସଙ୍ଗେ ରକ୍ଷା କରିବ ନିଶ୍ଚୟ କରିପାରୁ ନାହାନ୍ତି । ଅଭିଯୋଗରେ ଗବର୍ଣ୍ଣମେଣ୍ଟଙ୍କ ମାନହାନି କରିବା କଥା ଲେଖାଅଛି ମାତ୍ର କେଉଁ ଗବର୍ଣ୍ଣମେଣ୍ଟ ତାହା ଦେଖାଇ ଦିଆଯାଇ ନାହିଁ । ଅନୁମାନ କରି ଗବର୍ଣ୍ଣମେଣ୍ଟ ଶବ୍ଦରେ ଇଣ୍ଡିଆ-ଗବର୍ଣ୍ଣମେଣ୍ଟ ବୁଝାଇବ ତାହା ହେଲେ ସୁଦ୍ଧା ଗବର୍ଣ୍ଣମେଣ୍ଟ ଜଣେ ମନୁଷ୍ୟ କିମ୍ବା କମ୍ପାନୀ କି ସମ୍ପ୍ରଦାୟ ନୁହଇ । ଗବର୍ଣ୍ଣରଜେନରଲ ଓ ତାହାଙ୍କର ମନ୍ତ୍ରିବର୍ଗ ମିଶି ଗୋଟିଏ ଗବର୍ଣ୍ଣମେଣ୍ଟ ହୋଇଯାଏ । କିନ୍ତୁ ସେ ସବୁ ମନ୍ତ୍ରୀଙ୍କର ଫେରଫାର ସର୍ବଦା ଲାଗିଅଛି । ସୁତରାଂ ଗବର୍ଣ୍ଣମେଣ୍ଟ ଜଣେ ବ୍ୟକ୍ତି ବା କମ୍ପାନୀ ହେଉ ନ ଥିବାସ୍ଥଳେ ମାନହାନିର ନାଲିସ କରି ନ ପାରନ୍ତି ଫରିଆଦିପକ୍ଷରୁ ଏଥିର ପ୍ରତିବାଦ ହେଲା ମାତ୍ର ବିଚାରପତି ସମସ୍ତ ବିବେଚନାପୂର୍ବକ ମାନହାନିର ଅଭିଯୋଗ ଉଠାଇ ଦେଲେ । ଅତଏବ ବଙ୍ଗବାସୀଙ୍କ ଉପରେ ଯେଉଁ ଦୁଇଟି ଅପରାଧର ଅଭିଯୋଗ ହୋଇଥିଲା ତହିଁମଧ୍ୟରୁ ଗୋଟିଏ ଅଗ୍ରାହ୍ୟ ହେବାରୁ ସେ ତହିଁରୁ ନିସ୍ତାର ପାଇଲେ କେବଳ ଅପର ଅଭିଯୋଗ ଅର୍ଥାତ୍ ରାଜବିଦ୍ରୋହ ଅପରାଧର ବିଚାର ହେବ । ଏ ମୋକଦ୍ଦମା ବିଚାର କାରଣ ବିଶେଷ ଜୁରି ଆହୂତ ହୋଇଥିଲେ । ଉଭୟପକ୍ଷର ଆପତ୍ତି-ଅନୁସାରେ କେତେ ଲୋକ ବାହାରିଯାଇ ପରିଶେଷରେ ନ ୮ ଜଣ ଇଂରାଜ ଓ ଏକଜଣ ବଙ୍ଗାଳି ଏପରି ୯ ଜଣ ଜୁରିରେ ବସିଲେ ଓ ମୋକଦ୍ଦମାର ବିଚାର ଆରମ୍ଭ ହେଲା । ଗବର୍ଣ୍ଣମେଣ୍ଟଙ୍କପକ୍ଷରୁ ପିଉସାହେବ ସୁଦୀର୍ଘବକ୍ତୃତା କରି ଜୁରିଙ୍କର କର୍ତ୍ତବ୍ୟ ସମ୍ପାଦକର ସ୍ୱାଧୀନତା ଓ ବଙ୍ଗବାସୀରେ ଯେ ସମସ୍ତ ପ୍ରବନ୍ଧ ବାହାରିଅଛି ତହିଁରେ ହିନ୍ଦୁଧର୍ମନାଶର କଥା କହି ଲୋକଙ୍କୁ ଦଙ୍ଗାହଙ୍ଗାମା କରିବାବିଷୟରେ ଉତ୍ତେଜନା କରିବା ଇତ୍ୟାଦି ଅନେକ କଥା କହିଅଛନ୍ତି ତହିଁର ସଂକ୍ଷେପବିବରଣ ମଧ୍ୟ ଏ କ୍ଷୁଦ୍ର ପତ୍ରିକାରେ ପ୍ରକାଶକରିବା ଅସମ୍ଭବ । ସୁତରାଂ ତହିଁରୁ କେବଳ ଏତିକି ଉଲ୍ଲେଖ କରିବୁ ଯେ ସମ୍ପାଦକର ସ୍ୱାଧୀନତା ଲୋପ କରିବା ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହଇ ମାତ୍ର ଯେଉଁମାନେ ସ୍ୱାଧୀନତାର ମହତ୍ତ୍ୱ ନ ବୁଝି ଯଥେଚ୍ଛା ଲେଖନ୍ତି ଏବଂ ଗବର୍ଣ୍ଣମେଣ୍ଟର ନିନ୍ଦା ପ୍ରଚାର କରନ୍ତି ସେମାନଙ୍କୁ ଦମନ କରିବା ଉଚିତ ଏବଂ ଏହି ଉଦ୍ଦେଶ୍ୟରେ ଏ ମୋକଦ୍ଦମା ଉପସ୍ଥିତ ହୋଇଅଛି । ଏହାଙ୍କ ବକ୍ତୃତାରେ ଏଦିନ କଚେରୀର ସମୟ ଶେଷ ହେଲା ଏବଂ ଆରଦିନ କଚେରୀରେ ବକ୍ତୃତା ଶେଷ ହେଲା ଉତ୍ତାରୁ ତିନିଜଣ ସାକ୍ଷୀଙ୍କର ଯୋବାନବନ୍ଦୀ ହେଲା ।

ତୃତୀୟଦିନ ଶୁକ୍ରବାର ଆଉ ତିନିଜଣ ସାକ୍ଷୀଙ୍କର ଯୋବାନବନ୍ଦୀ ନିଆଗଲ ମୁଦ୍ଦେଇ ପକ୍ଷରୁ ମୋକଦ୍ଦମା ଶେଷ କରି ମାନ୍ୟବର ବାରିଷ୍ଟର ଇଭାନ୍‌ସ ସାହେବ ଏକ ଦୀର୍ଘ ବକ୍ତୃତାରେ କହିଲେ କି ଆସାମିମାନେ ଯଥାକ୍ରମେ ବଙ୍ଗବାସୀର ଅଧିକାରୀ, ସମ୍ପାଦକ, ମାନେଜର ଓ ପ୍ରିଣ୍ଟର ଥିବାର ପ୍ରମାଣ ହୋଇଅଛି ଏବଂ ଯେସବୁ ପ୍ରବନ୍ଧ ଉକ୍ତ ପତ୍ରିକାରେ ପ୍ରକାଶ ହେବାରୁ ଏ ମୋକଦ୍ଦମା ହୋଇଅଛି ତାହାସବୁ ବିଦ୍ରୋହସୂଚକ ଓ ତହିଁରେ ଗବର୍ଣ୍ଣମେଣ୍ଟଙ୍କର ଏପରି ନିନ୍ଦା ଓ ଅପମାନ ହୋଇଅଛି ଯେ ଲୋକଙ୍କର ଘୃଣା ଜାତ ହେବା ଏବଂ ଦଙ୍ଗାହଙ୍ଗାମା ଇତ୍ୟାଦି ଅନିଷ୍ଟ ହେବା ଆଶ୍ଚର୍ଯ୍ୟ ନୁହଇ । ଏଦିନ ଏହାଙ୍କ ବକ୍ତୃତାରେ ଶେଷ ହେଲା ।

ଚତୁର୍ଥ ଦିନ ଶନିବାର ଆସାମିର ବାରିଷ୍ଟର ଜାକସନ୍ ସାହେବ ଆସାମିପକ୍ଷରୁ କୌଣସି ସଫାଇ ସାକ୍ଷ୍ୟ ନ ଦେଇ ଅତ୍ୟନ୍ତ ଯୋଗ୍ୟତା-

Digitized by srujanika@gmail.com

ରୁଷିଆ ଓ ଫ୍ରାନ୍ସ ଦେଶମଧ୍ୟରେ ଗୋପନଭାବରେ ସନ୍ଧି ହୋଇ ଯାଇଥିବାର ବିଲାତ ଟାଇମସ୍ ପତ୍ରିକା ପ୍ରକାଶ କରିଅଛନ୍ତି ମାତ୍ର ସେ କହନ୍ତି ଯେ ଏତଦ୍ୱାରା ଶାନ୍ତି ସଂରକ୍ଷିତ ହେବ।

ନେମବର୍ଗ୍ର ଜଣେ ଲୋକ ଅପଣାର ୭ ୭୦ ବର୍ଷ ବୃଦ୍ଧ ମାତାଙ୍କୁ କୁକୁରୀବାସ ତଳ କରିଥିବାର ସମ୍ବାଦ ମିଳଇ। ଲୋକଟିର ଅନ୍ତଃକରଣ ମନ୍ଦ ଥିଲା ଏବଂ ସେହେତୁ ତାହାର ମାତା ବରକ୍ତ ହୋଇ ତାହାକୁ ସର୍ବସର୍ବଦା ଭର୍ତ୍ସନା କରୁଥିଲେ। ଏଥିପାଇଁ ଏକାର୍ଯ୍ୟ କରିଅଛି ଏହାର ସାନଭାଇ ଅନ୍ୟ ଘରେ ଶୋଇଥିଲେ। ଗୋଳମାଳ ଶୁଣି ମାତାଙ୍କ ସାହାଯ୍ୟାର୍ଥ ଉଠି ଆସି ଘରେ ପ୍ରବେଶ ହେବାମାତ୍ରେକେ ବଡ ଭାଇ ତାହାର ମୁଣ୍ଡରେ ଏମନ୍ତ ଅସାଧ ପ୍ରହାର କଲା ଯେ ତହିଁରେ ସେ ମୂର୍ଚ୍ଛା ଯାଇ ପଡ଼ିଗଲା। ଅସାମୀ ଏଥିଉତ୍ତାରୁ ଉତ୍ତ୍ରାକ୍ତକଷ୍ଟ ପୋଷାକ ଦେଇ ମାଇଲେହୂରବର୍ତ୍ତୀ ଆପଣାର ଶ୍ୱଶୁରାଳୟକୁ ପଳାୟନ କଲା। ସାନଭାଇ ଅଚେତନ ପ୍ରାତଃକାଳରେ 'ମୂର୍ଚ୍ଛା ରୁ ଉଠି ପୁଲିସରେ ଏତଲା ଦେଲା ଏବଂ ଅସାମୀ ଧରାହୋଇ ବର୍ତ୍ତମାନ ବିଚାରାଧୀନରେ ଅଛି। ଏଭଳି ଦୁଷ୍ଟ କଳିକାଳରେ ଦେଖାଯିବା ଦୁର୍ଲଭ ନୁହଇ।

ମିଶରଦେଶ ତ୍ୟାଗ କରିବା ମର୍ମରେ ତୁରସ୍କର ସୁଲତାନ ଇଂରାଜ ଗବର୍ଣ୍ଣମେଣ୍ଟକୁ ପତ୍ର ଲେଖିଥିବାରୁ ସେ ବିଷୟ ପାର୍ଲିଆମେଣ୍ଟ ଖୋଲିଲେ ବିବେଚନା କରି ଉତ୍ତରଦେବା କାରଣ ମନ୍ତ୍ରୀବର ଲର୍ଡ ସାଲିସବରି ସୁଲତାନଙ୍କ ଉତ୍ତର ପଠାଇଅଛନ୍ତି।

ରୁଷିଆ ଦେଶର ଶସ୍ୟହାନି ହୋଇଅଛି ... ଦୁର୍ଭିକ୍ଷ ଜନିତ ଭୟଙ୍କର ଅକାଳ ଧାରଣ କରୁଅଛି ସମ୍ବାଦ ମିଳଇ। ଦେଶର ଅନେକ ସ୍ଥାନରେ ଲୋକମାନେ ଘାସପତ୍ର ଖାଇ ଜୀବନ ଧାରଣ କରୁଅଛନ୍ତି। କି ଭୟଙ୍କର!

ଶ୍ରୀ ଶ୍ରୀଧର ମୁଖୋପାଧ୍ୟାୟ ନାମକ ଜଣେ ସମ୍ଭ୍ରାନ୍ତ ହିନ୍ଦୁ ପ୍ରଚେତନ ମଦ୍ୟପାନ କରି ରାଜମାର୍ଗରେ ଗୋଳମାଳ କରୁଥିବା ହେତୁ ଶିଆଲଦହର ଡିପୋଟି ମେଜେଷ୍ଟରଙ୍କ ଅଦାଲତରେ ଅଭିଯୁକ୍ତ ହୋଇ ଟ ୪ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇ ଅଛନ୍ତି। ପ୍ରଶଂସିତ ମହାଶୟ କେଶ ଭାଗ୍ୟବାନ୍!

ଚୀନଦେଶର ଉତ୍ତର ଏବଂ ମଧ୍ୟପ୍ରଦେଶମାନଙ୍କରେ ବହୁସଂଖ୍ୟକ ପଙ୍ଗପାଳଦଳ ଦେଖା ଦେଇଥିବାର ସମ୍ବାଦ ମିଳଇ। ଏହା ଶୁଭଲକ୍ଷଣ ନୁହଇ।

ନବପ୍ରତିଷ୍ଠିତ ଧର୍ମ ମହାମଣ୍ଡଳର ପ୍ରସ୍ତାବିତ ସଂସ୍କୃତକଲେଜନିମିତ୍ତ କପୁରଥଲାର ଦେବାନ ମଥୁରାଦାସ ଟ ୨୫୦୦୦ ଙ୍କା ଗୁଦାପ୍ରଦାନ କରିଥିବାର ସମ୍ବାଦ ମିଳଇ। ଏହା ମହାନୁଭବତାର ପରିଚୟ।

ବଙ୍ଗଦେଶପ୍ରତିଷ୍ଠିତ ସନ୍ତ୍ରାନ୍ତ ସମିତିର ଉତ୍ତରବର୍ତ୍ତୀ ଗଭର୍ଣ୍ଣର ପଦରେ ଅସ୍ମାକଙ୍କର ପାର୍ଶ୍ୱବର୍ତ୍ତୀ କାଉନ୍ସେଲ ମହାମହାଶୟ ବରିତ ହୋଇଥିବାର ସମ୍ବାଦ ମିଳଇ। ଏହା ସାମାନ୍ୟ ଗୌରବର ବିଷୟ ନୁହଇ।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

---

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ!

ଏହି କଟକଜିଲ୍ଲା ପାଏକା ପ୍ରଗଣା ଫୁଲସା ଗ୍ରାମରେ ବହୁକାଳରୁ ମଙ୍ଗଳା ଠାକୁରାଣୀ ଏକ ଗଛମୂଳେ ରହିଥିଲେ। ବର୍ତ୍ତମାନ ସେହି ଗ୍ରାମନିବାସୀ କାହ୍ନୁ ତ୍ରିପାଠୀ ନାମରେ ଜଣେ ଗରିବ ବ୍ରାହ୍ମଣ ଅନେକ ସ୍ଥାନରୁ ମାଗିଯାଚି ପ୍ରାୟ ଟଙ୍କା ଶହେ ପାଞ୍ଚଶତ ପର୍ଯ୍ୟନ୍ତ ବ୍ୟୟ କରି ଉକ୍ତ ଠାକୁରାଣୀ ରହିବାପାଇଁ ଗୋଟିଏ ଦେଉଳ ତୋଳାଇ ଗତ ଋଷିଦିନେ ତହିଁର ପ୍ରତିଷ୍ଠା କରାଇ ତହିଁରେ ଠାକୁରାଣୀଙ୍କି ବିଜେ କରାଇ ଅଛନ୍ତି। ଏହା ଅବଶ୍ୟ ପ୍ରଶଂସାର ବିଷୟ ବୋଲିବାକୁ ହେବ ଯେହେତୁ ଧନବ୍ୟକ୍ତିମାନେ ଯାହା କରିବାକୁ ସାହସୀ ହୋଇ ପାରନ୍ତି ନାହିଁ ଜଣେ ଭିକ୍ଷୁକ ବ୍ରାହ୍ମଣଦ୍ୱାରା ତାହା ସାଧନ ହୋଇ ଅଛି।

ଆଉ ଶୁଣିବାରେ ସେହି ଠାକୁରାଣୀଙ୍କ ନୂତନ ଦେଉଳର ପ୍ରତିଷ୍ଠା କରାଇଦେବା ଖର୍ଚ୍ଚ ଶ୍ରୀ ରାଜା ବୈଦ୍ୟନାଥ ପଣ୍ଡିତ ମହାଶୟ ଗ୍ରହଣ କରି ତାହା ଯଥା ସାମାନ୍ୟରେ ସମାଧାନ କରାଇ ଆଉ ଠାକୁରାଣୀଙ୍କ ନିକଟରେ ରହିବା ଛତା, ଝାଳ ଆଦି କେତେକ ଉପକରଣ ପଦାର୍ଥ ଦେଇ ଅଛନ୍ତି ଏବଂ ସବୁ ଦେବାକୁ ସ୍ୱୀକୃତ ଅଛନ୍ତି। ଅତଏବ ଶ୍ରୀ ରାଜା ମହୋଦୟଙ୍କର ସେହି ଗରିବ ବ୍ରାହ୍ମଣର ଈଶ୍ୱର ସମସ୍ତ ମଙ୍ଗଳ ସାଧନ କରନ୍ତୁ।

। ଜ। ସ୍ୱଧର୍ମାନୁରାଗୀ।

---

ମହାଶୟ!

ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରନ୍ତୁ।

ଅନେକଦିନ ଦେଖି ଆସୁଅଛୁ ଯେ ଓଡ଼ିଆ ନବସମ୍ବାଦ ପତ୍ରିକାର ଶିରୋଦେଶରେ ମାହାଳଆମୁକୁନ୍ଦଦେବଙ୍କ ଅମୁକଅଙ୍କ ଲେଖା ହେଉଅଛି। କେଉଁ ମୁକୁନ୍ଦଦେବ ମାହାଳଆ କିଛି ବୁଝିପାରୁ ନାହିଁ କେବଳ ଏତିକି ଯେ ଆମ୍ଭ ଓଡ଼ିଶାରେ ସ୍ୱଗୀ ମହାରାଜାଙ୍କର ଅଙ୍କ ପ୍ରଚଳିତ। ତେବେ ସେହି ବୋଧ ହୁଏ ମାହାଳଆ। ଆଉ କଉଡ଼ିଦିଆ ମୁକୁନ୍ଦଦେବ କିଏ? ମୁକୁନ୍ଦଦେବଙ୍କର ଏପରି ବିଶେଷଣ ଦେଇ ପତ୍ରିକାର ଶିରୋଦେଶରେ ଲେଖି ବିଖ୍ୟାତକରିବାଦ୍ୱାରା ସମ୍ପାଦକଙ୍କର କଉଦେଶ୍ୟ ସାଧନ ହେଉଅଛି ମୁଁ କ୍ଷୁଦ୍ରମନରେ ଭାବିପାରୁ ନାହିଁ। ଅଥଚ ମଧ୍ୟ ସେ ପତ୍ରିକା ଆରମ୍ଭରୁ ସେହିପରି ଲେଖି ଆସୁଥିବା ସ୍ଥଳେ ଅନେକ ମହାତ୍ମାମାନଙ୍କର ଗୋଚର ହୋଇ ମଧ୍ୟ ଆଜିପର୍ଯ୍ୟନ୍ତ ଉପେକ୍ଷିତ ନ ହୋଇ ଥିବାରୁ ମୁଁ ସାହସ କରି କହିପାରୁ ନାହିଁ ଏପରି ଲେଖା ଅନୁଚିତ। କେବଳ ମାହାଳଆ ବିଶେଷଣଟି ମର୍ଯ୍ୟାଦାସୂଚକ ହେଲାପରି ବୋଧ ହେଉ ନାହିଁ। ମହାରାଜାଙ୍କ ଅଙ୍କ ଆଦର ସହିତ ଶିରୋଦେଶରେ ଲେଖି ଏପରି ବିଶେଷଣଟି ବଡ଼ ଅଡ଼ୁଆ ବୋଧ ହେଉଅଛି। ଯାହା ହେଉ ଏ ବିଷୟରେ ଆଉ ଅଧିକ କିଛି ଲେଖି ନ ପାରି ଏହି ପତ୍ରିକାର ସମ୍ପାଦକ ଓ ପାଠକ ଏବଂ ଓଡ଼ିଆ ନବସମ୍ବାଦର ସମ୍ପାଦକ ଓ ପାଠକମାନଙ୍କୁ ପ୍ରାର୍ଥନା କରୁଅଛୁ ଏ ବିଷୟର ଉଚିତାନୁଚିତ ବିବେଚନା କରି ପଦେ ଅଧେ କେହି କିଛି ଲେଖିଲେ ମୋମନରୁ ଭ୍ରମ ଘୁଞ୍ଚିଯିବ ଯେହେତୁ ଯାହାକୁ ଆଜିପର୍ଯ୍ୟନ୍ତ ପ୍ରଧାନବ୍ୟକ୍ତିମାନେ ଲେଖି ଆସୁଅଛନ୍ତି ଓ ପଢ଼ି ଆସୁଅଛନ୍ତି ତାହା ମତେ ଅସଙ୍ଗତ ବୋଧ ହୋଇଅଛି। ଇତି।

କେରବୋଇ }
୧୮।୮।୯୧ }

। ନ। ଶ୍ରୀ ମଧୁସୂଦନ
ବିଶାଳ

☞ ଯେଉଁମାନେ ବର୍ତ୍ତମାନ କାଳର ସତ୍ୟଚରିତ୍ରରେ ବର୍ତ୍ତି ଖର୍ବିତ ସରକାରଙ୍କଠାରୁ ପଦ ପାଇ ନାହାନ୍ତି ବୋଧ ହୁଅଇ ସେମାନଙ୍କୁ ଚିହ୍ନାଇବା ପାଇଁ 'ମାହାଳଆ' ବିଶେଷଣ ବ୍ୟବହାର ହୋଇପାରେ। ସଂ।

---

ମହାଶୟ,

ବିଗତ ତା ୧୧ ରିଖ ଜୁଲାଇ ୨୮ ସଂଖ୍ୟକ ଦୀପିକାର ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ ଆମ୍ଭର ପତ୍ରଉପରେ, ଆପଣଙ୍କ ସମ୍ପାଦକୀୟ ମତାମତ ପାଠକରି ଅତ୍ର ଗ୍ରାମର ହରିସଭାର ସମ୍ପାଦକ ମହୋଦୟ ଆମ୍ଭଙ୍କୁ ନିମ୍ନଲିଖିତ ସଭାସମ୍ପର୍କୀୟ କେତେକ ବିଷୟ ଆପଣଙ୍କୁ ଜଣାଇବା କାରଣ ଅନୁରୋଧ କରିବାରୁ ବର୍ତ୍ତମାନ ନିମ୍ନଲିଖିତ ସମ୍ବାଦମାନ ପ୍ରେରଣ କଲୁଁ। ଅନୁଗ୍ରହପୂର୍ବକ ଜନସାଧାରଣରେ ପ୍ରକାଶ କରି ବାଧିତ କରିବା ହେବେ।

୧—ସଭାର ନିୟମାନୁଯାୟୀ ଗତବର୍ଷ ପ୍ରତ୍ୟେକ ବୁଧବାର ଓ ଏକାଦଶୀରେ ସଭାର ସାଧାରଣ ବୈଠକମାନ ହୋଇଥିଲା। ଏହାର କୌଣସି ବ୍ୟତିକ୍ରମ ହୋଇ ନାହିଁ। ପ୍ରତ୍ୟେକ ଅଧିବେଶନରେ ହାରାହାରି ପ୍ରାୟ ୧୫ ଜଣ ସଭ୍ୟ ଉପସ୍ଥିତ ଥିଲେ।

୨—ପୂର୍ବବର୍ଷ ଅପେକ୍ଷା ଗତ ବର୍ଷରେ ସଭ୍ୟସଂଖ୍ୟା ଜ ୨୦ ଣ ବୃଦ୍ଧି ହୋଇ ସର୍ବମୋଟ ୪୦ ଜଣ ସଭ୍ୟ ହୋଇଅଛନ୍ତି।

Split by PDF Splitter
Digitized by srujanika@gmail.com

୩—ସମାଲୋଚିତ ବର୍ଷମଧ୍ୟରେ କେବଳ ଶ୍ରୀମଦ୍ଭାଗବତ ଓ ଶ୍ରୀଚୈତନ୍ୟଚରିତାମୃତ ପଠିତ ଓ ଚର୍ଚ୍ଚିତ ହୋଇଥିଲା ।

୪—ବର୍ଷମଧ୍ୟରେ ନିୟମିତ ସଭ୍ୟଙ୍କ ଛଡ଼ା ପ୍ରାୟ ୫୦।୬୦ ଜଣ ଅପରଗ୍ରାମବାସୀ ଶ୍ରୀମଦ୍ଭାଗବତ ଶ୍ରବଣ ଓ ପୁସ୍ତକାଦି ପାଠ କରୁଥିଲେ ।

୫—ସଭାରେ ଅଦ୍ୟପର୍ଯ୍ୟନ୍ତ ପ୍ରାୟ ସଂସ୍କୃତ ଓ ବଙ୍ଗଳା ୭୦ ଖଣ୍ଡ ପୁସ୍ତକ ସଂଗୃହୀତ ହୋଇଅଛି ।

୬—ଏହିବର୍ଷ ବା ପୂର୍ବବର୍ଷମାନଙ୍କରେ ଅଧିକ ବକ୍ତୃତା ହୋଇ ନାହିଁ । ସୁଦକ୍ଷ ପଣ୍ଡିତମାନଙ୍କର ଅଭାବହିଁ ଏହାର ପ୍ରଧାନ କାରଣ ଅଟେ । ପରନ୍ତୁ ସଭାର ଅର୍ଥ ବଳ ଏପରି ପ୍ରବଳ ନୁହେ ଯେ ସଭା ବିଦେଶରୁ ବକ୍ତା ଆହ୍ୱାନ କରି ବକ୍ତୃତା ଶୁଣାଇବେ । ଦୁଃଖର ବିଷୟ ସଭାଟି ଅନ୍ୟୁନ ୩ ବର୍ଷ ଜୀବିତ ରହିଥିଲେହେଁ ଏପର୍ଯ୍ୟନ୍ତ ଅର୍ଥାଭାବହେତୁ ଜଣେ ନିୟମିତ ପଣ୍ଡିତ ନିଯୁକ୍ତ କରିପାରି ନାହାନ୍ତି । କେବଳ ସ୍ଥାନୀୟ ଜନୈକ ପାରମାର୍ଥିକ ବ୍ୟକ୍ତି ଏପର୍ଯ୍ୟନ୍ତ ଶ୍ରୀମଦ୍ଭାଗବତାଦି ବ୍ୟାଖ୍ୟା କରି ଦୃଷ୍ଟାନ୍ତ ଅଛନ୍ତି । ସଭାଟିଦ୍ୱାରା ଯେ ଯଥେଷ୍ଟ ଉନ୍ନତି ସାଧିତ ହେଉଅଛି ତାହା ବୋଲିବା ବାହୁଲ୍ୟ ମାତ୍ର । ମଧ୍ୟ ସଭ୍ୟମାନେ ଭବିଷ୍ୟତରେ ଯଥେଷ୍ଟ ଅଧିକତର ମନୋଯୋଗ ଓ ଉତ୍ସାହୀ ହେଲେ ସଭାର କାର୍ଯ୍ୟ ଯେ କ୍ରମେ କ୍ରମେ ବିସ୍ତୃତ ହେବ ତାହାର ଆଉ ସନ୍ଦେହ କି? ବର୍ତ୍ତମାନ ସମ୍ପାଦକଙ୍କ କାର୍ଯ୍ୟପ୍ରଣାଳୀ ଓ ଉତ୍ସାହରୁ ଭବିଷ୍ୟତ ଉନ୍ନତିର ଆଶା ଦେଖି ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ କି ସଭାଟି ଦୀର୍ଘଜୀବନ ଲାଭକରି କ୍ରମେ କ୍ରମେ ଉନ୍ନତିମାର୍ଗରେ ଅଗ୍ରସର ହେଉ । ଇତି ।

| | |
|---|---|
| ଭୂଆଁପାଳ ହରିଭକ୍ତିପ୍ରଦାୟିନୀ ସଭା ୧୦।୮।୯୧ | ସମ୍ପାଦକଙ୍କ ଅନୁମତ୍ୟନୁସାରେ ବଶମ୍ବଦ ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଚନ୍ଦ୍ରନାଥ | ଉଦୟପୁର | ଟ ୩୧ |
| „ ସୁଦର୍ଶନ ମହାପାତ୍ର | ଲେକ୍ଷନପୁର | ଟ ୧୧ |
| ଶ୍ରୀ ଯୁବରାଜ ଗଙ୍ଗାଗୋବିନ୍ଦ ମୋହନ ଦେଓ ଦେବ ଗଙ୍ଗାପୁର | | ଟ ୩୧ |
| ବାବୁ ଧରେନ୍ଦ୍ର ମାହାନ୍ତି | | ଟ ୬୧ |
| ନବଙ୍ଗ ରାସବିହାରୀ ପଟ୍ଟନାୟକ | | ଟ ୩୧ |
| ବାବୁ ଭଗବାନ ଚନ୍ଦ୍ର ପାଲ | ଜୟପୁର | ଟ ୩୧ |
| „ ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ ରଘୁନାଥପୁର | | ଟ ୧୧ |
| „ ଚିନ୍ତାମଣି ଜେନା ମାଲିକ | | ଟ ୩୧ |
| „ କୃଷ୍ଣଚନ୍ଦ୍ର ମହାନ୍ତି ଦାସ | | ଟ ୭୧ |

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବନ୍ଦୋବସ୍ତକର୍ମଚାରୀଙ୍କ ଦ୍ୱାରା ଓୟାସିଲବାକୀ ଓ ତୌଜିପ୍ରଭୃତି କାଗଜାତ ନକଲ ଥିବାରୁ ଉକ୍ତକାଗଜାତ ପ୍ରସ୍ତୁତ କରିବାନିମନ୍ତେ ମାସିକ ୧୦୧ ଙ୍କା ବେତନରେ ଏକଜଣ ହେଡ୍‌ମୋହରିର ଓ ମାସିକ ୮୧ଙ୍କା ବେତନରେ ଜ ୫ ଣ ମୋହରିର ନିଯୁକ୍ତ ହେବାର ଅବଶ୍ୟକ ଯେଉଁମାନେ କୌଣସି ଜମିଦାରୀସିରସ୍ତା କିମ୍ବା ଖୁର୍ଦ୍ଧା, ଅନୁଗୁଳ ଓ ବାଙ୍କୀ ପ୍ରଭୃତି ବନ୍ଦୋବସ୍ତଅଫିସରେ କାର୍ଯ୍ୟ କରି ଆପଣା ଯୋଗ୍ୟତାନୁସାରେ ( Certificate ) ( ପ୍ରଶଂସାପତ୍ର ) ଲାଭ କରିଥିବେ ସେମାନେ ଏକସପ୍ତାହମଧ୍ୟରେ ଆପଣା ଦରଖାସ୍ତ ପ୍ରଶଂସାପତ୍ର ନକଲ ସହ ଅମୃର ମ୍ୟାନେଜରଙ୍କ ଅଫିସ ଏଜଗରସ୍ଥ ନାବାଳକ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥରାୟ ଚୌଧୁରୀ ନାବାଳଗ ଜମିଦାର ମହାଶୟଙ୍କ କୋଠାରେ ଦାଖଲ କରନ୍ତୁ ।

Nilratan Mukherjee
*In charge manager*
to the Estate of minor Zemindar
Babu N. N. Rai Chowdhury.

### ଛନ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଛନ୍ଦମାଳାର ଅର୍ଥପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେଙ୍କ ପ୍ରେସର ଓ ବାମଣ୍ଡା ସ୍ୱତନ୍ତ୍ର ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇସା ଟିକଟରେ ୩ ୧୬ ଖଣ୍ଡ ବହି ଡାକରେ ଯାଇପାରେ ।

## କଣ୍ଟଙ୍କ ଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅଳ୍ପକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କେଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେହ ବା ଇନସିଓରେନ୍ସ ପତ୍ର ଗୃହୀତ ହୁଏ ନାହିଁ ଏବଂ ପୋଷ୍ଟକାର୍ଡ଼ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ଦ୍ରବ୍ୟର ତଦସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ର ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁମାନେ ଆମ୍ଭମାନଙ୍କ ଅତଃପର ତଦସ୍ଥିତ ହେବାକୁ

Split by PDF Splitter
Digitized by srujanika@gmail.com

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର କାଳ, ରୋଗୀ ପୁରୁଷ ବା ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବସ୍ଥା, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ          ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ ୦୷ ନଭୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଃ ।

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୶, ଫାଷ୍ଟବୁକର ମାନେ ବହି ( ସୁଲଭ ଓ ପରିଶୁଦ୍ଧ ) ଟ ୦୶

ଧ୍ରୁବ ଚରିତ          ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଭୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସ୍ୱାସ୍ଥ୍ୟବାଘ ଇନଷ୍ଟିଟ୍ୟୁସନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସରୁ କେଶତତ୍ତ୍ୱ ଅନ୍ୱେଷଣ କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥୂଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୂ ଓ ଖଣ୍ଡିକାଦି ନଷ୍ଟ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ଶୂଳାନ୍ତକ—ନାମ ଶୂଳାଶ୍ରିତ ସତ୍ୟ ଏହା ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦନ୍ତକୀଟ ପକ୍ଷରେ ଶୂଳାଶନ ତୁଲ୍ୟ କାର୍ଯ୍ୟ କରେ, ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ଏଥିରେ ଅଣୁ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦନ୍ତ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବାର ମୂଲ୍ୟ ଛଅ ଅଣା ମାତ୍ର ।

୩ । ଶଳିଷ୍ମହାରଣୀ—ଏହା ଯଥାବିଧି ସେବନ କଲେ ବା ପ୍ରାଚୀନ ବା ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତିଶୂଳ ( ଅମାଶୟ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୪ । କୋଷ୍ଠଶୋଧକ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକର ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୁର୍ବଳତାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବଟିକା । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅବଲେହ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଧାତୁ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ଖାଜୁ, କଣ୍ଡୁ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ଦୂରୀଭୂତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଶୁଷ୍କଋତୁରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ରଣ ଓ ଖଣ୍ଡାଦି ଏହା ସେବନରେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଅଠଅଣା ।

କାଳୁଚଉକ, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

# ଘଡ଼ିମରାମତି ।

ନାନାପ୍ରକାର ଛୋଟ ବଡ଼ ଘଣ୍ଟାଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ଭେଟି କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଭାଙ୍ଗିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍ଟି ।

ଘଡ଼ିର ଚେଇନ କେଶ, ମୁଦ, ଷ୍ଟଡ୍ସ, ସ୍ଲିଭଲିଙ୍କ ଓ ଲକେଟ୍ସ୍ ଇତ୍ୟାଦି ଉପରଦେବାର ଓଗେର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାର ରୂପା ଅବା ସୁନାରେ; ରୂପାର ମୁଦ ଓଗେର ଅଳଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ ୧୪।୧୧।୮୯. } ଶ୍ରୀ ଗୌରିଶଙ୍କର ରାୟ

# ମେହରୋଗ ।

ତ୨୫ ଶ୍ମାନକ୍ଷରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କୁ ଉପାର୍ଜ୍ଜନ ଭୋଗ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ କରାଇ ଜୀବନର ମାୟା ପରିତ୍ୟାଗ କରନ୍ତୁ କି ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ଛାଡ଼ି ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉତ୍ପତ୍ତିରେ ପତନ ନ ହେଲେ ଆଉ ଯିବ ନାହିଁ । ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକରେ ପୁସ୍ତକାକାରେ ପ୍ରକାଶିତ ହେବ । କଲିକତା ଅପରସର୍କୁଲାର ରୋଡ଼ ଲଂ ମୂଲ୍ୟ କରନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୲ ଙ୍କା । ପ୍ୟାକିଙ୍ଗ ଓ ଡାକମାସୁଲ ପୃଥକ

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୭ ଖ | ସ ୩୬ ସଂଖ୍ୟା

ତା ୫ ଋଣ ମାହେ ସିପ୍ଟମ୍ବର ସନ ୧୮୯୧ ଇସିସ୍ବା । ମୁ । ଭାଦ୍ରବ ୨୨ ନ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩।୧
ଷଣ୍ମାସେବ ଟ ୨।୧

## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଅ ୪୫ ଭକ କ୍ରମାଗତ ସନ ୧୮୯୦ ସାଲର ଶେଷ ମାସ ତା ୧ ରଖପର୍ଯ୍ୟନ୍ତ ଯେସମସ୍ତ ଅଭନହାସ୍ ସଂଶୋଧନ ହୋଇଅଛି ତାହାସବୁ ମିଶି ଏକତ୍ରେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ ଡାକଖର୍ଚ୍ଚା ଟ ୦।୵ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରବେ ।

---

ଏଠା ଟେକାନାଅଦାଲତର ହୋଷ୍ଟଫିସ ଅପ ହରଣ ମୋକଦ୍ଦମାରେ ଲିପ୍ତ ଥିବା ଅନ୍ୟ ଅମଲା ଜଗନ୍ନାଥଦାସ୍ ଅପରାଧୀ ସାବ୍ୟସ୍ତ ହୋଇ ଗ୍ରହ- ବର୍ଷ କାରାବାସ ଓ ପାଞ୍ଚଶତ ଟଙ୍କା ଜରିମାନା ଏବଂ ତାହା ନ ଦେଲେ ଅରୁ ଏକବର୍ଷ କାରାବାସ ଦଣ୍ଡ ପାଇ ଅଛି ।

---

ମାନ୍ଦ୍ରାଜରୁ ଏକବ୍ୟକ୍ତି ଲେଖି ଅଛନ୍ତି ଯେ ଶରବ ପିଲ୍ଲାମାନଙ୍କୁ ଇଂରାଜୀ ଶିକ୍ଷା ଦେବା- କାରଣ ସେଠାରେ ଡିଗ୍ରେଜା ନାମରେ ଯେଉଁ ବିଦ୍ୟାଳୟ ସ୍ଥାପିତ ହୋଇଅଛି ତହିଁରେ ଏଣ୍ଣ- ମଧ୍ୟରେ ଜ ୭୨ ଣ ଛାତ୍ର ହୋଇ ଅଛନ୍ତି ଓ ଶିକ୍ଷାବିଭାଗର ପରିଦର୍ଶକମାନେ ଏଥିର ଅବସ୍ଥା ଦେଖି ସନ୍ତୋଷ ପ୍ରକାଶ କରି ଅଛନ୍ତି । ଏବି- ଦ୍ୟାଳୟର ମାନେଜିଂ କମିଟୀ ମାସିକ ଟ ୨୦୦୲ ସାହାଯ୍ୟ ସରକାରଙ୍କ ଠାରୁ ପ୍ରାର୍ଥନା କରି ଅଛନ୍ତି । ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ସରକାର ଏପ୍ରାର୍ଥନା ଶୀଘ୍ର ଗ୍ରାହ୍ୟ କରବେ ।

---

ଗତମାସ ଶେଷଭାଗରେ ପୁନା ନଗରରେ ଗୋଟିଏ ଶିଳ୍ପସମିତି ବସି ଥିଲା ଏବଂ ବମ୍ବେଇ ପ୍ରଦେଶର ନାନା ସ୍ଥାନରୁ ଦୁଇଶତରୁ ଅଧିକ ପ୍ରତିନିଧି ଏ ସମିତିରେ ଉପସ୍ଥିତ ହୋଇ ଥିଲେ ଦେଶୀୟଲୋକ ଛଡ଼ା ଅନେକ ମାନ୍ୟଗଣ୍ୟ ଇଂ- ରାଜ ଏସମିତିରେ ଉପସ୍ଥିତ ହୋଇ ରଚନା ପାଠ ଓ ବକ୍ତୃତାଦ୍ୱାରା ଯୋଗ ପ୍ରଦାନ କର ଥିଲେ । ହାଇଦରାବାଦର କପ୍ତାନ ହୋବାର୍ଟ ଏହି ସମିତିର ସଭାପତି ମନୋନୀତ ହୋଇ ସୁଚାରୁ- ରୂପେ କାର୍ଯ୍ୟ ନିର୍ବାହ କର ଥିଲେ । ଭାରତ- ବର୍ଷର ଶିଳ୍ପଉନ୍ନତି ଉଦ୍ଦେଶ୍ୟରେ କେତେ- ଗୁଡିଏ ଗୁରୁତର ପ୍ରସ୍ତାବ ଏ ସମିତିରେ ଧାର୍ଯ୍ୟ ହୋଇ ଅଛି । ଭରସା କରୁଅଛି ଏହାଦ୍ୱାରା ଅମ୍ଭମାନଙ୍କର ଉପକାର ହେବ ।

---

ସଞ୍ଜୀବନୀରୁ ଅବଗତ ହେଲୁଁ ଯେ ଢାକା- ଜିଲ୍ଲାର ବାବୁ ସୌହୃଣୀକାନ୍ତ ନାଗ କଲିକତା ଆର୍ଟସ୍କୁଲରେ ଦକ୍ଷତାର ପଢ଼ି ଏକବର୍ଷରୁ ଅଧିକ ହେବ ଇଟାଲୀଦେଶକୁ ଚିତ୍ରବିଦ୍ୟା ଶିକ୍ଷାନିମନ୍ତେ ଯାଇ ରୋମର 'ରଏଲଏକାଡେମି' ନାମକ ଚିତ୍ର- ବିଦ୍ୟାଳୟରେ ଶିକ୍ଷା କରୁଥିଲେ । ବାର୍ଷିକ ପରୀ- କ୍ଷାରେ ପ୍ରଥମ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରି ଗୋଟିଏ ରୌପ୍ୟପଦକ ପୁରସ୍କାର ଏବଂ ପ୍ରଶଂସାପତ୍ର ପାଇଅଛନ୍ତି । ଦେଶୀୟଲୋକମାନେ କେବଳ ଡାକ୍ତର ବାରିଷ୍ଟର ସିଭିଲିଆନ ଇତ୍ୟାଦି ହେବାପାଇଁ ବିଲାତକୁ ଯାଉଥିବାସ୍ଥଳେ ଜଣେ ବଙ୍ଗାଳି ଗୋଟିଏ ନୂତନ ବିଦ୍ୟା ଶିଖିବାକୁ ଯିବା ବଡ଼ ଆନନ୍ଦର ବିଷୟ ଅଟଇ । ସୌହୃଣୀବାବୁ ସ୍ୱଦେଶକୁ ଫେରିଆସିଲେ ଚିତ୍ରବିଦ୍ୟାର ଶିକ୍ଷକ- ସ୍ୱରୂପ ଅନେକ ଉନ୍ନତି କରିବାକୁ ସମର୍ଥ ହେବେ ।

---

କଲିକତାରେ ଯୁବକତତ୍ତ୍ୱବୋଧିନୀ ସମିତି ନାମରେ ଯେଉଁ ନୂତନ ସଭା ସ୍ଥାପିତ ହୋଇ ଅଛି ତହିଁର ଏକ ଅଧିବେଶନ ଗତମାସ ତା ୧୩- ରିଖରେ ସଂସ୍କୃତକଲେଜରେ ହୋଇ ଥିଲା । ଏଥିରେ ଏମ, ଏ, ଓ ବି, ଏ, ଉପାଧିଧାରୀ ଜ ୩୧ ଣ ଏବଂ ଉକ୍ତ ନଗରର କେତେ ଜଣ ମାନ୍ୟ ଗଣ୍ୟ ଲୋକ ଉପସ୍ଥିତ ଥାଇ ସ୍ଥିରକଲେ କି ସମିତିର କାର୍ଯ୍ୟ ତିନଭାଗରେ ବିଭକ୍ତ ହେବ ଏବଂ ଏକ୨ ଭାଗ ଏକ୨ଜଣ ଅଧିନାୟକଙ୍କ ଅଧୀନରେ ରହିବ, ଯଥା—୧ମ, ବ୍ୟାୟାମ—ଶ୍ରୀଯୁକ୍ତ ନ ସାହେ ବଙ୍କ ଅଧୀନରେ; ୨ୟ, ସାହିତ୍ୟଚର୍ଚ୍ଚା—ଶ୍ରୀଯୁକ୍ତ

Digitized by srujanika@gmail.com

Split by PDF Splitter



ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅଧୀନରେ; ଏବଂ ତୃତୀୟ, ଉତ୍ତରର ପଦ୍ଧତି—ବାବୁ ପ୍ରତାପଚନ୍ଦ୍ର ମଜୁମଦାରଙ୍କ ଅଧୀନରେ । ଯେ କୌଣସି ବ୍ୟକ୍ତି ବାର୍ଷିକ ଅଠଣା ଦେବା ଦେବ ସେ ଏହି ସମିତିର ସଭ୍ୟ ହୋଇ ପାରିବ । ସଭ୍ୟମାନେ ସ୍ୱେଚ୍ଛାମତେ ସମିତିର କୌଣସି ଏକ ବିଭାଗ ଅଥବା ସମସ୍ତ ବିଭାଗରେ ଯୋଗ ଦେଇ ପାରିବେ ।

---

ମଧ୍ୟପ୍ରଦେଶରେ ଭୂମିକର ବନ୍ଦୋବସ୍ତ ସମ୍ବନ୍ଧରେ ଘୋର ଅସନ୍ତୋଷ ଜାତ ହୋଇଅଛି । ଏଥିମଧ୍ୟରେ ଉକ୍ତ ପ୍ରଦେଶର ଚିଫ୍ କମିଶ୍ନର ବିଳାସପୁରକୁ ଆସିଥିବାରୁ ତାହାଙ୍କ ନିକଟରେ ଏତଦ୍ବିଷୟରେ ଏକ ଅବେଦନପତ୍ର ଦାଖଲ ହୋଇଥିଲା । ଏଥିରେ ମାଲଗୁଜାର ଇତ୍ୟାଦି ପ୍ରାୟ ୩ ସହସ୍ର ଲୋକ ଦସ୍ତଖତ କରିଥିଲେ ଏବଂ କେତେକ ଭଦ୍ରଲୋକ ଏକତ୍ରିତ ହୋଇ ଏହି ଅବେଦନପତ୍ର ପ୍ରଦାନ କରିଥିଲେ । ପ୍ରଧାନ କମିଶ୍ନର ମହୋଦୟ ସକଳ କଥା ଶୁଣି ବନ୍ଦୋବସ୍ତ ଯେ କଠିନ ହୋଇଅଛି ବୋଲି ସ୍ୱୀକାର କଲେ ମଧ୍ୟ ତାହା ଅପରିହାର୍ଯ୍ୟ ବୋଲି ଅବେଦନ ଅଗ୍ରାହ୍ୟ କଲେ । ଏଥିରେ ସେଠା ଜମିଦାର ଓ ପ୍ରଜାମାନେ ନିତାନ୍ତ ହତାଶ ହୋଇଅଛନ୍ତି । ବନ୍ଦୋବସ୍ତ ସମ୍ବନ୍ଧରେ ପ୍ରଜାଙ୍କର ଗଡ଼ାଉର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ନ କରି ଏପରି ଟାଣ ହେବା ଭଲ ହୋଇ ନାହିଁ । ରାଜା ନ ଶୁଣିଲେ ପ୍ରଜାମାନେ ଆଉ କାହାଠାରେ ଦୁଃଖ ଜଣାଇବେ ।

---

ମାନ୍ଦ୍ରାଜର ହାଇକୋର୍ଟ ଏହି ମର୍ମରେ ଏକ ସାଧାରଣ ଆଦେଶ ଜାରି କରି ଅଛନ୍ତି ଯେ ମୁନସଫମାନେ ଅପଣା୨ ପଦୋନ୍ନତି ବା ବଦଳି କଥା କହିବା ସକାଶେ ହାଇକୋର୍ଟର ଜଜମାନଙ୍କ ସହିତ ସାକ୍ଷାତ କରି ପାରିବେ ନାହିଁ ଅର୍ଥାତ୍ ସାକ୍ଷାତ ସମୟରେ ସେପରି କିଛି କଥା କହିବାର ନିଷେଧ ହେଲା । ସେସମ୍ବନ୍ଧରେ ସେମାନେ ଅପଣା ଅଭିପ୍ରାୟ ଲିଖିତ ଦରଖାସ୍ତଦ୍ୱାରା ନିୟମିତ ମର୍ମରେ ପଠାଇ ପାରିବେ । ଏଥିସଙ୍ଗେ ଜିଲ୍ଲା ଜଜସାହେବମାନଙ୍କ ପ୍ରତି ଆଦେଶ ହୋଇ ଅଛି ଯେ ସେମାନେ କୌଣସି ମୁନସଫର ଉନ୍ନତି କିମ୍ବା ବଦଳି ସକାଶେ ଗୋପନୀୟ ସରକାରୀ ପତ୍ର ହାଇକୋର୍ଟକୁ ଲେଖିବେ ନାହିଁ । ମାନ୍ଦ୍ରାଜ ହାଇକୋର୍ଟର ଏ ଅଦେଶମାନ ବଡ଼ ହିତକର ଅଟଇ । ଏପରି ନିୟମ ଭାରତବର୍ଷର ସକଳ ପ୍ରଦେଶରେ ଜାରି ହେବା ଉଚିତ । ଉପରୋଧ ଅନୁରୋଧ ଶୁଣିବା ନିରପେକ୍ଷ ବିଚାରର ବ୍ୟାଘାତଜନକ ଅଟଇ । ଏଥିପାଇଁ ହାଇକୋର୍ଟ ତାହା ସବୁ ରହିତ କରି ଅଛନ୍ତି ବଡ଼ ସୁଖକର ଅଟଇ ।

---

ଅନେକ ଦିନ ହେଲା କଲିକତାରେ ଗୋଟିଏ ମୁଦ୍ରାଯନ୍ତ୍ରସମିତି ସ୍ଥାପିତ ହେବାର କଥା ହେଉଥିଲା । ସମ୍ପ୍ରତି ତାହା କାର୍ଯ୍ୟରେ ପରିଣତ ହେବାର ସମ୍ବାଦ ପାଇଁ ଅମ୍ଭେମାନେ ଅତ୍ୟନ୍ତ ଅନନ୍ଦିତ ହେଲୁଁ । ଦେଶୀୟ ଲୋକଙ୍କଦ୍ୱାରା ଚାଳିତ ହେଉଥିବା ଇଂରାଜୀ ବା କୌଣସି ଦେଶୀୟଭାଷାର ସମ୍ବାଦପତ୍ରମାନଙ୍କର ଦୋଷ ପରିହାର କରି ଗୌରବ ବୃଦ୍ଧି କରିବା ଏବଂ ସ୍ୱତନ୍ତ୍ରତା ରକ୍ଷା କରିବା ଏ ସଭାର ଉଦ୍ଦେଶ୍ୟ ଅଟଇ । ଅନେକ ସମ୍ବାଦପତ୍ରର ଅଧିକାରୀ ଏବଂ ସମ୍ପାଦକମାନେ ଏ ସଭାର ସଭ୍ୟ ହୋଇଅଛନ୍ତି । ନିୟମାବଳୀ ପ୍ରସ୍ତୁତ ହେଉଅଛି । ତାହା ସାଧାରଣରେ ପ୍ରକାଶ ହେଲେ ସମସ୍ତ ଜଣାଯିବ । କେହି୨ ସ୍ୱାର୍ଥପରଲୋକ ଏହାକୁ ବଙ୍ଗବାସୀମୋକଦ୍ଦମାର ଗୋଟିଏ ଫଳ ବୋଲି ଲେଖିଅଛନ୍ତି ଏହା କହିବା ଅନ୍ୟାୟ କାରଣ ଏ ପ୍ରସ୍ତାବର କଳ୍ପନା ବହୁଦିନରୁ ହୋଇଥିଲା । ଅମ୍ଭେମାନେ ଅଶା କରୁଁ କି ଏ ସମିତିର ନିୟମାବଳୀ ପ୍ରକାଶ ହେଲେ ବଙ୍ଗପ୍ରଦେଶର ସମସ୍ତ ସମ୍ବାଦପତ୍ର ଏଥିରେ ଯୋଗ ଦେବାକୁ ପ୍ରବୃତ୍ତ ହେବେ ।

---

ଗତ ସପ୍ତାହରେ ଏ ନଗରରେ ଗୋଟିଏ ସାଳ ମହରମପର୍ବ ହୋଇ ଥିଲା । ବକସିବଜାରରେ ବିଶେଷତଃ ଦକ୍ଷିଣି ମୁସଲମାନମାନେ ୩।୪ ଖଣ୍ଡ ତାଜିୟା ପ୍ରସ୍ତୁତ କରି ଗତ ପୂର୍ବ ଶୁକ୍ରବାର ରାତ୍ରରେ ଜଗଲସିଂହପୁର ଅଖଡ଼ା ସଙ୍ଗେ ବାହାର କରି ଥିଲେ । ତହିଁ ମଧ୍ୟରୁ ଦୁଇଖଣ୍ଡ ତାଜିୟା କଦମରସୁଲ ପର୍ଯ୍ୟନ୍ତ ଅସିଥିଲା । ସେଠାରେ କିଛିକ୍ଷଣ ଅଖଡ଼ା ଖେଳ ହେଲା ଉତ୍ତାରୁ ଏକଖଣ୍ଡ ବକସିବଜାରକୁ ଫେରି ଗଲା ଓ ଅନ୍ୟଖଣ୍ଡ ବାଲୁବଜାର ବାଟେ ବୁଲି ଗଲା । ତହିଁ ଅରଦିନ ଶନିବାର ସାୟଂକାଳରେ ସମାରୋହ ପୂର୍ବକ ସବୁ ତାଜିୟା ପାଣିକି ଗଲେ । ନିୟମିତ ମୋହରମ ପର୍ବର ଦ ୧୫ ଦିନ ଉତ୍ତାରୁ ଆଉ ଗୋଟିଏ ମୋହରମ ଏ ନଗରରେ କେବେ ଦେଖା ନ ଥିଲା ଏବଂ ନୂତନ ଦୃଶ୍ୟ ଅନେକଙ୍କୁ ଅଶ୍ଚର୍ଯ୍ୟ ବୋଧ ହେଲା । କଥିତ ହୁଅଇ ଯେ ଏହା ହୌତଅପିରଙ୍କ ତାଜିୟା । ଦକ୍ଷିଣ ପ୍ରଦେଶରେ ଏ ପ୍ରଥା ବହୁକାଳରୁ ପ୍ରଚଳିତ ଅଛି । ଦକ୍ଷିଣି ମୁସଲମାନମାନେ ଏଥର ଏ ନଗରରେ ତାହା ପ୍ରକାଶ କଲେ । ହୌତଅପିରଙ୍କର ସବିଶେଷ ବୃତ୍ତାନ୍ତ ଅମ୍ଭେମାନେ ନ ଜାଣୁଁ । ଅନୁମାନ ହୁଅଇ ହୌତଅ ନାମରେ କେହି ବଶିଷ୍ଟ ଧାର୍ମିକ ବ୍ୟକ୍ତିର ସ୍ମରଣାର୍ଥ ଏ ପର୍ବ ହୋଇ ଅଛି ଅଥବା ତାଙ୍କରେ ହୌତ ହେଲେ ଜାତ ପର୍ବ ହୋଇ ପାରେ ଏଥିପାଇଁ ହୌତଅ ନାମରେ ଏହା ବିଖ୍ୟାତ ହୋଇ ଅଛି ।

---

ପାରିକୁଦର ଲବଣ ଯୋଗାନ ବନ୍ଦ ହେବାରୁ ସେଠା ପ୍ରଜାଙ୍କର ଯେ ପରିମାଣ କଷ୍ଟ ହୋଇ ଅଛି ତାହା ଅମ୍ଭେମାନେ ପୁନଃ୨ ସର୍ବସାଧାରଣଙ୍କୁ ଜଣାଇ ଅଛୁଁ । ଲୁଣ ଯୋଗାନ କରିବା ଭିନ୍ନ ଏଠା ଲୋକଙ୍କର ପ୍ରାଣଧାରଣର ଅନ୍ୟ ଉପାୟ ନାହିଁ । ଲୁଣ ଜାଗାରେ ଯେତେ ଉପାୟ କଲେ ମଧ୍ୟ ଫସଲ ହେବାର ଆଶା ଅଳ୍ପ ଏବଂ ପ୍ରଜାମାନେ ଦୁଃଖ ପାଇବାରୁ ରାଜାଙ୍କର ଆୟ ଊଣା ହୋଇ ଅଛି ସୁତରାଂ ବନ୍ଧ ଓ ମଧୁର ଜଳର ବନ୍ଦୋବସ୍ତ କରିବା ଅର୍ଥାଭାବ । ପ୍ରଜାମାନେ ଅପଣା ଦୁଃଖ ଜଣାଇ ଲବଣଯୋଗାନର ଅନୁମତି ସକାଶେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କୁ ଅବେଦନ କରି ଥିଲେ ମାତ୍ର ଦୁଃଖର ସହିତ ଅବଗତ ହେଲୁଁ ଯେ ତହିଁରେ କିଛି ଫଳ ହେଲା ନାହିଁ । କେଉଁ ହେତୁରେ କର୍ଣ୍ଣେଲ ସର୍ ଇଲିୟଟ ବାହାଦୁର ପାରିକୁଦର ପ୍ରଜାଙ୍କ ଯୁକ୍ତିସଙ୍ଗତ ଅବେଦନ ଅଗ୍ରାହ୍ୟ କଲେ ଅମ୍ଭେମାନେ କହି ନ ପାରୁଁ । ଅମ୍ଭମାନଙ୍କର ଧାରଣା ଯେ ସ୍ଥାନୀୟ ହାକିମମାନେ ପ୍ରଜାଙ୍କର ପ୍ରକୃତ ଦୁରବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ତ୍ରୁଟି କରି ଅଛନ୍ତି । ଏଥିପାଇଁ ଅମ୍ଭେମାନେ ପାରିକୁଦପ୍ରଜାଙ୍କୁ ପରାମର୍ଶ ଦେଉଅଛୁଁ କି ସେମାନେ ହତାଶ ନ ହୋଇ ଅମ୍ଭମାନଙ୍କ କମିଶ୍ନର ଶ୍ରୀଯୁକ୍ତ ଟୈଏନବି ସାହେବଙ୍କ ଯୋଗେ ପୁନର୍ବାର ଅବେଦନ କରନ୍ତୁ । ଏଥିରେ ଅବଶ୍ୟ ଫଳ ହେବ । ଲୁଣ ଯୋଗାନ ବ

Digitized by srujanika@gmail.com